# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୯/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 9/2025 Page 14 ₹ 7.00

୫୧ଶ ଭାଗ ୨୫୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 255 ମୂଲ୍ୟ ₹୭/-





## ସଂକ୍ଷେପରେ

### ଚାଇନାରେ ବର୍ଷା, ଭୂସ୍ଖଳନରେ ୧୭ ମୃତ

ବେଜିଂ, ୮।୮ (ପି.ଟି.)

ଚାଇନାର ବିଭିନ୍ନ ସ୍ଥାନରେ ଗତ ୪୮ ଘଣ୍ଟା ମଧ୍ୟରେ ଲଗାଣ ବର୍ଷା ଏବଂ ଭୂସ୍ଖଳନ ଘଟି ୧୭ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩୩ ଜଣ ନିଖୋଜ ରହିଛନ୍ତି। ଏନେଇ ଚାଇନାର ସରକାରୀ ଗଣମାଧ୍ୟମ ଏଜେନ୍ସି ଜିନ୍‌ହୁଆ ପକ୍ଷରୁ ସୂଚନା ଦିଆଯାଇଛି। ଉତ୍ତର-ପଶ୍ଚିମ ଚାଇନାର ଗାନ୍ସୁ ପ୍ରଦେଶର ପାହାଡ଼ିଆ ଅଞ୍ଚଳରେ ଭୂସ୍ଖଳନ ଘଟି ୧୦ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୩ ଜଣ ନିଖୋଜ ହୋଇଛନ୍ତି। ସେହିପରି ଦକ୍ଷିଣ ଚାଇନାର ଗୁଆଙ୍ଗଡୋଙ୍ଗ୍ ପ୍ରଦେଶର ରାଜଧାନୀ ଗୁଆଙ୍ଗ୍‌ଝୋରେ ଲଗାଣ ବର୍ଷା ଯୋଗୁ ଭୂସ୍ଖଳନ ଘଟି ୭ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଆହତ ହୋଇଛନ୍ତି। ଉଦ୍ଧାର କାର୍ଯ୍ୟକୁ ତ୍ୱରିତ କରିବା ପାଇଁ ଚାଇନା ରାଷ୍ଟ୍ରପତି ସି ଜନପିଙ୍ଗ୍ ସ୍ଥାନୀୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

### ୨୦୨୯ ମାର୍ଚ୍ଚ ସୁଦ୍ଧା ଭାରତର ତୃତୀୟ ଲଞ୍ଚ୍‌ପ୍ୟାଡ୍

ନୂଆଦିଲ୍ଲୀ, ୮।୮

୨୦୨୯ ମାର୍ଚ୍ଚ ସୁଦ୍ଧା ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରେ ଭାରତର ତୃତୀୟ ଲଞ୍ଚ୍‌ପ୍ୟାଡ୍ କାର୍ଯ୍ୟକ୍ଷମ ହେବ। ଏହାସହ ମହାକାଶ କ୍ଷେତ୍ରରେ ଭାରତର ଶକ୍ତି ଆହୁରି ବୃଦ୍ଧି ହେବ ବୋଲି ଶୁକ୍ରବାର ମହାକାଶ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଭାରତର ପରବର୍ତ୍ତୀ ପିଢ଼ିର ଲଞ୍ଚ୍ ଯାନଗୁଡ଼ିକର ଉତ୍‌କ୍ଷେପଣ ନିମନ୍ତେ ଏହି ତୃତୀୟ ଲଞ୍ଚ୍‌ପ୍ୟାଡ୍ ଏକ ପ୍ରାଥମିକ ସ୍ଥାନ ଭାବରେ କାର୍ଯ୍ୟ କରିବ ଏବଂ ଏଲ୍‌ଭିଏମ୍୩ ଭଳି ବିଦ୍ୟମାନ ଭାରି ଲଞ୍ଚ୍ ଯାନର ଉତ୍‌କ୍ଷେପଣ ନିମନ୍ତେ ଏହା ବ୍ୟାକ୍‌ଅପ୍ ଭାବେ କାର୍ଯ୍ୟ କରିବ। ୨୦୨୮ ମେ' ସୁଦ୍ଧା ଏହି ଲଞ୍ଚ୍‌ପ୍ୟାଡ୍‌ର ନିର୍ମାଣ କାର୍ଯ୍ୟ ସମାପ୍ତ ହେବ, ଜୁଲାଇ ସୁଦ୍ଧା ଏହାର ଫ୍ଲୁଇଡ୍ ସିଷ୍ଟମ ଏବଂ ପ୍ରପେଲାଣ୍ଟ ଷ୍ଟୋରେଜ୍ ସ୍ଥାପନ ହେବ।

# ଗାଜା ଦଖଲ ଯୋଜନାକୁ ଇସ୍ରାଏଲ୍‌ର ମଞ୍ଜୁରୀ

ଜେରୁଜେଲମ୍, ୮।୮ (ପି.ଟି.)

ଗାଜାର ଶାସକ ହମାସ୍ ଆତଙ୍କବାଦୀଙ୍କ ବିରୋଧରେ ୨୨ ମାସ ଧରି ଯୁଦ୍ଧ ଚଳାଇଥିବା ଇସ୍ରାଏଲ୍ ଏବେ ଗାଜା ସିଟିକୁ ସମ୍ପୂର୍ଣ୍ଣ ସେନା ଅକ୍ତିଆରକୁ ନେବା ପାଇଁ ଯାଉଛି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ଏହି ଯୋଜନାକୁ ଦେଶର ସୁରକ୍ଷା କ୍ୟାବିନେଟ୍ ମଞ୍ଜୁରୀ ପ୍ରଦାନ କରିଛି। ଏଭଳି ନିଷ୍ପତ୍ତି ଫଳରେ ସେଠାରେ ଉତ୍ତେଜନା ଆହୁରି ବଢ଼ିବାକୁ ଯାଉଛି। ତୁରନ୍ତ ଯୁଦ୍ଧ ବନ୍ଦ କରିବା ସହ ଗାଜାରେ ରହିଯାଇଥିବା ଅବଶିଷ୍ଟ ୫୦ ପ୍ରତିଶତ ପଣବନ୍ଦୀଙ୍କୁ ଫେରାଇଆଣିବା ଦାବିରେ ଇସ୍ରାଏଲ୍‌ରେ ସରକାର ବିରୋଧୀ ବିକ୍ଷୋଭ ବ୍ୟାପକ ରୂପ ନେଇଥିବା ସତ୍ତ୍ୱେ ଗାଜା ସିଟି ଅକ୍ତିଆର ପାଇଁ ନେତାନ୍ୟାହୁ ବିବାଦୀୟ ନିଷ୍ପତ୍ତି ନେଇଛନ୍ତି। ନିର୍ଣ୍ଣାୟକ ସଂଖ୍ୟାଗରିଷ୍ଠ ସୁରକ୍ଷା କ୍ୟାବିନେଟ୍ ମନ୍ତ୍ରୀମାନଙ୍କ ବିଶ୍ୱାସ ଯେ, ବିକଳ୍ପ ଯୋଜନା ହମାସ୍‌କୁ ପରାଜିତ କରିବା କିମ୍ବା ପଣବନ୍ଦୀଙ୍କୁ ଫେରାଇଆଣିବାରେ ସଫଳ ହେବ ନାହିଁ। ତେବେ ବିକଳ୍ପ ଯୋଜନା କ'ଣ ତାହା ସ୍ପଷ୍ଟ ହୋଇନାହିଁ। ସୁରକ୍ଷା କ୍ୟାବିନେଟ ମଞ୍ଜୁରୀ ଦେଇଥିବା ଯୋଜନାରେ ୫ଟି ସିଦ୍ଧାନ୍ତ ରହିଛି। ସେଗୁଡ଼ିକ ହେଲା ହମାସ୍‌କୁ ଅସ୍ତ୍ରଶୂନ୍ୟ କରିବା, ସମସ୍ତ ପଣବନ୍ଦୀଙ୍କୁ ଫେରାଇ ଆଣିବା, ଗାଜାକୁ ସାମରିକୀକରଣରୁ ମୁକ୍ତ କରିବା, ଗାଜାକୁ ଇସ୍ରାଏଲୀ ସୁରକ୍ଷା ନିୟନ୍ତ୍ରଣରେ ରଖିବା ଏବଂ ହମାସ୍ କିମ୍ବା ପାଲେଷ୍ଟିନୀୟ କର୍ତ୍ତୃପକ୍ଷ ବିନା ଏକ ନାଗରିକ ପ୍ରଶାସନ ସ୍ଥାପନ କରିବା। ଗାଜା ସିଟିକୁ ନିୟନ୍ତ୍ରଣକୁ ନେବା ଲାଗି ଇସ୍ରାଏଲୀ ସେନା ପ୍ରସ୍ତୁତି ଚଳାଇଥିବା ନେତାନ୍ୟାହୁଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।


ଗାଜା ଷ୍ଟ୍ରିପ୍ ସୀମାରେ ଇସ୍ରାଏଲୀ ସୈନ୍ୟ ସାମରିକ ଉପକରଣଗୁଡ଼ିକୁ ଏକାଠି କରିବା ସହ ଏକ ଯାନ ଉପରେ ଛିଡ଼ାହୋଇଛନ୍ତି।

ଗାଜା ନିୟନ୍ତ୍ରଣ ପାଇଁ ଇସ୍ରାଏଲ୍‌ର ନିଷ୍ପତ୍ତିକୁ ଜାତିସଂଘ ଦୃଢ଼ ବିରୋଧ କରିଛି। ତୁରନ୍ତ ଏହି ଯୋଜନା ପ୍ରତ୍ୟାହାର କରିନେବା ପାଇଁ ଜାତିସଂଘ ମାନବାଧିକାର ମୁଖ୍ୟ ଭୋଲ୍‌କେର ଟୁର୍କ କହିଛନ୍ତି। ଏହା ବଦଳରେ ଇସ୍ରାଏଲ୍ ପୂରାଦମ୍‌ରେ ମାନବୀୟ ସହାୟତା ଯୋଗାଇ ଦେବା ସହ ପାଲେଷ୍ଟିନୀୟ ସଶସ୍ତ୍ର ଗୋଷ୍ଠୀ ବିନା ସର୍ତ୍ତରେ ପଣବନ୍ଦୀଙ୍କୁ ମୁକ୍ତ କରିଦେବା ଉଚିତ ବୋଲି ସେ କହିଛନ୍ତି। ଚାଇନା ଏବଂ ଜର୍ମାନୀ ମଧ୍ୟ ଇସ୍ରାଏଲ୍‌ର ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ଗାଜା ବିରୋଧରେ ବ୍ୟବହାର ପାଇଁ ଜର୍ମାନୀର ସାମରିକ ସରଞ୍ଜାମ ରପ୍ତାନିକୁ ଅନୁମତି ଦେବ ନାହିଁ ବୋଲି ଏହାର ଚାନ୍‌ସେଲର ଫ୍ରେଡ୍‌ରିଚ୍ ମେର୍ଜ କହିଛନ୍ତି। ଗାଜା ସିଟି ଦଖଲ ସମ୍ପର୍କରେ ଇସ୍ରାଏଲୀ କ୍ୟାବିନେଟ୍ ଘୋଷଣା କରିବା ପରେ ବହୁ ଦଶନ୍ଧି ଧରି ଏହାକୁ ସମର୍ଥନ କରିଆସିଥିବା ଜର୍ମାନୀ ପ୍ରଥମେ ଅସ୍ତ୍ର ରପ୍ତାନି ବନ୍ଦ କରିବ ବୋଲି କହିଛି।

## ୩୦ ହଜାର କୋଟିର ଏଲ୍‌ପିଜି ସବ୍‌ସିଡିକୁ କ୍ୟାବିନେଟ୍ ମଞ୍ଜୁରୀ

ନୂଆଦିଲ୍ଲୀ, ୮।୮

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ୫୨,୬୬୭ କୋଟିର ଆବଣ୍ଟନକୁ ମଞ୍ଜୁରୀ ମିଳିଛି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକୁ ୩୦ ହଜାର କୋଟିର ଏଲ୍‌ପିଜି ସବସିଡିକୁ ମଞ୍ଜୁରୀ ମିଳିଥିବା କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଛନ୍ତି। ଦେଶର ମଧ୍ୟବିତ୍ତ ପରିବାରଗୁଡ଼ିକ ପାଇଁ ଘରୋଇ ଏଲ୍‌ପିଜି ଗ୍ୟାସ୍‌ର ଦରକୁ ଶସ୍ତା ଓ ସୁଲଭ କରିବା ଉଦ୍ଦେଶ୍ୟରେ କ୍ୟାବିନେଟ ଏହି ନିଷ୍ପତ୍ତି ନେଇଛି। ସେହିପରି ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାକୁ ସୁଦୃଢ଼ କରିବା ପାଇଁ ୧୨,୦୬୦ କୋଟି ଟଙ୍କାର ପ୍ୟାକେଜକୁ ମଞ୍ଜୁରୀ ମିଳିଛି। ଶିକ୍ଷା କ୍ଷେତ୍ରରେ ବୈଷୟିକ ପ୍ରତିଷ୍ଠାନର ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୪୨୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଆସାମ ଓ ତ୍ରିପୁରାର ବିକାଶ ପାଇଁ ୪୨୫୦ କୋଟିର ଉନ୍ନୟନ ପ୍ୟାକେଜକୁ ମଞ୍ଜୁରୀ ମିଳିଛି।

# ଇସିଙ୍କ ସତ୍ୟପାଠ ଆହ୍ୱାନକୁ ନିନ୍ଦାକଲେ ରାହୁଲ

ନୂଆଦିଲ୍ଲୀ, ୮।୮

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ପୁନର୍ବାର 'ଭୋଟ ଚୋରି' ଅଭିଯୋଗକୁ ଦୋହରାଇବା ସହ ନିର୍ବାଚନ କମିଶନ (ଇସି)ଙ୍କଠାରୁ ସମ୍ପୂର୍ଣ୍ଣ ଇଲେକ୍ଟ୍ରୋନିକ୍ ଭୋଟର ତାଲିକା ଦାବି କରିଛନ୍ତି। ବେଙ୍ଗାଲୁରୁରେ 'ଭୋଟ ଅଧିକାର ରାଲି'କୁ ସମ୍ବୋଧିତ କରି ରାହୁଲ କହିଛନ୍ତି, ସେ ପାର୍ଲାମେଣ୍ଟ ଭିତରେ ସମ୍ବିଧାନ ଉପରେ ଶପଥ ନେଇଥିଲେ। ଏବେ ଭୋଟ ଚୋରି ଅଭିଯୋଗ ଉପରେ ଇସି ତାଙ୍କୁ ଶପଥ ନେବାକୁ କହୁଛନ୍ତି। ନିର୍ବାଚନ କମିଶନଙ୍କ ଏଭଳି ଆହ୍ୱାନକୁ କଂଗ୍ରେସ ନେତା ନିନ୍ଦା କରିଛନ୍ତି। ସୂଚନାଯୋଗ୍ୟ, ବିଭିନ୍ନ ରାଜ୍ୟରେ ଭୋଟର ତାଲିକାରେ ଜାଲିଆତି କରାଯାଇ ବହୁସଂଖ୍ୟାରେ ନିର୍ବାଚନ ପୂର୍ବରୁ ନୂଆ ଭୋଟରଙ୍କୁ ସାମିଲ କରାଯାଇଥିବା କିମ୍ବା ବାଦ୍ ଦିଆଯାଇଥିବା ରାହୁଲ ଅଭିଯୋଗ କରିଥିଲେ। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ରାହୁଲ ଏକ ସ୍ୱାକ୍ଷରିତ ଘୋଷଣାନାମା ସହ ଉକ୍ତ ନାଁଗୁଡ଼ିକୁ ଶେୟାର କରିବା ପାଇଁ ୩ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଗୁରୁବାର କହିଥିଲେ। ନିର୍ବାଚନ ନିୟମାବଳୀ ଓ ଆଚରଣ ଅନୁଯାୟୀ ସ୍ୱାକ୍ଷରିତ ଘୋଷଣାନାମା ସହ ନୂଆ ସାମିଲ ହୋଇଥିବା ବା ବାଦ୍ ପଡ଼ିଥିବା ଭୋଟରଙ୍କ ତାଲିକା ଦେବା ଆବଶ୍ୟକ, ନଚେତ୍ ସେ ଦେଶବାସୀଙ୍କୁ ବିଭ୍ରାନ୍ତ କରିବା ବନ୍ଦ କରନ୍ତୁ ଓ ଭିତ୍ତିହୀନ ଅଭିଯୋଗ ଆଣିବାରୁ କ୍ଷାନ୍ତ ରୁହନ୍ତୁ ବୋଲି ଇସି ସୂତ୍ରରୁ କୁହାଯାଇଥିଲା।


ବେଙ୍ଗାଲୁରୁରେ ଶୁକ୍ରବାର ଅନୁଷ୍ଠିତ 'ଭୋଟ ଅଧିକାର ରାଲି'ରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସହ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟ, ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର, ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଓ ରଣଦୀପ୍ ସିଂ ସୁର୍ଜେୱାଲା ପ୍ରମୁଖ ଯୋଗ ଦେଇଛନ୍ତି।

## ଗୁଣ୍ଡା ଭଳି କାର୍ଯ୍ୟ କରିପାରିବନି ଇଡି

### ଆଇନ ପରିସୀମାରେ ରହି କାମ କରିବାକୁ ପଡ଼ିବ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮।୮

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଗୁଣ୍ଡାଙ୍କ ଭଳି କାର୍ଯ୍ୟ କରିପାରିବ ନାହିଁ। ଏହି କେନ୍ଦ୍ରୀୟ ଅର୍ଥନୈତିକ ଗୋଇନ୍ଦା ସଂସ୍ଥାକୁ ଆଇନର ପରିସୀମା ଭିତରେ ରହି କାମ କରିବାକୁ ପଡ଼ିବ ବୋଲି ଗୁରୁବାର ସୁପ୍ରିମକୋର୍ଟ କଡ଼ା ଚେତାବନୀ ଦେଇଛନ୍ତି।

ସୁପ୍ରିମକୋର୍ଟ ୨୦୨୨ ଜୁଲାଇରେ ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ଇଡିର କ୍ଷମତାକୁ ବଳବତ୍ତର ରଖିଥିଲେ। ଆବେଦନକାରୀ ବିଜୟ ମଦନଲାଲ ଚୌଧରୀ ଏହାର ପୁନର୍ବିଚାର ପାଇଁ ସର୍ବୋଚ୍ଚ ଅଦାଲତଙ୍କ ଦ୍ୱାରସ୍ଥ ହୋଇ ଇଡିର ଗିରଫଦାରି, ତଲାସି ଓ ବାଜ୍ୟାପ୍ତି କ୍ଷମତାର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରିଛନ୍ତି। ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଉଜ୍ଜ୍ୱଳ ଭୂୟାଁ ଏବଂ ଏନ୍. କୋଟିଶ୍ୱର ସିଂ ରିଭ୍ୟୁ ପିଟିଶନର ଶୁଣାଣି ବେଳେ ଜଷ୍ଟିସ୍ ଭୂୟାଁ ଏଜେନ୍ସିର ପ୍ରଦର୍ଶନକୁ ନେଇ ଚିନ୍ତାବ୍ୟକ୍ତ କରିବା ସହ କହିଛନ୍ତି, ଇଡି ଗତ ୫ ବର୍ଷରେ ପ୍ରାୟ ୫,୦୦୦ ଏନ୍‌ଫୋର୍ସମେଣ୍ଟ କେସ୍ ଇନ୍‌ଫର୍ମେଶନ୍ ରିପୋର୍ଟ (ଇସିଆଇଆର୍) ରୁଜୁ କରିଥିବାବେଳେ ଦଣ୍ଡବିଧାନ ହାର ୧୦%ରୁ କମ୍ ରହିଥିବା ସେ ନିଜର ଏକ ପୂର୍ବ ରାୟରେ ଜାଣିବାକୁ ପାଇଛନ୍ତି। ଇଡିର ଭାବମୂର୍ତ୍ତିକୁ ନେଇ ମଧ୍ୟ ସୁପ୍ରିମକୋର୍ଟ ଚିନ୍ତିତ। ଯଦି ଲୋକେ ୫ରୁ ୬ ବର୍ଷ ଧରି ଜେଲରେ ରହିବା ପରେ ଦୋଷମୁକ୍ତ ହେଉଛନ୍ତି, ତେବେ ଏହାର ଉତ୍ତରଦାୟିତ୍ୱ କିଏ ନେଉଛି ବୋଲି ଜଷ୍ଟିସ୍ ଭୂୟାଁ ପ୍ରଶ୍ନ କରିଛନ୍ତି। ଇଡି ଏବଂ କେନ୍ଦ୍ର ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ଏସ୍.ଭି. ରାଜୁ ଯୁକ୍ତି ବାଢ଼ିଥିଲେ, ଆବେଦନକାରୀଙ୍କ ରିଭ୍ୟୁ ପିଟିଶନ ଶୁଣାଣିଯୋଗ୍ୟ ନୁହେଁ। ବାସ୍ତବରେ ଏହା ହେଉଛି ପୂର୍ବ ରାୟ ବିରୋଧରେ 'ଛଦ୍ମ ଅପିଲ'।

## ବିଏନ୍‌ଏସ୍‌ରେ ଥିବା ଦେଶଦ୍ରୋହ ବ୍ୟବସ୍ଥାର ବୈଧତାକୁ ଚ୍ୟାଲେଞ୍ଜ

### କେନ୍ଦ୍ରକୁ ଜବାବ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୮।୮ (ପି.ଟି.)

ଉପନିବେଶୀୟ ଯୁଗର ଆଇନ ବଦଳରେ ୨୦୨୩ରେ ଅଣାଯାଇଥିବା ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍)ରେ ରହିଥିବା ଦେଶଦ୍ରୋହ ଆଇନର ସାମ୍ବିଧାନିକ ବୈଧତାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ସର୍ବୋଚ୍ଚ ଅଦାଲତ ଏହାକୁ ଅନୁଧ୍ୟାନ କରିବା ନିମନ୍ତେ ଶୁକ୍ରବାର ରାଜି ହୋଇଥିବାବେଳେ କେନ୍ଦ୍ର ସରକାରଙ୍କୁ ଏହା ଉପରେ ଜବାବ ମାଗିଛନ୍ତି। ବିଶିଷ୍ଟ ସେବା ମେଡାଲ ପାଇଥିବା ଅବସରପ୍ରାପ୍ତ ମେଜର ଜେନେରାଲ ଏସ୍.ଜି. ଭୋମ୍ବାଟକେରେ ବିଏନ୍‌ଏସ୍‌ରେ ଥିବା ଧାରା ୧୫୨ (ଦେଶଦ୍ରୋହ)ର ସାମ୍ବିଧାନିକ ବୈଧତାକୁ ଚ୍ୟାଲେଞ୍ଜ କରି ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍) ଦାଖଲ କରିଥିଲେ। ପ୍ରଧାନ ବିଚାରପତି ବି.ଆର୍. ଗବଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଏନ୍.ଭି. ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଉକ୍ତ ପିଆଇଏଲ୍ ଉପରେ କେନ୍ଦ୍ରକୁ ନୋଟିସ୍ ଜାରି କରିଛନ୍ତି। ପୂର୍ବରୁ ରହିଥିବା ଭାରତୀୟ ଦଣ୍ଡ ସଂହିତା (ଆଇପିସି)ର ଧାରା ୧୨୪ଏ (ଦେଶଦ୍ରୋହ)କୁ ନେଇ ବିଚାରାଧୀନ ଥିବା ପିଟିଶନକୁ ମଧ୍ୟ ଏଥିରେ ଯୋଡ଼ିବା ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।

ଦେଶର ସାର୍ବଭୌମତ୍ୱ, ଏକତା ଏବଂ ଅଖଣ୍ଡତା ପ୍ରତି ବିପଦ ସୃଷ୍ଟି କରୁଥିବା କାର୍ଯ୍ୟ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ବିଏନ୍‌ଏସ୍‌ରେ ଧାରା ୧୫୨ର ବ୍ୟବସ୍ଥା ରହିଛି। ଏହି କାର୍ଯ୍ୟରେ ଲିପ୍ତ ବ୍ୟକ୍ତିଙ୍କୁ ଆଜୀବନ ଜେଲଦଣ୍ଡ କିମ୍ବା ୭ ବର୍ଷ ପର୍ଯ୍ୟନ୍ତ କାରାବାସ ଓ ଅର୍ଥଦଣ୍ଡରେ ଦଣ୍ଡିତ କରାଯାଇଥାଏ।

# ଫେସ୍‌ବୁକ୍ ଫ୍ରେଣ୍ଡ୍ ରିକ୍ୱେଷ୍ଟରୁ ୮୦ ବର୍ଷୀୟଙ୍କୁ ୮.୭ କୋଟି ଠକେଇ

ମୁମ୍ବାଇ, ୮।୮

ମହାରାଷ୍ଟ୍ରର ମୁମ୍ବାଇରେ ଜଣେ ୮୦ ବର୍ଷୀୟ ବ୍ୟକ୍ତି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଫେସ୍‌ବୁକ୍‌ରେ ଜଣେ ଅଜଣା ମହିଳାଙ୍କ ଫ୍ରେଣ୍ଡ୍ ରିକ୍ୱେଷ୍ଟ ଗ୍ରହଣ କରି ୨ ବର୍ଷ ମଧ୍ୟରେ ୮.୭ କୋଟି ଟଙ୍କା ଠକେଇର ସମ୍ମୁଖୀନ ହୋଇଛନ୍ତି। ଜଣେ ବ୍ୟକ୍ତି ନିଜକୁ ୪ ଭିନ୍ନ ମହିଳାଙ୍କ ପରିଚୟ ଦେଇ ୭୩୪ ଥର ଅନ୍‌ଲାଇନ ଟଙ୍କା ନେଣଦେଣ ମାଧ୍ୟମରେ ବୃଦ୍ଧ ବ୍ୟକ୍ତିଙ୍କୁ ୮.୭ କୋଟି ଟଙ୍କା ଠକିଛନ୍ତି।

ଗତ ଏପ୍ରିଲ ୨୦୨୩ରେ ଶାର୍‌ଭି ନାମ୍ନୀ ଜଣେ ଅଜଣା ମହିଳାଙ୍କୁ ବୃଦ୍ଧ ବ୍ୟକ୍ତି ଜଣଙ୍କ ଫେସ୍‌ବୁକ୍‌ରେ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇଥିଲେ। ଶାର୍‌ଭି ପ୍ରଥମେ ବୃଦ୍ଧ ବ୍ୟକ୍ତିଙ୍କ ବନ୍ଧୁତା ନିବେଦନକୁ ଅସ୍ୱୀକାର କରିଥିଲେ। ତେବେ କିଛିଦିନ ପରେ ସେ ବୃଦ୍ଧ ବ୍ୟକ୍ତିଙ୍କୁ ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଇଥିଲେ, ଯାହାକୁ ବୃଦ୍ଧ ଜଣକ ଗ୍ରହଣ କରିନେଇଥିଲେ। ଏହାପରେ ଉଭୟେ ପ୍ରଥମେ ଫେସ୍‌ବୁକ ଓ ପରେ ହ୍ୱାଟ୍ସଆପ୍‌ରେ ଚାଟିଂ କରିବା ଆରମ୍ଭ କରିଥିଲେ। ସେ ନିଜ ସ୍ୱାମୀଙ୍କଠାରୁ ଅଲଗା ହୋଇଯାଇଛନ୍ତି ଏବଂ ନିଜ ପିଲାଙ୍କ ସହ ଏକା ରହୁଥିବା ନେଇ ଶାର୍‌ଭି ବୃଦ୍ଧ ଜଣଙ୍କୁ କହିଥିଲେ। ଧୀରେ ଧୀରେ ପିଲାଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ନ ଥିବା କହି ସେ ବୃଦ୍ଧ ବ୍ୟକ୍ତିଙ୍କଠାରୁ ଟଙ୍କା ନେବା ଆରମ୍ଭ କରିଥିଲେ। ଏହାର କିଛିଦିନ ପରେ କବିତା ନାମ୍ନୀ ଜଣେ ମହିଳା ହ୍ୱାଟ୍ସଆପ୍‌ରେ ବୃଦ୍ଧ ବ୍ୟକ୍ତିଙ୍କୁ ମେସେଜ୍ କରିଥିଲେ। ସେ ଶାର୍‌ଭିଙ୍କୁ ଜାଣିଛନ୍ତି ଏବଂ ତାଙ୍କ ସହ ବନ୍ଧୁତା କରିବାକୁ ଚାହୁଁଛନ୍ତି ବୋଲି କବିତା ବୃଦ୍ଧ ବ୍ୟକ୍ତିଙ୍କୁ କହିଥିଲେ। ବୃଦ୍ଧ ବ୍ୟକ୍ତିଙ୍କ ବିଶ୍ୱାସ ଏବଂ ସ୍ନେହ ଜିତିବା ପାଇଁ କବିତା ତାଙ୍କୁ ଅଶ୍ଳୀଳ ମେସେଜ୍ ପଠାଉଥିଲେ। ଶାର୍‌ଭିଙ୍କ ପରି ସେ ମଧ୍ୟ ପିଲାଙ୍କ ଚିକିତ୍ସା ଆଳରେ ବୃଦ୍ଧ ବ୍ୟକ୍ତି ଜଣଙ୍କୁ ଟଙ୍କା ମାଗିବା ଆରମ୍ଭ କରିଦେଇଥିଲେ। ଗତବର୍ଷ ଡିସେମ୍ବରରେ ବୃଦ୍ଧ ବ୍ୟକ୍ତି ଜଣଙ୍କୁ ଦିନାଜ୍ ନାମ୍ନୀ ଜଣେ ମହିଳା ମେସେଜ୍ କରିଥିଲେ। ସେ ନିଜକୁ ଶାର୍‌ଭିଙ୍କ ଭଉଣୀର ପରିଚୟ ଦେଇଥିଲେ। ଶାର୍‌ଭିଙ୍କ ମୃତ୍ୟୁ ହୋଇଯାଇଛି ଏବଂ ମୃତ୍ୟୁ ପୂର୍ବରୁ ସେ ତାଙ୍କ ହସ୍ପିଟାଲ ବିଲ୍ ବହନ କରିବେ ବୋଲି ଶାର୍‌ଭୀ କହିଥିବା ନେଇ ଦିନାଜ୍ ବୃଦ୍ଧ ବ୍ୟକ୍ତିଙ୍କୁ କହିଥିଲେ। ଦିନାଜ୍ ଶାର୍‌ଭି ଏବଂ ବୃଦ୍ଧ ବ୍ୟକ୍ତିଙ୍କ ମଧ୍ୟରେ ହୋଇଥିବା ହ୍ୱାଟ୍ସଆପ୍ ଚାଟ୍‌ର ସ୍କ୍ରିନ୍‌ସଟ୍ ପଠାଇ ଟଙ୍କା ପୈଠ କରିବାକୁ ବୃଦ୍ଧ ବ୍ୟକ୍ତିଙ୍କୁ ଧମକ ଦେଇଥିଲେ। ଯେତେବେଳେ ବୃଦ୍ଧ ଜଣଙ୍କ ଦିନାଜ୍‌ଙ୍କୁ ଟଙ୍କା ଫେରସ୍ତ ମାଗିଲେ, ସେ ଆତ୍ମହତ୍ୟାର ଧମକ ଦେଇଥିଲେ। ଏହାର କିଛିଦିନ ମଧ୍ୟରେ ଯସ୍ମିନ୍ ନାମ୍ନୀ ଜଣେ ମହିଳା ବୃଦ୍ଧ ବ୍ୟକ୍ତିଙ୍କୁ ମେସେଜ୍ କରିଥିଲେ। ସେ ଦିନାଜ୍‌ଙ୍କ ବାନ୍ଧବୀ ଏବଂ ଅସୁବିଧାରେ ପଡ଼ିଥିବାରୁ ତାଙ୍କୁ ଟଙ୍କା ଆବଶ୍ୟକ ବୋଲି ଯସ୍ମିନ୍ କହିଥିଲେ। ବୃଦ୍ଧ ଜଣଙ୍କ ତାଙ୍କୁ ମଧ୍ୟ ଟଙ୍କା ଦେଇଥିଲେ।

୨୦୨୩ ଏପ୍ରିଲରୁ ୨୦୨୫ ଜାନୁଆରୀ ପର୍ଯ୍ୟନ୍ତ ୨୧ ମାସ ମଧ୍ୟରେ ବୃଦ୍ଧ ଜଣଙ୍କ ୭୩୪ ଥର ଅନ୍‌ଲାଇନ ଟଙ୍କା ଦେଣନେଣ ମାଧ୍ୟମରେ ୪ ମହିଳାଙ୍କୁ ସମୁଦାୟ ୮.୭ କୋଟି ଟଙ୍କା ଦେଇଥିଲେ। ନିଜର ସବୁ ସଞ୍ଚୟ ସରିଯିବା ପରେ ସେ ତାଙ୍କ ବୋହୂଙ୍କଠାରୁ ୨ ଲକ୍ଷ ଟଙ୍କା ଋଣ ନେଇ ଯସ୍ମିନ୍‌ଙ୍କୁ ଦେଇଥିଲେ। ତେବେ ଯସ୍ମିନ୍‌ଙ୍କ ଦାବି ବଢ଼ି ଚାଲିଥିଲା। ଫଳରେ ବୃଦ୍ଧ ବ୍ୟକ୍ତି ଜଣଙ୍କ ନିଜ ପୁଅଙ୍କୁ ୫ ଲକ୍ଷ ଟଙ୍କା ମାଗିଥିଲେ। ସନ୍ଦେହ ବଢ଼ିବାରୁ ଘଟଣା ସମ୍ପର୍କରେ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ପୁଅ ପଚାରିଥିଲେ। ସେ ଏକ ସାଇବର ଠକେଇର ଶିକାର ହୋଇଥିବା ନେଇ ବୃଦ୍ଧ ବ୍ୟକ୍ତିଙ୍କୁ ତାଙ୍କ ପୁଅ କହିଥିଲେ। ନିଜର ସମସ୍ତ ସଞ୍ଚୟ ହରାଇ ସାରିଥିବା ଜାଣି ବୃଦ୍ଧ ବ୍ୟକ୍ତି ଜଣଙ୍କ ଉଦାସରେ ଡିମେନ୍ସିଆ ରୋଗରେ ପୀଡ଼ିତ ହୋଇଥିଲେ ଏବଂ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଗତ ଜୁଲାଇ ୨୨ରେ ବୃଦ୍ଧ ବ୍ୟକ୍ତି ଓ ତାଙ୍କ ପୁଅଙ୍କ ଅଭିଯୋଗ ଆଧାରରେ ମୁମ୍ବାଇ ସାଇବର କ୍ରାଇମ ପୋଲିସ ଏକ ମାମଲା ରୁଜୁ କରିଛି। ଘଟଣାକୁ ନେଇ ସାଇବର କ୍ରାଇମ ପୋଲିସର ତଦନ୍ତ ଜାରି ରହିଛି।





ଜମ୍ମୁର ଏକ ଅନାଥାଶ୍ରମରେ ବିଭିନ୍ନ ସ୍କୁଲ୍‌ର ପିଲାମାନେ ଶୁକ୍ରବାର ରକ୍ଷାବନ୍ଧନ ଉତ୍ସବ ପାଳନ କରୁଛନ୍ତି।

ଫୁର୍‌ସତ୍

# ୮୨ ବର୍ଷ ବୟସରେ ପ୍ରଥମ ଡ୍ୟାନ୍ସ ଶୋ'

ଏଡିନ୍‌ବର୍ଗ

ବୟସ କେବଳ ଏକ ସଂଖ୍ୟା। ଏହି ଉକ୍ତିକୁ ସ୍କଟ୍‌ଲାଣ୍ଡର ଏଡିନବର୍ଗ ନିବାସୀ କ୍ରିଷ୍ଟିନ୍ ଥ୍ରିନ୍ ପ୍ରମାଣିତ କରିଛନ୍ତି। ଆସନ୍ତା ସପ୍ତାହରେ ଏଡିନବର୍ଗ ଫ୍ରିଞ୍ଜ୍ ଫେଷ୍ଟିଭାଲରେ ସେ ନିଜ ପ୍ରଥମ ଏକକ ନୃତ୍ୟ ଶୋ' 'ଦିଜ୍ ମେକାନିଜମ୍ସ'କୁ ପ୍ରଦର୍ଶନ କରିବାକୁ ଯାଉଛନ୍ତି।

କ୍ରିଷ୍ଟିନ୍ ୬୮ ବର୍ଷ ବୟସରେ ପ୍ରଥମଥର ପାଇଁ ଏକ ଡ୍ୟାନ୍ସ କ୍ଲାସ୍‌ରେ ଯୋଗଦେଇଥିଲେ। ଏକଦା ସେ ଏଡିନବର୍ଗର ଗ୍ରାସ୍ ମାର୍କେଟ ଅଞ୍ଚଳରେ ବୁଲୁଥିବା ସମୟରେ ସ୍କଟ୍‌ଲାଣ୍ଡର ଜାତୀୟ ନୃତ୍ୟ କେନ୍ଦ୍ର 'ଡ୍ୟାନ୍ସ ବେସ୍'ର ଏକ ପ୍ରଚାର ପୁସ୍ତିକା ଦେଖିଥିଲେ। ଡ୍ୟାନ୍ସ ବେସ୍‌ରେ ୬୦ ବର୍ଷରୁ ଅଧିକ ବୟସ୍କ ଲୋକଙ୍କୁ ମାଗଣାରେ ନୃତ୍ୟ ପ୍ରଶିକ୍ଷଣ ଦିଆଯାଇଥାଏ ବୋଲି ସେ ଜାଣିବାକୁ ପାଇଥିଲେ। ତଥାପି ନିଜ ପରିଣତ ବୟସରେ ଉକ୍ତ ଡ୍ୟାନ୍ସ କ୍ଲାସ୍‌ରେ ଯୋଗଦେବାକୁ କ୍ରିଷ୍ଟିନ୍ ସଙ୍କୋଚ ବୋଧ କରିଥିଲେ। ତେବେ ପରେ ସେ ଉକ୍ତ ନୃତ୍ୟ ତାଲିମ କେନ୍ଦ୍ରରେ ଯୋଗ ଦେଇଥିଲେ।


କ୍ରିଷ୍ଟିନ୍ ଥ୍ରିନ୍

ଡ୍ୟାନ୍ସ ବେସ୍‌ରେ ତାଲିମ ନେବା ପରେ କ୍ରିଷ୍ଟିନ୍ ୬୦ରୁ ଅଧିକ ବର୍ଷ ବୟସର ଲୋକଙ୍କ ପାଇଁ ଥିବା ଡ୍ୟାନ୍ସ ଗ୍ରୁପ୍ 'ପ୍ରାଇମ'ର ଅଂଶ ହୋଇଥିଲେ। ନିଜର ଏକକ ଶୋ' ପାଇଁ ସେ ପ୍ରସିଦ୍ଧ କୋରିଓଗ୍ରାଫର ରୋବି ସିଞ୍ଜଙ୍କ ସହ କାମ କରୁଛନ୍ତି। ଆଗକୁ ସେ ନ୍ତର୍ଜାତୀୟ ସ୍ତରରେ ନିଜ ଡ୍ୟାନ୍ସ ଶୋ'କୁ ପ୍ରଦର୍ଶିତ କରିବାକୁ ଚାହୁଁଥିବା କ୍ରିଷ୍ଟିନ୍ କହିଛନ୍ତି। 'ଦିଜ୍ ମେକାନିଜମ୍ସ' ହେଉଛି ଏକ ଅଧ୍ୟବସାୟ, ଆନନ୍ଦ, ବିପଦର କାହାଣୀ। ମଣିଷ ୨୦ ବର୍ଷର ହୋଇଥିବା ବେଳେ ଯେଉଁ କାର୍ଯ୍ୟ କରିପାରିବ ୮୦ ବର୍ଷ ବୟସରେ ମଧ୍ୟ ଉକ୍ତ କାର୍ଯ୍ୟକୁ ସମ୍ପାଦନ କରିବାରେ ସକ୍ଷମ ହୋଇଥାଏ ବୋଲି ଦିଜ୍ ମେକାନିଜମ୍ସର ଥିମ୍ ରହିଛି। ସେ ନିଜ ନୃତ୍ୟ ପ୍ରଦର୍ଶନ ମାଧ୍ୟମରେ ମାନବ ଶରୀରର ବିଭିନ୍ନ ସୀମାକୁ ଦର୍ଶାଇବା ସହ ଉକ୍ତ କାହାଣୀକୁ ଜୀବନ୍ତ କରିବାକୁ ଚେଷ୍ଟା କରିବେ ବୋଲି କ୍ରିଷ୍ଟିନ୍ କହିଛନ୍ତି।

ଅବସର ପୂର୍ବରୁ କ୍ରିଷ୍ଟିନ୍ ଜଣେ ଫିଜିଓଥେରାପିଷ୍ଟ ଥିଲେ ଏବଂ ଶରୀରର ପ୍ରତ୍ୟେକ ଗତିବିଧିକୁ ଭଲ ଭାବେ ବୁଝୁଥିଲେ। ସେ ପିଲାବେଳେ ବାଲେଟ ଏବଂ ଟ୍ୟାପ୍ ନୃତ୍ୟ ଶିଖିଥିଲେ। ୧୯୮୦ ଦଶକରେ ତାଙ୍କର ଛାଡ଼ପତ୍ର ହୋଇଥିଲା। ଏହାପରେ ସେ ତାଙ୍କ ଜୀବନକୁ ପୁନର୍ବାର ନିର୍ମାଣ କରିଥିଲେ ଏବଂ ଜଣେ ଫିଜିଓଥେରାପିଷ୍ଟ ହୋଇଥିବାରୁ ଶରୀର ଗଠନ ଏବଂ ମସାଜ୍ ଆଦି ଉପରେ ଶିକ୍ଷା ପ୍ରଦାନ ଆରମ୍ଭ କରି ୨ ପୁଅଙ୍କର ଲାଳନପାଳନ କରିଥିଲେ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୯/୨୦୨୫ | Bhubaneswar, Saturday, August 9/2025 | ପୃଷ୍ଠା-୧






**ସ୍ୱଳ୍ପ ବୟସ୍କା ଏମ୍‌ବୋକୋ ଚାମ୍ପିୟନ**

ନ୍ୟାଶନାଲ ବ୍ୟାଙ୍କ୍ ଓପନ ମହିଳା ସିଙ୍ଗଲ୍ସ ଟେନିସ ଚାମ୍ପିୟନ ହୋଇଛନ୍ତି କାନାଡାର ୧୮ ବର୍ଷୀୟା ଭିକ୍ଟୋରିଆ ଏମ୍‌ବୋକୋ।

୧୨

୦୨

**'ନୋ ଏଣ୍ଟ୍ରି ୨'ରେ ଦିଲ୍‌ଜିତ**

ଅଭିନେତା ଦିଲ୍‌ଜିତ ଦୋସାଞ୍ଜ ୨୦୦୫ର ସୁପରହିଟ ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ 'ନୋ ଏଣ୍ଟ୍ରି ୨' ପାଇଁ ସାଇନ୍ କରିଛନ୍ତି।



# ୧୩ରେ ରାଜ୍ୟ କ୍ୟାବିନେଟ୍

## ଆସିପାରେ ୮ରୁ ଅଧିକ ପ୍ରସ୍ତାବ

ଭୁବନେଶ୍ୱର,୮।୮ (ରବିନାରାୟଣ ଜେନା)

ଅଗଷ୍ଟ ୧୩ରେ ରାଜ୍ୟ କ୍ୟାବିନେଟ୍‌ର ୨୪ତମ ବୈଠକ ଅନୁଷ୍ଠିତ ହେବ। ଲୋକସେବାଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ହେବାକୁ ଥିବା ଏହି କ୍ୟାବିନେଟ୍ ବୈଠକରେ ୭ ବିଭାଗର ୮ଟିରୁ ଊର୍ଦ୍ଧ୍ୱ ପ୍ରସ୍ତାବ ଆସିପାରେ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି। ସୂଚନା ଅନୁଯାୟୀ, ରାଜ୍ୟରେ ବନ୍ୟଜନ୍ତୁ ଓ ମଣିଷ ଲଢ଼େଇ ବୃଦ୍ଧି ପାଉଛି। ଜଙ୍ଗଲର ସୁରକ୍ଷା ସହିତ ବନ୍ୟପ୍ରାଣୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ବିଭାଗ ପକ୍ଷରୁ ଆସିବାକୁ ରହିଛି। ଏହାସହିତ ରାଜସ୍ୱ, ଅର୍ଥ, ଗୃହ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଧ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିପାରେ। ରାଜ୍ୟରେ ସମ୍ପ୍ରତି ଦେଖାଦେଇଥିବା ଆଇନଶୃଙ୍ଖଳା ସ୍ଥିତିକୁ କିଭଳି ନିୟନ୍ତ୍ରଣ କରାଯାଇପାରିବ ଏବଂ ମହିଳାଙ୍କୁ ସ୍ୱାବଲମ୍ବୀ ସହିତ ବୃଦ୍ଧାବୃଦ୍ଧଙ୍କୁ ନିରାପତ୍ତା ବଳୟ ଭିତରକୁ ଅଣାଯାଇପାରିବ ସେନେଇ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବରେ କ୍ୟାବିନେଟ୍ ବୈଠକ ମୋହର ମାରିବ ବୋଲି ଜଣାଯାଇଛି।

**ଆଜିର ସମ୍ପାଦକୀୟ**

ଗୁଞ୍ଜରଣର ପ୍ରଭାବ

# ପୋଲିସ ବୋଲି ଗିରଫ ହେଉନାହାନ୍ତି

## ନାବାଳିକାଙ୍କୁ ପ୍ରେମ ବିବାହ ପରେ ନିର୍ଯାତନା

ଜଗତ୍‌ସିଂହପୁର, ୮।୮ (ପ୍ରମୋଦ କୁମାର ନାୟକ)

**ଅଭିଯୁକ୍ତ ଏସ୍‌ଆଇଙ୍କୁ ଫେରାର ଦର୍ଶାଇଲେ ଏସ୍‌ପି**


ଅମିତ୍ ପାଢ଼ୀ

ଜଗତ୍‌ସିଂହପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରେମ ବିବାହ କରି ପରେ ପ୍ରତାରଣା କରିଛନ୍ତି ଜଣେ ପୋଲିସ ସବ୍ ଇନ୍ସପେକ୍ଟର (ଏସ୍‌ଆଇ)। ସେ ହେଉଛନ୍ତି ବାଲେଶ୍ୱର ଜିଲା ବାଲିଆପାଳ ଥାନା ରତେଇ ଗାଁର ଅମିତ୍ ପାଢ଼ୀ। ନାବାଳିକାଙ୍କ ଅଭିଯୋଗ ଅନୁଯାୟୀ, ସାମାଜିକ ଗଣମାଧ୍ୟମରୁ ପ୍ରେମ ଓ ପରେ ବିବାହ କରି ଅମିତ୍ ତାଙ୍କୁ ନିଜ ଘରେ ରଖିଥିଲେ। ମାତ୍ର ପରେ ନାବାଳିକାଙ୍କୁ ☞ପୃଷ୍ଠା-୨

# ଆଜି ୩ୟ କିସ୍ତି ସୁଭଦ୍ରା ଟଙ୍କା

ପଟ୍ଟାଙ୍ଗି,୮।୮ (ଶରତ କୁମାର ଧଳ)

ରାଜ୍ୟ ସରକାରଙ୍କ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ଶନିବାର ରକ୍ଷାବନ୍ଧନ ଅବସରରେ ପ୍ରଦାନ କରାଯିବ। ଜୟପୁରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ କୋଟିଏରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ଏହି ଟଙ୍କା ଦିଆଯିବ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତରେ ପହଞ୍ଚି ବିଭିନ୍ନ କାର୍ଯ୍ୟର ଶୁକ୍ରବାର ସମୀକ୍ଷା କରିଛନ୍ତି। ଜୟପୁର ବିମାନବନ୍ଦରରେ ପହଞ୍ଚିବା ପରେ ସେମିଳିଗୁଡା କଲେଜ ପ୍ରତିଷ୍ଠା ଦିବସରେ ଯୋଗଦେଇଥିଲେ। ଏହାପରେ କୋଟିଆରେ ନିର୍ଦ୍ଧାରିତ ସମୟର ୨ ଘଣ୍ଟା ବିଳମ୍ବରେ ପହଞ୍ଚିଥିଲେ। ସେଠାରେ ସୁଭଦ୍ରା ଯୋଜନାର ଦ୍ୱିତୀୟ କିସ୍ତିର ଲାଭ ପାଇଥିବା ୧୭୦୦ରୁ ଊର୍ଦ୍ଧ୍ୱ ☞ପୃଷ୍ଠା-୨

# ତାମିଲନାଡୁ ଆଣିଲା ନିଜସ୍ୱ ଶିକ୍ଷାନୀତି

**୨୦୨୦ ଜୁଲାଇ ୨୯ରେ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ନୂତନ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି) ଆଣିଥିଲା। ଭାରତର ଶିକ୍ଷା ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆଣି ଏକବିଂଶ ଶତାବ୍ଦୀରେ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ଛାତ୍ରୀଛାତ୍ରଙ୍କୁ ସକ୍ଷମ କରିବା ଲକ୍ଷ୍ୟରେ ଏନ୍‌ଇପି-୨୦୨୦ ପ୍ରଣୟନ କରାଯାଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଥିଲା। ତେବେ ଏଥିରେ ଥିବା ୩-ଭାଷା ସୂତ୍ରରେ ହିନ୍ଦୀକୁ ଅତ୍ୟଧିକ ଗୁରୁତ୍ୱ ଦିଆଯାଉଥିବାରୁ ଅନେକ ରାଜ୍ୟ ଏହାକୁ ବିରୋଧ କରିଆସୁଛନ୍ତି। ଏଦିଗରେ ସବା ଆଗରେ ଥିବା ତାମିଲନାଡୁ ପ୍ରଥମ ରାଜ୍ୟ ଭାବେ ଶୁକ୍ରବାର ନିଜସ୍ୱ ଶିକ୍ଷା ନୀତି ଆଣିଛି। ରାଜ୍ୟ ଶିକ୍ଷା ନୀତି (ଏସ୍‌ଇପି)ରେ ତାମିଲ ଓ ଇଂଲିଶ୍ ଭାଷାରେ ଶିକ୍ଷାଦାନର ବ୍ୟବସ୍ଥା ରହିଛି। କେନ୍ଦ୍ରର ଏନ୍‌ଇପି ସାମାଜିକ ନ୍ୟାୟବିରୋଧୀ ଏବଂ ଅଣହିନ୍ଦୀଭାଷୀ ରାଜ୍ୟଗୁଡ଼ିକ ଉପରେ ହିନ୍ଦୀକୁ ଲଦିଦେବା ପାଇଁ ଉଦ୍ଦିଷ୍ଟ ବୋଲି ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଏସ୍‌ଇପି ଅନାବରଣ ଅବସରରେ କହିଛନ୍ତି। ଷ୍ଟାଲିନ୍‌ଙ୍କ ଏହି ପଦକ୍ଷେପ ଅନ୍ୟ ରାଜ୍ୟଗୁଡ଼ିକୁ ନିଜସ୍ୱ ଶିକ୍ଷା ନୀତି ଆଣିବା ପାଇଁ ବାଟ ଦେଖାଇବ ବୋଲି କୁହାଯାଉଛି।**

## ଏନ୍‌ଇପିକୁ ଚ୍ୟାଲେଞ୍ଜ, ହିନ୍ଦୀକୁ ବିରୋଧ


ଚେନ୍ନାଇସ୍ଥିତ ଆନ୍ନା ସେଣ୍ଟେନାରି ଲାଇବ୍ରେରିରେ ଶୁକ୍ରବାର ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଓ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍ ରାଜ୍ୟ ଶିକ୍ଷାନୀତିକୁ ଅନାବରଣ କରୁଛନ୍ତି ।

ଚେନ୍ନାଇ,୮।୮(ପି.ଟି.)

କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି (ଏନ୍‌ଇପି) ବିରୋଧରେ ତାମିଲାନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ଶୁକ୍ରବାର ରାଜ୍ୟର ନୂଆ ଶିକ୍ଷାନୀତି ଉନ୍ମୋଚନ କରିଛନ୍ତି। କେନ୍ଦ୍ରର ଏନ୍‌ଇପି ସାମାଜିକ ନ୍ୟାୟ ବିରୋଧୀ ଥିଲା ଏବଂ ରାଜ୍ୟରେ ହିନ୍ଦୀ ଭାଷାକୁ ଲଦିଦେବା ଲକ୍ଷ୍ୟ ରହିଥିଲା ବୋଲି ଷ୍ଟାଲିନ୍ ଅଭିଯୋଗ କରିଛନ୍ତି। ରାଜ୍ୟରେ କେବଳ ତାମିଲ ଏବଂ ଇଂଲିଶ ଦ୍ୱିଭାଷୀ ନୀତି କାର୍ଯ୍ୟକାରୀ ହେବ। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପ୍ରସ୍ତୁତି ନିମନ୍ତେ ନୂଆ ରାଜ୍ୟ ଶିକ୍ଷାନୀତି (ଏସ୍‌ଇପି) ଅଣାଯାଇଥିବା ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି। ଏଥିରେ ବିଜ୍ଞାନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଏବଂ ଇଂଲିଶକୁ ପ୍ରାଧାନ୍ୟ ଦିଆଯାଇଛି।

ନୂଆ ଠିଠା ଶିକ୍ଷାନୀତି ପ୍ରସ୍ତୁତି ଲାଗି ୨୦୨୨ରେ ତାମିଲନାଡୁ ସରକାର ଅବସରପ୍ରାପ୍ତ ବିଚାରପତି ମୁରୁଗେସନଙ୍କ ଅଧ୍ୟକ୍ଷତାରେ ୧୪ ଜଣିଆ କମିଟି ଗଠନ କରିଥିଲେ। କମିଟି ଗତମାସରେ ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ସୁପାରିସ୍ କରିଥିଲା ବେଳେ ଶୁକ୍ରବାର କୋଟ୍ଟୁରପୁରମ୍‌ସ୍ଥିତ ଆନ୍ନା ସେଣ୍ଟେନାରୀ ଲାଇବ୍ରେରି ଅଡିଟୋରିୟମ୍‌ରେ ଉକ୍ତ ଶିକ୍ଷାନୀତିକୁ ଆନୁଷ୍ଠାନିକ ଭାବେ ଉନ୍ମୋଚନ କରାଯାଇଛି। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତିରେ ଥିବା ତ୍ରିଭାଷୀ ସୂତ୍ରକୁ ରାଜ୍ୟ ଶିକ୍ଷାନୀତିରେ ପ୍ରତ୍ୟାଖ୍ୟାନ କରାଯାଇଛି। ସାଧାରଣ ପ୍ରବେଶିକା ପରୀକ୍ଷା ପରିବର୍ତ୍ତେ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ମିଳିତ ନମ୍ବର ଆଧାରରେ କଳା ଓ ବିଜ୍ଞାନ ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଏଥିରେ ସୁପାରିସ କରାଯାଇଛି। ସେହିପରି ତୃତୀୟ, ପଞ୍ଚମ ଏବଂ ଅଷ୍ଟମ ଶ୍ରେଣୀରେ ସାଧାରଣ ପରୀକ୍ଷା ପାଇଁ ଏନ୍‌ଇପିରେ ଥିବା ପ୍ରସ୍ତାବକୁ ରାଜ୍ୟ ଶିକ୍ଷାନୀତିରେ ବିରୋଧ କରାଯାଇଛି। ଏଭଳି ପରୀକ୍ଷା ସାମାଜିକ ନ୍ୟାୟ ବିରୋଧୀ ଏବଂ ଅଧିକ ସଂଖ୍ୟାରେ ପିଲାମାନେ ପାଠପଢ଼ା ଛାଡ଼ିବାର ସମ୍ଭାବ୍ୟ କାରଣ ତଥା ଶିକ୍ଷାର ବ୍ୟବସାୟୀକରଣ ବୋଲି ଏନ୍‌ଇପିରେ ଉଲ୍ଲେଖ ରହିଛି। କମିଟି ବିଜ୍ଞାନ, ଏଆଇ ଏବଂ ଇଂଲିଶକୁ ସର୍ବାଧିକ ପ୍ରାଧାନ୍ୟ ଦେବା ସହ ରାଜ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକରେ ପର୍ଯ୍ୟାପ୍ତ ପୁଞ୍ଜିନିବେଶ ଲାଗି ପ୍ରସ୍ତାବ ଦେଇଛି। ଶିକ୍ଷାକୁ ଯୁଗ୍ମ ତାଲିକାରୁ ରାଜ୍ୟ ତାଲିକାକୁ ଫେରାଇ ଆଣିବାକୁ କମିଟି ସୁପାରିସ କରିଛି।

ସିବିଏସ୍‌ଇ, ଆଇସିଏସ୍‌ଇ, ରାଜ୍ୟ ବୋର୍ଡ ସମେତ ସମସ୍ତ ବୋର୍ଡରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ତାମିଲ ଭାଷା ପଢ଼ିବେ ବୋଲି ତାମିଲନାଡୁ ଶିକ୍ଷାମନ୍ତ୍ରୀ ଅନବିଲ୍ ମହେଶ କହିଛନ୍ତି। ଏହି ଶିକ୍ଷାନୀତି ପ୍ରସ୍ତୁତ ପାଇଁ କମିଟିକୁ ଗୋଟିଏ ବର୍ଷ ☞ପୃଷ୍ଠା-୨







# ଆଜି କ'ଣ କେଉଁଠି

## କଟକ

- ୨ ଦିନିଆ ଜିଲାସ୍ତରୀୟ ଯୁବ ଅହମ୍ମଦିୟା ଇଜ୍‌ତମା, ସ୍ଥାନ: ଜମାତ ଅହମ୍ମଦିୟା, ପଙ୍କାଳ, ଜାମା ମସ୍‌ଜିଦ୍, ତିଗିରିଆ, ସମୟ: ସକାଳ ୯ଟା।
- ମା' ଭଗବତୀ ପୂଜା ସଂକୀର୍ତ୍ତନ ସମିତିର ୪୪ତମ ବାର୍ଷିକ ଉତ୍ସବ ଅବସରରେ ସଂକୀର୍ତ୍ତନ ସମାରୋହ, ସ୍ଥାନ: ଚାନ୍ଦିନୀଚୌକ ମେଳଣ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ପ୍ରାୟୋଜିତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଶତବାର୍ଷିକୀ ସମାରୋହ, ସ୍ଥାନ: ସାରଳା ଭବନ, ସମୟ: ସନ୍ଧ୍ୟା ୬ଟା।
- ଚିତ୍ତରଞ୍ଜନ ମହାନ୍ତିଙ୍କ ରଚିତ ସମ୍ପୂର୍ଣ୍ଣ କ୍ରାନ୍ତୀର ପଥେ ପୁସ୍ତକର ଉନ୍ମୋଚନ ଉତ୍ସବ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭବନ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ନୟାସବେରା ନିମାପଡ଼ା ୟୁଥ୍ ଟ୍ରଷ୍ଟ ପକ୍ଷରୁ ଚତୁର୍ଥ ରାଜ୍ୟସ୍ତରୀୟ ସାହିତ୍ୟ ସମ୍ମିଳନୀ ଓ ଗହ୍ମା ପୂର୍ଣ୍ଣିମା ମହୋତ୍ସବ, ସ୍ଥାନ: ଶହୀଦ ଭବନ (ଟାଉନ ହଲ୍), ନିମାପଡ଼ା, ସମୟ: ସକାଳ ୯ଟା।

## ଖୋର୍ଦ୍ଧା

- ମା' ସନ୍ତୋଷୀ ଦେବୀଙ୍କ ଜନ୍ମବାର୍ଷିକୀ ଉତ୍ସବ, ସ୍ଥାନ: ବାବା ଆଖଣ୍ଡଳମଣିଙ୍କ ମନ୍ଦିର ପରିସର, ରାମଚନ୍ଦ୍ରପୁର ବଜାର, ଜଟଣୀ, ସମୟ: ସକାଳ ୮ଟା ୫୨।
- ସୁଭଦ୍ରା ଟଙ୍କା ବଣ୍ଟନ କାର୍ଯ୍ୟକ୍ରମ, ଖୋର୍ଦ୍ଧା ଟାଉନ ହଲ, ପୂର୍ବାହ୍ନ ୧୦ଟା।
- ଜାଗୃତି ଅନୁଷ୍ଠାନ ପକ୍ଷରୁ ପ୍ରକୃତି ବନ୍ଧନ କାର୍ଯ୍ୟକ୍ରମ, ଟିଏଲ୍‌ସି ରୋଡ୍, ପୂର୍ବାହ୍ନ ୧୦ଟା।
- ଜଟଣୀ ଗୋସେବା ଶିବିର ପକ୍ଷରୁ ବ୍ରହ୍ମାଉତ୍ସବ ଓ ଗୋପୂଜା, ସ୍ଥାନ: ସେଣ୍ଟ୍‌ରିଆନ କଲେଜ ରୋଡ୍, ଜଟଣୀ, ସମୟ: ପୂର୍ବାହ୍ନ ୧୧ଟା।

## ବାଲେଶ୍ୱର

- ଅନ୍ତେବାସୀଙ୍କ ସହ ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ଉତ୍କଳ ବାଳାଶ୍ରମ, ସହଦେବଖୁଣ୍ଟା, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ସୁଭଦ୍ରା କାର୍ଯ୍ୟକ୍ରମ, ସ୍ଥାନ: ଆୟୁଷ୍ମାନ କଲ୍ୟାଣ ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ନବମ ବାର୍ଷିକ ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ: ଦୁବୁଲାଗଡ଼ି ପଞ୍ଚାୟତ ଅଫିସ, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ଭାଜପା ପକ୍ଷରୁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: ଚାନ୍ଦବାଲି, ସମୟ: ସକାଳ ୮ ଟା।
- ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ବଣ୍ଟନର ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ଶହୀଦ ସ୍ମୃତି ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା।

## କେନ୍ଦୁଝର

- ସ୍ପିରିଚୁଆଲ ଗେଟ୍ ଟୁଗେଦର, ସ୍ଥାନ: ପ୍ରଜାପିତା ବ୍ରହ୍ମ କୁମାରୀ ସୁଖ ଶାନ୍ତି ସରୋବର, ପୁରୁଣା ସହର, କେନ୍ଦୁଝର, ସମୟ: ସକାଳ ୯ଟା।
- ରକ୍ଷାବନ୍ଧନ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବଡ଼ବିଲ, ସମୟ: ସକାଳ ୮ଟା।

## ମୟୂରଭଞ୍ଜ

- ବାବା ମଙ୍ଗଳେଶ୍ୱର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ରାକ୍ଷୀ ବନ୍ଧନ ଉତ୍ସବ,ସ୍ଥାନ: ଉଦଳା ଶ୍ମଶାନ କାଳୀ ଗ୍ରାମ ଜଙ୍ଗଲ,ସମୟ:ସକାଳ ୯ଟା।
- ରକ୍ଷା ବନ୍ଧନ ଓ ଗୋ ପୂଜନ ଉତ୍ସବ, ସ୍ଥାନ: ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବେଲପାଳ, ବଡ଼ସାହି,ସମୟ: ପୂର୍ବାହ୍ନ ୧୧ଟା।
- ଯୋଗାସନ ପ୍ରତିଯୋଗିତା, ସ୍ଥାନ: ଷ୍ଟାଡିୟମ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ବେଦ ପ୍ରଚାର ସମିତିର ଶ୍ରାବଣୀ ଉପାକର୍ମ ପର୍ବ,ସ୍ଥାନ: ପାଢ଼ୀ ସେଲିବ୍ରେଶନ, ସମୟ: ସକାଳ ୭ଟା।
- ତ୍ରିରଙ୍ଗା ଶୋଭାଯାତ୍ରା, ସ୍ଥାନ: ରାମଲିଙ୍ଗମ ପାର୍କ ରୋଡ,ସମୟ: ସକାଳ ୮ଟା।
- ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ,ସ୍ଥାନ: ଭଞ୍ଜ ବିହାର ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୧ଟା।
- ଆଇଜରର ସମାବର୍ତ୍ତନ ଉତ୍ସବ,ସ୍ଥାନ: ବ୍ରହ୍ମପୁର କ୍ୟାମ୍ପସ,ସମୟ: ଅପରାହ୍ନ ୩ଟା।
- ପୋଷ୍ଟାଲ ସର୍କଲର କାର୍ଯ୍ୟକାରୀ କମିଟି ବୈଠକ, ସ୍ଥାନ: ସରକାରୀ ଆଇଟିଆଇ ଅଡିଟୋରିୟମ ହଲ,ସମୟ: ଅପରାହ୍ନ ୩ଟା ୩୦।

## ଗଞ୍ଜାମ

- ବଳଦେବ ଠାକୁରଙ୍କ ଜନ୍ମୋତ୍ସବ, ସ୍ଥାନ: ବୁଗୁଡ଼ା ବଳଦେବ ମନ୍ଦିର, ସମୟ: ସକାଳ ୯ ଟା।

## କନ୍ଧମାଳ

- ବିଶ୍ୱ ଆଦିବାସୀ ଦିବସ, ସ୍ଥାନ: କୁଇ କୁଲ ସମିତି କାର୍ଯ୍ୟାଳୟ ଦାରିଙ୍ଗବାଡ଼ି, ସମୟ: ପୂର୍ବାହ୍ନ ୧୦ ଟା।
- ବିଶ୍ୱ ଆଦିବାସୀ ଦିବସ, ସ୍ଥାନ: ବ୍ରାହ୍ମଣୀଗାଁ, ସମୟ: ପୂର୍ବାହ୍ନ୧୦ ଟା।
- ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଖାକି ସହିତ ରାକ୍ଷୀ କାର୍ଯ୍ୟକ୍ରମ, ସ୍ଥାନ: ପୋଲିସ ଷ୍ଟେଶନ ବାଲିଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା୩୦।

## ଗଜପତି

- ସୁଭଦ୍ରା କିସ୍ତି ପ୍ରଦାନର ସିଧା ପ୍ରସାରଣ, ସ୍ଥାନ: ପାରଳାଖେମୁଣ୍ଡିସ୍ଥିତ ଗଜପତି ଷ୍ଟାଡିୟମ,ସମୟ: ସକାଳ ୯ଟା ୩୦।

## ଢେଙ୍କାନାଳ

- ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ ଉତ୍ସବ, ସ୍ଥାନ: ପୁରୁଣା ଜିଲା ପରିଷଦ ହଲ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ସିଦ୍ଧ ଶ୍ରୀଶ୍ରୀ ବଳରାମ ମହାପ୍ରଭୁଙ୍କ ଜନ୍ମ ଉତ୍ସବ, ସ୍ଥାନ: ଶ୍ରୀ ସିଦ୍ଧ ବଳରାମ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ପ୍ରଭୁ ଶ୍ରୀବଳଭଦ୍ରଙ୍କ ସ୍ୱନକ୍ଷତ୍ର ଓ ରକ୍ଷା ବନ୍ଧନ ଏବଂ ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସ୍ଥାନ: ମହର୍ଷି ଦୟାନନ୍ଦ ସର୍ଭିସ ମିଶନ, ଗୋବିନ୍ଦପୁର, ସଦର ବ୍ଲକ, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା୩୦।

## ଅନୁଗୋଳ

- ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ, ସ୍ଥାନ: ଅନୁଗୋଳ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

## ଜଗତ୍‌ସିଂହପୁର

- ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆଶ୍ରମ ପକ୍ଷରୁ କୋଷ୍ଟଗାର୍ଡ ଯବାନଙ୍କ ପାଇଁ ରକ୍ଷାବନ୍ଧନ କାର୍ଯ୍ୟକ୍ରମ, ସ୍ଥାନ: କୋଷ୍ଟଗାର୍ଡ ମୁଖ୍ୟାଳୟ, ମଧୁବନ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ଗାନ୍ଧୀ ସ୍ମୃତି ସ୍ମାରକୀ ପରିଷଦ ପକ୍ଷରୁ ପଦଯାତ୍ରା ଓ ସଭା, ସ୍ଥାନ: ଗରାପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୮ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ଗଙ୍ଗାରାମପୁର, ପଟ୍ଟାମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀବଳଦେବଜୀଉଙ୍କ ଜନ୍ମୋତ୍ସବ ଉପଲକ୍ଷେ ଭଜନ ସମାରୋହ ପରିଷଦ ପକ୍ଷରୁ ଭଜନ ସମାରୋହ, ସ୍ଥାନ: ରଥଦାଣ୍ଡ, ଶ୍ରୀବଳଦେବଜୀଉ ମନ୍ଦିର, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା।

## ଯାଜପୁର

- ଧର୍ମଶାଳା କ୍ରୀଡ଼ା ଛାତ୍ରାବାସ ପାଇଁ ପ୍ରତିଭା ଚୟନରେ ବ୍ୟାଡମିଣ୍ଟନ ପ୍ରତିଯୋଗିତା, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ, ସମୟ : ସକାଳ ୮ଟାରୁ ଆରମ୍ଭ।
- ସୁଭଦ୍ରା ଟଙ୍କା ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ: ସକାଳ ୯ଟା।
- ୮୩ତମ ଶହୀଦ ଦିବସ ସମାରୋହ ୨୦୨୫,ସ୍ଥାନ: କଳାମାଟିଆ ଶହୀଦ ପୀଠ,ବରୀ,ଯାଜପୁର, ସମୟ: ସକାଳ ୯ଟା୩୦।
- ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ ଓ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ, ସ୍ଥାନ : ଧର୍ମଶାଳା ବ୍ଲକ ଜାରକା ହାଇସ୍କୁଲ ପାଠାଗାର ପରିସର, ସମୟ : ଅପରାହ୍ନ ୩ଟା୩୦।
- ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜାରକା ଶାଖା ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ, ସ୍ଥାନ : ଧର୍ମଶାଳା ପ୍ରେସ୍‌କ୍ଲବ ପରିସରରେ, ସମୟ : ଅପରାହ୍ନ ୪ଟା।

## ନୟାଗଡ଼

- ସନ୍ତୋଷୀମା'ଙ୍କ ବାର୍ଷିକଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ପଞ୍ଚାୟତ ରାଜ କିଆରୀ ଛକ, ସମୟ: ସକାଳ ୮ଟା ।
- ଝୁଲଣ ଯାତ୍ରାର ଉଦ୍‌ଯାପନ ଉତ୍ସବ, ସ୍ଥାନ: ଖଣ୍ଡପଡା ବ୍ଲକ ଗୋକୁଳାନନ୍ଦ ପୀଠ ସିଦ୍ଧାମୂଳା, ନୟାଗଡ ପୁରୁଣା ସହରର ଗୋପୀନାଥ ମନ୍ଦିର, ଓଡଗାଁ ରଘୁନାଥ ମନ୍ଦିର , ସମୟ: ସନ୍ଧ୍ୟା ୭ଟା। ସ୍ଥାନ: ଶରଣକୁଳ ଲଡୁବାବାଙ୍କ ମନ୍ଦିର, ସମୟ: ସନ୍ଧ୍ୟା ୭ଟା ୩୦। ସ୍ଥାନ:କଣ୍ଟିଲୋ ରାଧାମୋହନ ପୀଠ, ସମୟ: ସନ୍ଧ୍ୟା ୮ଟା । ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ରାତି ୯ଟା।
- ଗହ୍ମାଡିଆଁ ପର୍ବ, ସ୍ଥାନ:ଗୋଡିପଡା ଖରୁଡା ସାହି, ସମୟ: ଅପରାହ୍ନ ୩ଟା। ସ୍ଥାନ:ଖଣ୍ଡପଡା ବ୍ଲକ ସିଦ୍ଧାମୂଳା ହାଇସ୍କୁଲ ସମ୍ମୁଖ, ଖଣ୍ଡପଡା ବ୍ଲକ ମର୍ଦ୍ଦରାଜପୁର ମୁଣ୍ଡିଆ ହନୁମାନ ପୀଠ, ସମୟ: ଅପରାହ୍ନ ୪ଟା।

# ସ୍କୁଲ ସମ୍ମୁଖରୁ ୮ମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ

## ଅଭିଯୁକ୍ତ ଗିରଫ, ଅପହୃତା ଉଦ୍ଧାର

ଯାଜପୁର ରୋଡ୍,୮।୮
(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ୍ ଥାନା ଅନ୍ତର୍ଗତ ବ୍ୟାସନଗରରେ ଶୁକ୍ରବାର ଏକ ଇଂଲିଶ ମିଡିୟମ ସ୍କୁଲ ସମ୍ମୁଖରୁ ଜଣେ ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଅପହରଣ କରାଯାଇଥିଲା। ଜଣେ ଯୁବକ ଛାତ୍ରୀଙ୍କୁ ଜବରଦସ୍ତ କାର୍‌ରେ ନେଇ ପଳାଇଯାଇଥିଲେ। ପୋଲିସ କାର୍‌କୁ ପିଛା କରି ଜବତ କରିବା ସହିତ ଛାତ୍ରୀଙ୍କୁ ଉଦ୍ଧାର କରିଛି। ସମ୍ପୃକ୍ତ ଯୁବକ ସୁକିନ୍ଦା ଗ୍ରାମର ଦୀପକ ବିଶ୍ୱାଳ (୨୬)ଙ୍କୁ ଗିରଫ କରିଛି। ସବୁଦିନ ପରି ଶୁକ୍ରବାର ପୂର୍ବାହ୍ନ ୧୦ଟା ସମୟରେ ଛାତ୍ରୀ ଅନ୍ୟମାନଙ୍କ ସହ ସ୍କୁଲ ବସ୍‌ରେ ଆସିଥିଲେ। ବସ୍‌ଟି ସ୍କୁଲ ଗେଟ୍ ସମ୍ମୁଖରେ ଅଟକିବା ପରେ ଛାତ୍ରୀଙ୍କ ସହିତ ଛାତ୍ରୀଛାତ୍ରମାନେ ଓହ୍ଲାଇଥିଲେ। ହେଲେ ପୂର୍ବ ଯୋଜନା ଅନୁଯାୟୀ ସେଠାରେ ଏକ କାର୍ (ଓଡି୦୨ବିଜେଡ୍୩୧୨୮) ଧରି ଅପେକ୍ଷା କରିଥିବା ଦୀପକ ଛାତ୍ରୀଙ୍କୁ ଉଠାଇ ନେଇ ଫେରାର ହୋଇଯାଇଥିଲେ। ଉପସ୍ଥିତ ଅନ୍ୟ ଛାତ୍ରୀଛାତ୍ର ସ୍କୁଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ପୋଲିସକୁ ଖବର ଦେବା ସହ ଛାତ୍ରୀଙ୍କ ପରିବାରକୁ ଅବଗତ କରାଇଥିଲେ। ଯାଜପୁରରୋଡ୍ ପୋଲିସ କାର୍‌କୁ ପିଛା କରିବା ସହିତ ନିକଟସ୍ଥ ଥାନାକୁ ଅବଗତ କରିଥିଲା। ଶେଷରେ ସାପଗାଡ଼ିଆ ନିକଟରୁ ପୋଲିସ କାର୍‌କୁ ଜବତ କରିବା ସହ ଛାତ୍ରୀଙ୍କୁ ଉଦ୍ଧାର କରିଛି। ଅପହରଣକାରୀ ଯୁବକ ଜଣକ ପୋଲିସକୁ ଦେଖି କାର୍ ଛାଡି ଦୌଡ଼ି ପଳାଉଥିଲେ । ହେଲେ ପୋଲିସ ତାଙ୍କୁ ମାଡ଼ି ବସିଥିଲା। ଏନେଇ ଛାତ୍ରୀଙ୍କ ପରିବାର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(ନଂ. ୪୬୨/୨୫) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଅପହରଣର କାରଣ ସମ୍ପର୍କରେ ସ୍ପଷ୍ଟ ଜଣାପଡ଼ିନାହିଁ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କର୍ମକ୍ଷେତ୍ରରେ ହେଉ କିମ୍ବା ପାରିବାରିକ ସମସ୍ୟାକୁ ସୁଧାରି ନେବାର ପ୍ରଯତ୍ନ କରିବେ। ଆବଶ୍ୟକତା ପୂରଣ ସକାଶେ ଧାର କରଜ କରିବାକୁ ବନ୍ଧୁଙ୍କୁ ଅନୁରୋଧ କରିପାରନ୍ତି। ଆଗାମୀ ଆନୁଷ୍ଠାନିକ କାର୍ଯ୍ୟ ପାଇଁ ଘରସଜାରେ ମଜ୍ଜିରହିପାରନ୍ତି। ବନ୍ଧୁଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯିବାକୁ ମନ ବଳାଇବେ।

**ବୃଷ** ଆଗାମୀ ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁ ଦଉଡ଼ କରିବାକୁ ପଡ଼ିବ। ଘରକୁ ଆସୁଥିବା ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହୋଇପାରେ। ଶିଳ୍ପ,ବାଣିଜ୍ୟ ଏବଂ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବାର ଆଶା ରହିଛି। ନିକଟ ସମ୍ପର୍କୀୟମାନଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ଯୁକ୍ତିତର୍କ ଓ ବିବାଦୀୟ ସ୍ଥିତିଜନିତ ସହକର୍ମୀଙ୍କ ସହ ସମ୍ପର୍କରେ ହ୍ରାସ ଘଟିବ। ଏହା ସାଙ୍ଗକୁ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ମାନସିକ ସ୍ଥିରତା ରହିବନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ବାଧାପ୍ରାପ୍ତ ହୋଇପାରେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ କିମ୍ବା ଆର୍ଥିକ ଅନଟନ ଲାଗିରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ** କର୍ମଜଞ୍ଜାଳ ବୃଦ୍ଧି ସାଙ୍ଗକୁ କଠିନ ଶ୍ରମଜନିତ ସ୍ୱାସ୍ଥ୍ୟ ସମସ୍ୟା ବିଗିଡ଼ି ଯାଇପାରେ। ପରିବାରର କୌଣସି ଅତୀତ ଘଟଣା ପ୍ରତି ସିଂହାବଲୋକନ କରି ଅନୁତାପ କରିପାରନ୍ତି। ଦୀର୍ଘଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଆଜିର ଫେରନ୍ତା ବାଟରେ କୌଣସି ମୂଲ୍ୟବାନ୍ ଦ୍ରବ୍ୟଲାଭର ସମ୍ଭାବନା ରହିଛି।

**ସିଂହ** ଆଜି ପ୍ରତ୍ୟେକ କାମରେ ସଫଳତାଜନିତ ବନ୍ଧୁମାନଙ୍କ ସୌହାର୍ଦ୍ଦ୍ୟଲାଭ କରିପାରନ୍ତି। ପରିବାରର ଆବଶ୍ୟକତା ଅନୁଯାୟୀ ଗୃହକୁ ସୌଖୀନ ଦ୍ରବ୍ୟ କ୍ରୟ କରିବେ। ଆକସ୍ମିକ ଭାବରେ କୌଣସି ନୂତନ କାର୍ଯ୍ୟରେ ହାତଦେବାକୁ ସ୍ଥିର କରିପାରନ୍ତି। ବନ୍ଧୁମାନଙ୍କ ସହ ଭ୍ରମଣରେ ଯିବାକୁ ପରିବାରରୁ ପୂର୍ଣ୍ଣ ସମର୍ଥନ ପାଇବେ ନାହିଁ।

**କନ୍ୟା** ସମସ୍ୟାବହୁଳ କର୍ମକ୍ଷେତ୍ର ହେତୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ କାମକଲେ ସମସ୍ୟା ସମାଧାନରେ ଅସୁବିଧା ରହିବ ନାହିଁ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ ସ୍ଥଗିତ ରହିଯାଇପାରେ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ତୁଳା** ସମସ୍ତ ସୁବିଧା ଥାଇ ମଧ୍ୟ ପାରିବାରିକ ସ୍ତରରେ ଅସୁବିଧା ଭିତରେ ଗତିକରିବାକୁ ପଡ଼ିବ। ଆଜି ଦିନଟିରେ ଭାବୁଥିବା କାମଟି ପୂର୍ଣ୍ଣାଙ୍ଗ କରିବା କଷ୍ଟ ହେବ। କୌଣସି ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡ଼ିପାରେ। ଘରକୁ ଆସିଥିବା ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିବାର ସୂଚନା ରହିଛି।

**ବିଛା** ସ୍ୱାସ୍ଥ୍ୟ ଭଲ ନ ରହିବା କାରଣରୁ କୌଣସି କାମରେ ମନଯୋଗୀ ହୋଇପାରିବେ ନାହିଁ। କାର୍ଯ୍ୟକୁ ତ୍ୱରାନ୍ୱିତ କରିବାରେ ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ଘର ମାଲିକଙ୍କ ସହ ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ପୂର୍ବ ବିବାଦକୁ କେନ୍ଦ୍ରକରି ଗୁପ୍ତ ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇବାର ସୂଚନା ରହିଛି।

**ଧନୁ** ପ୍ରତିବନ୍ଧକ ଲାଗିରହିଥିଲେ ମଧ୍ୟ ଉଚ୍ଚବର୍ଗଙ୍କ ସହାୟତାରେ ଆଜି କାର୍ଯ୍ୟଟି ସମ୍ପନ୍ନ ହେବ। ପରିବାରର ଆବଶ୍ୟକତାକୁ ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ବ୍ୟବସାୟ, ପରିବହନ, ସଭାସମିତି ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ।

**ମକର** ବନ୍ଧୁଙ୍କ ସହାୟତାରେ ସ୍ଥଗିତ ଥିବା କାମ ସୁବିଧାରେ ସମ୍ପନ୍ନ ହେବ। ଦିନଚର୍ଯ୍ୟା ମଧ୍ୟରେ ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିତର୍କଠାରୁ ଦୂରେଇ ରହିବା ଭଲ। ବନ୍ଧୁମାନଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ। କଳା, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ତଥା ରଚନାତ୍ମକ କାର୍ଯ୍ୟରେ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ** ଯଥା ସମ୍ଭବ ସତର୍କତା ଅବଲମ୍ବନ କରୁଥିଲେ ମଧ୍ୟ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହେବ। ନିଜ ଲୋକ ଯେତେ ସମସ୍ୟା ସୃଷ୍ଟି କଲେ ମଧ୍ୟ କୌଣସି ଅସୁବିଧା ହେବ ନାହିଁ । ବ୍ୟବସାୟ, ବାଣିଜ୍ୟ ଓ ପରିବହନ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହେବ। ଦୀର୍ଘ ଦିନରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବାର ସୂଚନା ରହିଛି।

**ମୀନ** ପାରିବାରିକ କ୍ଷେତ୍ରରେ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିବ। କର୍ମକ୍ଷେତ୍ରରେ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇଯିବେ। ବନ୍ଧୁମାନଙ୍କ ହସ୍ତକ୍ଷେପ ଫଳରେ ପରିସ୍ଥିତିକୁ ସୁଧାରି ନେଇପାରନ୍ତି। କୌଣସି ବିବାଦୀୟ ପରିସ୍ଥିତିରେ ଆତ୍ମୀୟଙ୍କ ପ୍ରେରଣାରୁ ଉପକୃତ ହେବାର ସମ୍ଭାବନା ରହିଛି।

ଆଜି ରକ୍ଷାବନ୍ଧନ, ଶ୍ରାବଣ ମାସର ଝୁଲଣ ପୂର୍ଣ୍ଣିମା ଶନିବାର, ଦିବା ଘ.୦୧.୨୪ ଗତେ, ଭାଦ୍ରବ କୃଷ୍ଣ ପ୍ରତିପଦା, ଶ୍ରୀବଳଦେବ ଜନ୍ମ, ଗହ୍ମାପର୍ବ, ଉତ୍କଳେ ସର୍ବତ୍ର ଝୁଲଣ ଯାତ୍ରା ଶେଷ, ବୋଲ୍‌ବମ୍ ଯାତ୍ରା ଶେଷ, ଅଗଷ୍ଟ ୯ ତାରିଖ, ବିଶ୍ୱ ଜନଜାତି ଦିବସ, ଭାରତଛାଡ଼ ଦିବସ, ନାଗାଶାକି ଦିବସ, ସଦ୍‌ଗୁରୁ ଶ୍ରୀନିଗମାନନ୍ଦ ଓ ସ୍ୱଭାବ କବି ଜୟନ୍ତୀ, ପୂର୍ଣ୍ଣିମାର ଏକୋଦ୍ଦିଷ୍ଟ ଓ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ। ଦିବା ଘ.୧୦.୧୬ ଗତେ ଘ.୦୧.୦୮ ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୦୮.୪୦ ଗତେ ଘ.୧୦.୧୬ ମଧ୍ୟେ ରାହୁକାଳ।

# 'ନୋ ଏଣ୍ଟ୍ରି ୨'ରେ ଦିଲ୍‌ଜିତ



ମୁମ୍ବାଇ: ଏକ ରିପୋର୍ଟ ଅନୁଯାୟୀ ଅଭିନେତା ଦିଲ୍‌ଜିତ ଦୋସାଞ୍ଜ ୨୦୦୫ର ସୁପରହିଟ୍ ଫିଲ୍ମ 'ନୋ ଏଣ୍ଟ୍ରି'ର ସିକ୍ୱେଲ 'ନୋ ଏଣ୍ଟ୍ରି ୨' ପାଇଁ ସାଇନ୍ କରିଛନ୍ତି। ଆସନ୍ତା ଅକ୍ଟୋବରରୁ ଏହି ଫିଲ୍ମର ଶୁଟିଂ ଆରମ୍ଭ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଫିଲ୍ମର ଶୁଟିଂ ଭାରତ ସମେତ ଗ୍ରୀସ୍ ଏବଂ ଇଟାଲୀରେ ହେବ। ଫିଲ୍ମ ନିର୍ମାତା ବୋନି କପୁରଙ୍କ ଦ୍ୱାରା ନିର୍ମାଣ ହେବାକୁଥିବା ଏହି ଫିଲ୍ମରେ ଅଭିନେତ୍ରୀ ତମନ୍ନା ଭାଟିଆ ଏବଂ ଅଭିନେତା ବରୁଣ ଧାୱନ ମୁଖ୍ୟ ଭୂମିକାରେ ନଜରକୁ ଆସିବେ ବୋଲି ରିପୋର୍ଟରେ ପ୍ରକାଶ ପାଇଛି। ଅନୀଶ ବଜ୍‌ମୀ ଏହି ଫିଲ୍ମର ନିର୍ଦ୍ଦେଶନା ଦେବେ। ନିକଟରେ ନିଜ ଫିଲ୍ମ 'ସର୍ଦ୍ଦାର ଜୀ ୩'ରେ ପାକିସ୍ତାନୀ ଅଭିନେତ୍ରୀ ହାନିଆ ଆମିରଙ୍କ ସହ କାର୍ଯ୍ୟ କରିବାରୁ ଦିଲ୍‌ଜିତଙ୍କୁ ସୋସିଆଲ ମିଡିଆରେ ଟ୍ରୋଲ୍ କରାଯାଇଥିଲା। ଭାରତରେ ରିଲିଜ୍ ନେଇ 'ସର୍ଦ୍ଦାର ଜୀ ୩'କୁ ଅନୁମତି ମିଳି ନ ଥିଲା। ଫଳରେ ଉକ୍ତ ଫିଲ୍ମ ବିଦେଶର ବିଭିନ୍ନ ସିନେମା ହଲ୍‌ରେ ରିଲିଜ୍ ହୋଇଥିଲା। ପ୍ରକାଶ ଯେ, ୨୦୦୫ରେ ରିଲିଜ୍ ହୋଇଥିବା 'ନୋ ଏଣ୍ଟ୍ରି' ଫିଲ୍ମ ବକ୍ସ ଅଫିସ୍‌ରେ ସୁପରହିଟ୍ ହୋଇଥିଲା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମାଧିଆ ଭାଇ;**
**ସବୁ କଥାକୁ ହୋଇ ହୋଇ ।**

ଯେଉଁ ବ୍ୟକ୍ତିଠାରେ ନିଜର କୌଣସି ସ୍ୱତନ୍ତ୍ରତା ନ ଥାଏ ସେ ସମସ୍ତଙ୍କ ହଁ ରେ ହଁ ମିଳାଉଥିବାର ଦେଖିବାକୁ ମିଳିଥାଏ। ଏପରି ଚରିତ୍ରର ବ୍ୟକ୍ତି ଆମ ସମାଜରେ ଦେଖିବାକୁ ମିଳୁଥିବାବେଳେ ସେମାନଙ୍କୁ ଆକ୍ଷେପ କରି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ମୁଣ୍ଡ ଦେଇଥିଲେ ତୁଣ୍ଡ ଖାଏ,**
**ପର ଦେଇଥିଲେ ଉଘଉଥାଏ ।**

ନିଜ ପରିଶ୍ରମର ଫଳ ଖାଇଲେ ମନରେ ଯେଉଁ ସରସତା ଆସେ, ତାହା ଅନ୍ୟ କେହି ହାତ ଟେକା କରି ଦେଲେ ସେତିକି ତୃପ୍ତି ବୋଧ ହୁଏନାହିଁ। ପରଲୋକ ଯାହା ଦିଅନ୍ତି ପଛରେ ବେଳ ପଡ଼ିଲେ ଉଘେଇଥାନ୍ତି, ସେଥିରେ ଆତ୍ମାକୁ ବାଧେ ବା କଷ୍ଟ ହୁଏ। ତେଣୁ ନିଜ ରୋଜଗାରରେ ନିଜେ ପୋଷିହେବା ଶ୍ରେୟସ୍କର ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ତାମିଲନାଡୁ ଆଣିଲା ...

କଠିନ ପରିଶ୍ରମ କରିବାକୁ ପଡ଼ିଥିଲା। ଏହା ଅନ୍ୟ କୌଣସି ରାଜ୍ୟରୁ ଉଧାର ଅଣାଯାଇ ନ ଥିବା ସେ କହିଛନ୍ତି। ଶିକ୍ଷାନୀତି ଉନ୍ମୋଚନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଉଦୟନିଧି ଷ୍ଟାଲିନ୍, ଶିକ୍ଷାମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ, ମୁଖ୍ୟ ସଚିବ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ତାମିଲନାଡୁର ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ଭାଜପା ନେତ୍ରୀ ତାମିଲିସାଇ ସୌନ୍ଦରରାଜନ ତାମିଲନାଡୁ ଶିକ୍ଷାନୀତିକୁ 'ରାଜ୍ୟ ଅହଂକାରୀ ନୀତି' କହି ନିନ୍ଦା କରିଛନ୍ତି। ଏସ୍‌ଇପି ବିଭାଜନକାରୀ ବୋଲି ସେ କହିବା ସହ ରାଜ୍ୟ ସରକାର ଶିକ୍ଷାକୁ ବୁଡ଼ାଇଦେବାକୁ ଚାହୁଁଥିବା ଅଭିଯୋଗ କରିଛନ୍ତି। ଏନ୍‌ଇପିରେ ତୃତୀୟ, ପଞ୍ଚମ ଓ ଅଷ୍ଟମ ଶ୍ରେଣୀରେ ପରୀକ୍ଷା ବ୍ୟବସ୍ଥା ଥିବାରୁ ଏହା ପିଲାମାନଙ୍କୁ ଭବିଷ୍ୟତ ପରୀକ୍ଷା ନିମନ୍ତେ ପ୍ରସ୍ତୁତିରେ ସହାୟକ ହେଉଥିଲା। ଏଥିରେ ଫେଲ୍ ହେଲେ ପୁନର୍ବାର ପରୀକ୍ଷା ଦେଇ ଉତ୍ତୀର୍ଣ୍ଣ ହେବାର ବ୍ୟବସ୍ଥା ରହିଥିଲା ବୋଲି ତାମିଲସାଇ କହିଛନ୍ତି।

ପାଣ୍ଠି ମଞ୍ଜୁରୀକୁ ନେଇ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଉତ୍ତେଜନା ଲାଗିରହିଥିବାବେଳେ ଷ୍ଟାଲିନ୍ ସରକାର ନୂଆ ଶିକ୍ଷାନୀତି ଆଣିଛନ୍ତି। ରାଜ୍ୟ ସରକାର ଏନ୍‌ଇପି ଲାଗୁ କରିବାକୁ ମନା କରିବାରୁ ସମଗ୍ର ଶିକ୍ଷା ଯୋଜନାରୁ କେନ୍ଦ୍ର ସରକାର ୨,୧୫୨ କୋଟି ଟଙ୍କା ପ୍ରତ୍ୟାହାର କରିନେଇଥିବା ତାମିଲନାଡୁ ଅଭିଯୋଗ କରିଥିଲା। ରାଜ୍ୟ ସରକାର ଏନ୍‌ଇଇପିକୁ ଗ୍ରହଣ କଲେ ପାଣ୍ଠି ମଞ୍ଜୁର କରାଯିବ ବୋଲି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଥିଲେ। ତେବେ ସେମାନେ ଯଦି ୧,୦୦୦ କୋଟି ଦିଅନ୍ତି, ତଥାପି ଆମେ ଏନ୍‌ଇପି ଲାଗୁ କରିବୁ ନାହିଁ ବୋଲି ଉଦୟନିଧି ଷ୍ଟାଲିନ୍ କହିଥିଲେ।

## ପୋଲିସ ବୋଲି ...

ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ତାଙ୍କ ଘରେ ଛାଡ଼ି ଦେଇଛନ୍ତି। ଏହି ଅଭିଯୋଗ ଆଧାରରେ ଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୨୯୦/୨୫) ରୁଜୁ ହୋଇଛି। ଅମିତ୍‌ଙ୍କୁ ନିଲମ୍ବନ କରାଯାଇଥିଲେ ମଧ ଉକ୍ତ ଅଭିଯୋଗ ପ୍ରାୟ ୪ ମାସ ବିତିଯାଇଥିଲେ ସୁଦ୍ଧା ଜଗତ୍‌ସିଂହପୁର ପୋଲିସ ତାଙ୍କୁ ଗିରଫ କରୁନାହିଁ ବୋଲି ନାବାଳିକା ଓ ତାଙ୍କ ମା' ଶୁକ୍ରବାର ଗଣମାଧ୍ୟମ ଆଗରେ କହିଛନ୍ତି। ଏପରିକି ତାଙ୍କ ଅଗୋଚରରେ ଝିଅକୁ ଅମିତ ବିବାହ କରିଥିବା ନାବାଳିକାଙ୍କ ମା' ପ୍ରକାଶ କରିଛନ୍ତି।

ସମ୍ପୃକ୍ତା ନାବାଳିକା ୧୦ମ ଶ୍ରେଣୀରେ ପଢୁଥିବାବେଳେ ଫେସ୍‌ବୁକ୍ ମାଧ୍ୟମରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ସେତେବେଳେ ଏସ୍‌ଆଇ ପାଢ଼ୀ ପୁରୀରେ କାର୍ଯ୍ୟରତ ଥିଲେ। ଉଭୟେ ପ୍ରଥମେ ମନ୍ଦିର ଓ ପରେ ଏକ ହୋଟେଲରେ ବିବାହ କରିଥିବା କୁହାଯାଉଛି। ବିବାହ ପରେ ବୋହୂ ହିସାବରେ ସମ୍ପୃକ୍ତା ନାବାଳିକା ତାଙ୍କ ଶାଶୁଘରେ ରହୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଶାଶୁ, ଶ୍ୱଶୁର ଓ ସ୍ୱାମୀ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ତାଙ୍କୁ ଘରକୁ ପଠାଇ ଦେଇଥିବା ନେଇ ସମ୍ପୃକ୍ତା ନାବାଳିକା ଅଭିଯୋଗରେ ଦର୍ଶାଇଛନ୍ତି। ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିବା ସତ୍ତ୍ୱେ ପୋଲିସ କୋର୍ଟଙ୍କୁ ଚାର୍ଜଶିଟ୍ ଦେଉ ନ ଥିବା ପୀଡ଼ିତା ଓ ତାଙ୍କ ମା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା କହିଛନ୍ତି, ଅମିତ ପୁରୀରେ ତାଲିମ ନେଉଥିବା ବେଳେ ପୀଡ଼ିତା ଜଗତ୍‌ସିଂହପୁର ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ତୁରନ୍ତ ମାମଲା ରୁଜୁ ପରେ ଜଗତ୍‌ସିଂହପୁର ଥାନା ଅତିରିକ୍ତ ଆଇଆଇସିଙ୍କ ମାଧ୍ୟମରେ ତଦନ୍ତ ଚଲାଇଛି। ନାବାଳିକା ଥାନାରେ ଅଭିଯୋଗ କରିବା ପୂର୍ବରୁ ଅମିତଙ୍କୁ ଏବିଷୟରେ ଜଣାଇଥିଲେ। ଏହାପରେ ଅଭିଯୁକ୍ତ ଏସ୍‌ଆଇ ପୁରୀରୁ ଫେରାର ହୋଇଯାଇଥିଲେ। ଏ ବିଷୟରେ ଏସ୍‌ପି ଉଦ୍‌ଗାତା ପୁରୀ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ସେବେଠାରୁ ଅମିତ ଫେରାର ଅଛନ୍ତି। ତାଙ୍କୁ ଧରିବା ପାଇଁ ଯୋଜନା ଚାଲିଛି। ଏହା ଭିତରେ ଅମିତଙ୍କ ପରିବାର ଲୋକେ ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତଳ କୋର୍ଟରୁ ଜାମିନ ପାଇଛନ୍ତି। କେବଳ ମୁଖ୍ୟ ଅଭିଯୁକ୍ତ ଅମିତଙ୍କୁ ଗିରଫ କରାଯିବା ବାକି ରହିଛି। ଏବେ ବିବାହ କେଉଁଠି ଓ କିପରି ହୋଇଛି ସେନେଇ ଅନୁଧ୍ୟାନ ଚାଲିଛି। ନାବାଳିକାଙ୍କ ମା'ଏ ବିବାହ ବିଷୟରେ ଜାଣିଥିଲେ କି ନାହିଁ ସେନେଇ ତଦନ୍ତ ଚାଲିଥିବା ଏସ୍‌ପି ଉଦ୍‌ଗାତା କହିଛନ୍ତି।

## ଆଜି ୩ୟ କିସ୍ତି ...

ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କାରେ ସେମାନେ କ'ଣ କ'ଣ କାର୍ଯ୍ୟ କରିଛନ୍ତି ପଚାରି ବୁଝିଥିଲେ। ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ଉପସ୍ଥିତିରେ ସୁଭଦ୍ରା ଯୋଜନାର ତୃତୀୟ କିସ୍ତି ପ୍ରଦାନ କାର୍ଯ୍ୟକ୍ରମ ରହିଛି। ସୁଭଦ୍ରା ଯୋଜନାରୁ ବଞ୍ଚିତ ଥିବା ମହିଳାମାନଙ୍କ ସମସ୍ୟା ସମାଧାନ କରିବାକୁ ରାଜ୍ୟ ସରକାର ତତ୍ପର ଥିବା ସେ କହିଛନ୍ତି। ଏଥିସହ କୋଟିଆରେ ଲକ୍ଷପତି ଦିଦି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସ୍ୱୟଂସହାୟକ ଗୋଷ୍ଠୀ ମହିଳାମାନଙ୍କ ସହ ଆଲୋଚନା କରି ସହକାରୀ ବାସଗୃହ ସହ ପ୍ରାଣୀ ଚିକିତ୍ସାଳୟ ଉଦ୍‌ଘାଟନ କରିଥିଲେ। ପରେ ଦେଓମାଳୀ ଯାଇ ସେଠାରେ ପର୍ଯ୍ୟଟନର ବିକାଶ ନେଇ ସମୀକ୍ଷା କରିଥିଲେ। ବ୍ଲକ୍ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କରାଯାଇଥିବା ଢେମସା ନାଚରେ ଉପମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ। ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ସଭାମଞ୍ଚରେ ମାଡକାର ଗ୍ରାମର ପ୍ରଗତି ନାମକ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ମକା ଚାଷ ପାଇଁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଜାନିଗୁଡା ଗ୍ରାମର ନୂତନ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କୁ ଝାଡୁ ଚାଷ ପାଇଁ ୫ ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଥିଲେ। ଏହା ପରେ ପଞ୍ଚାୟତର ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଥିବା ଗେଷ୍ଟହାଉସ୍‌ରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଉପଜିଲାପାଳ ପ୍ରେମ୍‌ଲାଲ୍ ହିଆଲ୍, ସିଡିଓ ବେଣୁଧର ଶବର, ପଟ୍ଟାଙ୍ଗି ବିଡିଓ ରାମକୃଷ୍ଣା ନାୟକ ଓ ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ପ୍ରମୁଖଙ୍କ ସହ ସୀମା ବିବାଦ ଓ ଉନ୍ନୟନମୂଳକ କାର୍ଯ୍ୟ ନେଇ ଆଲୋଚନା କରିଥିଲେ। ଦେଓମାଳିରେ ଚାଲିଥିବା ରାସ୍ତା ଉନ୍ନତିକରଣ ଓ ପର୍ଯ୍ୟଟକମାନଙ୍କ ପାଇଁ ହୋଇଥିବା କଟେଜ୍ ସୁରକ୍ଷା ନେଇ ସମୀକ୍ଷା କରିଥିଲେ। କଟେଜ୍ କାର୍ଯ୍ୟାଳୟ ଭିତରେ ଜଙ୍ଗଲ ବିଭାଗର ଡିଏଫ୍‌ଓ କେ.ଭି ଭାସ୍କରଙ୍କ ସହ ଉଚ୍ଚ ନ୍ୟାୟାଳୟରେ ରୁଜୁ ହୋଇଥିବା ଏନ୍‌ଜିଟି ସମ୍ପର୍କରେ ପଚାରି ବୁଝିଥିଲେ। ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀଙ୍କ ସହ ଦେଓମାଳିର ପାରିପାର୍ଶ୍ୱିକ ସ୍ଥିତି



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଶୁକ୍ରବାର କୋଟିଆରେ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ଆଲୋଚନା କରୁଛନ୍ତି।

**କୋଟିଆରେ ଉପମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା**

ନେଇ ପଚାରି ବୁଝିଥିଲେ। ଏହି ସମୟରେ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ସଚିବ ସୁଭା ସର୍ମା, ଡବ୍ଲ୍ୟୁସିଡି ଅତିରିକ୍ତ ସଚିବ କୃତିବାସ ରାଉତ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ ଦଳୀୟ କର୍ମୀ ଯଥା ଏମ୍‌ପି ପ୍ରାର୍ଥୀ କାଳିରାମ ମାଝୀ, ଜିଲା ସଭାପତି ଶିବ ମୁଦୁଲି, ଚୈତନ୍ୟ ନନ୍ଦିବାଲି, ଜିଲା ସମ୍ପାଦକ ବଳରାମ ବାରିକ, ପୂର୍ବତନ ଜିଲା ସଭାପତି ସୁମନ୍ତ ପ୍ରଧାନ ଓ ଗୌତମ ସାମନ୍ତରାୟ ପ୍ରମୁଖ ଥିଲେ। ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଥିଲା।




# ବିଶ୍ୱ ଆଦିବାସୀ ଦିବସରେ ପ୍ରତିବାଦ ସଭା, ଶାନ୍ତିଭଙ୍ଗକୁ ନେଇ ନୋଟିସ

## ମା' ମାଟି ମାଳି ସୁରକ୍ଷା ମଞ୍ଚ, ନିୟମଗିରି ସୁରକ୍ଷା ସମିତିକୁ ପ୍ରଶାସନର ଚିଠି

ରାୟଗଡ଼ା,୮।୮(ସୁନିତ ମିଶ୍ର)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ସମେତ ପଡ଼ୋଶୀ କଳାହାଣ୍ଡି ଜିଲା ଥୁଆମୂଳ-ରାମପୁର ଅଞ୍ଚଳର ଆଦିବାସୀ ସମାଜକୁ ଏକତ୍ରକରି ଶନିବାର ବିଶ୍ୱ ଆଦିବାସୀ ଦିବସ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ଉକ୍ତ ଅଞ୍ଚଳର ଆଦିବାସୀଙ୍କୁ ଏକାଠି କରି କେତେଜଣ ବ୍ୟକ୍ତି ଓ ସଙ୍ଗଠନ କାଶୀପୁର ଅଞ୍ଚଳରେ ବେଦାନ୍ତ ପାଇଥିବା ସିଜିମାଇଲ ଖଣି ଖନନକୁ ବିରୋଧକରି ଶନିବାର ପ୍ରତିବାଦ ସଭାର ଆୟୋଜନ କରୁଥିବା ନେଇ ଜିଲା ପ୍ରଶାସନ ସୋସିଆଲ ମିଡିଆ ଓ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲା। ଏନେଇ ୫ ଜଣଙ୍କୁ ୬ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟର ନ୍ୟାୟିକ ଉପବିଭାଗ ପକ୍ଷରୁ ଚିଠି ନଂ. ୩୨୫୫/୬।୮।୨୫ରେ ନୋଟିସ ଜାରି କରାଯାଇଛି। ନୋଟିସ କରାଯାଇଥିବା ୫ଜଣ ହେଲେ ମା' ମାଟି ମାଳି ସୁରକ୍ଷା ମଞ୍ଚ ସଭାପତି ସୁବାସ ମାଝି, ଉପସଭାପତି ଲାଲ ମାଝି, କଳାହାଣ୍ଡି ଜିଲା କାର୍ଲାପାଟ ଥାନା ଅନ୍ତର୍ଗତ ତଳାମପଦର ଗ୍ରାମ ନିବାସୀ ତଥା ମା' ମାଟି ମାଳି ସୁରକ୍ଷା ମଞ୍ଚ ସମ୍ପାଦକ ଲକ୍ଷ୍ମଣ ମାଝି, ନିୟମଗିରି ସୁରକ୍ଷା ସମିତି ସଭାପତି ଲଦ ସିକକା ଏବଂ ସଂଯୋଜକ ଲିଙ୍ଗରାଜ ଆଜାଦ୍। ସେମାନଙ୍କୁ ଜାରି ହୋଇଥିବା ନୋଟିସରେ ଉଲ୍ଲେଖ ରହିଛି, ଯଦି କୌଣସି ପ୍ରତିବାଦ ସଭା କରାଯାଉଛି ତେବେ ଏନେଇ କୌଣସି ସୂଚନା କାଶୀପୁର ବ୍ଲକ ପ୍ରଶାସନ କିମ୍ବା ଜିଲା ପ୍ରଶାସନକୁ ଦିଆଯାଇନାହିଁ। ତେଣୁ ୭ ତାରିଖ ସନ୍ଧ୍ୟା ସୁଦ୍ଧା ସୂଚନା ଦେବାକୁ ନିର୍ଦ୍ଦେଶ ରହିଛି। ଯଦି ବିନା ସୂଚନାରେ କୌଣସି ପ୍ରତିବାଦ ସଭା କରାଯାଏ ତେବେ ସମ୍ପୃକ୍ତ ବ୍ୟକ୍ତି ବା ସଂଗଠନ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେହିପରି କାଶୀପୁର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ କାର୍ଯ୍ୟାଳୟରୁ ମଧ୍ୟ ଦୁଇଟି ଚିଠି ନଂ. ୧୦୩ରେ ୧୧ଜଣଙ୍କୁ ଏବଂ ଚିଠି ନଂ.୧୦୭ରେ ୭ଜଣଙ୍କୁ ଅଞ୍ଚଳରେ ଶାନ୍ତି ଭଙ୍ଗ ଆଶଙ୍କାକୁ ଦୃଷ୍ଟିରେ ରଖି ଚିଠି ଜାରି କରାଯାଇ ଅଗଷ୍ଟ ୨୦ତାରିଖରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ଉପସ୍ଥିତ ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# କୋମ୍ବିଂ ବେଳେ ୨ ଯବାନ ଗୁରୁତର

## ସୀମାନ୍ତ ପୁଣି ଅଶାନ୍ତ

### ଚିକିତ୍ସା ପାଇଁ ରାଞ୍ଚି ଏୟାର ଲିଫ୍ଟ




ବଣାଇଁ,୮।୮(ପ୍ରଦୀପ ତ୍ରିପାଠୀ)

ଓଡ଼ିଶା-ଝାଡ଼ଖଣ୍ଡ ସୀମାସଂଲଗ୍ନ ସରଣ୍ଡା ହିନ୍ଦୁକୁଲି ଜଙ୍ଗଲରେ ପୁଣି ମାଓବାଦୀ ଖଞ୍ଜିଥିବା ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ଶୁକ୍ରବାର ୨ ଜଣ ଯବାନ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ କୋବ୍ରା ୨୦୩ ନମ୍ବର ବାଟାଲିୟନର ହେଡ୍ କନଷ୍ଟେବଲ ରାମ ପ୍ରବେଶ ସିଂ ଓ କନଷ୍ଟେବଲ ଛୋଟୁ କଚ୍ଛପ। ସେମାନଙ୍କୁ ଉଦ୍ଧାର କରାଯାଇ ସରଣ୍ଡା ଜଙ୍ଗଲସ୍ଥିତ ଦୀଘା ହେଲିପ୍ୟାଡକୁ ଆଣା ଯାଇଥିଲା। ସେଠାରୁ ବିମାନ ଯୋଗେ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ରାଞ୍ଚି ଏୟାର ଲିଫ୍ଟ କରାଯାଇଛି। ଏବେ ଉଭୟଙ୍କ ଅବସ୍ଥା ସ୍ଥିର ଥିବା ରାଞ୍ଚି ଆଇ. ଜି. ମନୋଜ କୌଶିକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଘଟଣା ପରେ ସୁରକ୍ଷା ବାହିନୀ ପକ୍ଷରୁ ମାଓବାଦୀ ବିରୋଧୀ ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ଆଇଜି କୌଶିକ ସ୍ପଷ୍ଟ କରିଛନ୍ତି।

ସୂଚନା ଅନୁଯାୟୀ, ଶୁକ୍ରବାର କୋବ୍ରା ଯବାନମାନେ ଓଡ଼ିଶା-ଝାଡ଼ଖଣ୍ଡ ସୀମା ସଂଲଗ୍ନ ସରଣ୍ଡା ହିନ୍ଦୁକୁଲି ଜଙ୍ଗଲରେ ମାଓବାଦୀ ବିରୋଧୀ ଅଭିଯାନ କୋମ୍ବିଂ ଅପରେଶନ ଚଳାଉଥିଲେ। ହଠାତ୍ ପୂର୍ବାହ୍ନ ପ୍ରାୟ ୧୦ଟା ୪୦ରେ ମାଓବାଦୀମାନେ ଖଞ୍ଜିଥିବା ଲ୍ୟାଣ୍ଡ ମାଇନ ବିସ୍ଫୋରଣ ଘଟିଥିଲା। ଏଥିରେ ୨ ଜଣ ଯବାନ ଗୁରୁତର ହୋଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ସିପିଆଇ ମାଓବାଦୀ ସଙ୍ଗଠନର ଶୀର୍ଷ ନେତା ମିସିର ବେସରା ଏବଂ ଅନମୋଲ ସମେତ ଅନେକ ହାର୍ଡକୋର ସଦସ୍ୟ ସରଣ୍ଡା ଜଙ୍ଗଲରେ ସକ୍ରିୟ ଅଛନ୍ତି। ସୁରକ୍ଷା ବାହିନୀର ଦଳ ଏହି ଅଞ୍ଚଳରେ ନିରନ୍ତର ଅପରେଶନ ଚଳାଇ ମାଓବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି। ଗତ କିଛିଦିନ ତଳେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ରେଳ କର୍ମଚାରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଥିଲେ। ଏଥିସହ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ସିଆର୍‌ପିଏଫ୍ ଅଧିକାରୀ ମନୋଜ ସତ୍ୟବାନ ସିଂ ଶହୀଦ ହୋଇଥିଲେ। ଅସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଝାଡ଼ଖଣ୍ଡ ପାଣ୍ଡୁଝରାର ଜଣେ ଓ ଓଡ଼ିଶା ସୀମା ଜମାରଡିହିର ପତ୍ର ତୋଳିବାକୁ ଯାଇଥିବା ୩ଜଣ ମହିଳାଙ୍କ ଲ୍ୟାଣ୍ଡ ମାଇନ ବିସ୍ଫୋରଣରେ ମୃତ୍ୟୁ ଘଟିଥିବା ନେଇ ଚର୍ଚ୍ଚା ଚାଲିଛି । ଏଥିସହ ସରଣ୍ଡା ଜଙ୍ଗଲରେ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୨ଟି ହାତୀର ମୃତ୍ୟୁ ଘଟିଥିଲା। ଏବେ ମାଓବାଦୀଙ୍କ ଶକ୍ତି ବୃଦ୍ଧିକୁ ଗୁରୁତ୍ୱ ଦେଇ ତୁରନ୍ତ ଓଡ଼ିଶା ସୀମାରେ ଅପସାରିତ ସିଆର୍‌ପିଏଫ ଯବାନଙ୍କୁ ପୁନଃ ଅବସ୍ଥାପିତ ନ କଲେ ଆଗକୁ ଆହୁରି ମାଓବାଦୀ ହିଂସା ବୃଦ୍ଧି ପାଇବ ବୋଲି ବୁଦ୍ଧିଜୀବୀ ଓ ସୁରକ୍ଷା ବିଶେଷଜ୍ଞ ମତ ଦେଇଛନ୍ତି।

# ଏମ୍‌ସରେ ପୁଣି ସିବିଆଇ ଚଢ଼ାଉ

## ଜାଲ୍ ପ୍ରମାଣପତ୍ରରେ ନିଯୁକ୍ତି

- ଠିକା ସଂସ୍ଥା ମ୍ୟାନେଜରଙ୍କ ଘର, ଫ୍ଲାଟ୍‌ରେ ଯାଞ୍ଚ
- ନିଯୁକ୍ତି ସଂକ୍ରାନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ

ଭୁବନେଶ୍ୱର,୮।୮(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରସ୍ଥିତ ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ (ଏମ୍‌ସ)ରେ ଜାଲ୍ ପ୍ରମାଣପତ୍ର ଜରିଆରେ ନିଯୁକ୍ତି ଘଟଣାକୁ ନେଇ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ପୁଣି ତଦନ୍ତକୁ ତ୍ୱରାନ୍ୱିତ କରିଛି। ସିବିଆଇ ପକ୍ଷରୁ ଶୁକ୍ରବାର ଏମ୍‌ସରେ ଚଢ଼ାଉ କରାଯାଇଛି। ସିବିଆଇ ଟିମ୍ ଏମ୍‌ସର ଏକାଡେମିକ୍ ବ୍ଲକ୍‌ରେ ଯାଞ୍ଚ କରିବା ସହ ନିଯୁକ୍ତି ସଂକ୍ରାନ୍ତ ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍ ଜବତ କରିଛି। ଏଥିସହ ଏକାଧିକ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରି ବୟାନ ରେକର୍ଡ କରାଯାଇଛି। ତେବେ ଏମ୍‌ସ ବ୍ୟତୀତ ଆଉ ଦୁଇଟି ସ୍ଥାନ କଳ୍ପନାସ୍ଥିତ ପୁରୁଣା ବିଏମ୍‌ସି ଅଫିସ ସାମ୍ନା ଆପାର୍ଟମେଣ୍ଟର ଏକ ଫ୍ଲାଟ୍ ଓ ଜଗତ୍‌ସିଂହପୁରସ୍ଥିତ ଏକ ଘରେ ମଧ୍ୟ ସିବିଆଇ ଚଢ଼ାଉ କରିଛି। ଏହି ଦୁଇ ଘର ଜାଲିଆତିର ମାଷ୍ଟରମାଇଣ୍ଡ କୁହାଯାଉଥିବା ଏକ ଠିକା ସଂସ୍ଥାର ମ୍ୟାନେଜର ସ୍ମୃତି ସାଗର କରଙ୍କର ବୋଲି ସୂଚନା ମିଳିଛି। ସିବିଆଇ ଅଧିକାରୀମାନେ ସେଠାରେ ଏକକାଳୀନ ଚଢାଉ କରିଛନ୍ତି।

ସୂଚନା ଅନୁଯାୟୀ, ୨୦୨୩-୨୪ରେ ଏମ୍‌ସରେ ଦୁଇଟି ଲେଖାଏ ସାନିଟାରି ଇନ୍ସପେକ୍ଟର ଓ ମେଡିକାଲ ରେକର୍ଡ ଟେକ୍ନିସିଆନ୍ ପଦବୀ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିରେ ପୂର୍ବରୁ ଚୁକ୍ତିଭିତ୍ତିରେ ଠିକା କର୍ମଚାରୀ ଭାବେ କାମ କରୁଥିବା ୪ଜଣ ପରୀକ୍ଷାରେ ଉତୀର୍ଣ୍ଣ ହୋଇ ସ୍ଥାୟୀ ଚାକିରି କରିଥିଲେ। ସେମାନେ ଗାଜିଆବାଦ ଓ ଗୋରଖପୁରରୁ ଜାଲ୍ ସାର୍ଟିଫିକେଟ୍ ଓ ଚାକିରି ଅଭିଜ୍ଞତା ପ୍ରମାଣପତ୍ର ଆଣି ଦାଖଲ କରିଥିଲେ। ଜାଲ କାଗଜପତ୍ର ଜରିଆରେ ଚୁକ୍ତିଭିତ୍ତିରେ ଠିକା କର୍ମଚାରୀ ଭାବେ ନିଯୁକ୍ତି ଦିଆଯାଇଥିବା ୪ଜଣଙ୍କୁ ଏମ୍‌ସରେ ସ୍ଥାୟୀ କରାଯାଇଥିବା ନେଇ ସିବିଆଇରେ ଅଭିଯୋଗ ହେବା ପରେ ଘଟଣା ପଦାକୁ ଆସିଥିଲା। ସିବିଆଇ ଏ ସମ୍ପର୍କରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ଫେବୃଆରୀ ୧୯ରେ ସିବିଆଇ ପକ୍ଷରୁ ଏମ୍‌ସର ଏକାଡେମିକ୍ ବ୍ଲକ୍‌ରେ ଚଢ଼ାଉ କରାଯାଇଥିଲା।

# ୨୨.୭୪ ଲକ୍ଷ ଚାଷୀ ନେଲେଣି ୧୭ହଜାର କୋଟିର ଶସ୍ୟଋଣ

## ବଣ୍ଟାହେଲାଣି ୩.୭୫ ଲକ୍ଷ କୁଇଣ୍ଟାଲ ବିହନ

ଭୁବନେଶ୍ୱର,୮।୮(ରବିନାରାୟଣ ଜେନା)

କୃଷକ ଓ ମହିଳାଙ୍କୁ କିଭଳି ଆତ୍ମନିର୍ଭରଶୀଳ କରି ରାଜ୍ୟର ବିକାଶରେ ସାମିଲ କରାଯାଇପାରିବ ସେନେଇ ରାଜ୍ୟ ସରକାର ଗୁରୁତ୍ୱ ଦେଉଛନ୍ତି। ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ 'ସୁଭଦ୍ରା' ଯୋଜନା ମାଧ୍ୟମରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଲକ୍ଷ୍ୟ ରଖିଥିବାବେଳେ କୃଷକଙ୍କ ଆୟ ବୃଦ୍ଧିକରି ସେମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସଶକ୍ତ କରିବାକୁ ଯୋଜନା ରଖିଛନ୍ତି। ଏହିକ୍ରମରେ ଚଳିତବର୍ଷ ଖରିଫଋତୁ ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ୧୭ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଶସ୍ୟଋଣ ପ୍ରଦାନ କରାଯାଇ ସାରିଲାଣି। ଆଗାମୀ ଦିନରେ ଅଧିକ ଚାଷୀ କିଭଳି ସରକାରଙ୍କ ଯୋଜନାରେ ସାମିଲ ହେବେ ଏବଂ ଅଧିକ ପରିମାଣର ଶସ୍ୟଋଣ ବଣ୍ଟନ କରାଯିବା ସହ ଶସ୍ୟ ଉତ୍ପାଦନ ବଢ଼ିବ ତାକୁ ନେଇ କୃଷି ବିଭାଗ ପକ୍ଷରୁ ସ୍ୱତନ୍ତ୍ର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରାଯାଇଛି। ଏହିକ୍ରମରେ ଅଗଷ୍ଟ ୪ ସୁଦ୍ଧା ୨୨ଲକ୍ଷ ୭୩ହଜାର ୬୫୩ ଚାଷୀଙ୍କୁ ୧୭ହଜାର ୬୫କୋଟି ଟଙ୍କାର ଶସ୍ୟଋଣ ପ୍ରଦାନ କରାଯାଇଛି ବୋଲି କୃଷି ବିଭାଗ ପ୍ରମୁଖ ସଚିବ ଡ. ଅରବିନ୍ଦ ପାଢ଼ୀଙ୍କ ସମୀକ୍ଷା ବୈଠକରୁ ଜଣାଯାଇଛି।

କୃଷି ବିଭାଗର ତଥ୍ୟ ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୩-୨୪ ଆର୍ଥିକବର୍ଷରେ ଉଭୟ ଖରିଫ୍ ଓ ରବିଋତୁ ଲାଗି ଚାଷୀଙ୍କୁ ୧୮ହଜାର କୋଟି ଟଙ୍କାର ଶସ୍ୟଋଣ ଯୋଗାଇବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ୧୮ହଜାର ୫୭୬.୫୯କୋଟି ଟଙ୍କାର ଋଣ ସହାୟତା ଯୋଗାଇ ଦିଆଯାଇଥିଲା। ମାତ୍ର ଚଳିତବର୍ଷ କେବଳ ଖରିଫ୍‌ରେ ୧୭ହଜାର ୬୫ କୋଟି ଟଙ୍କାର ଶସ୍ୟଋଣ ବଣ୍ଟନ କରାଯାଇଥିବା ବେଳେ ଆଗାମୀ ୧୫ ତାରିଖ ସୁଦ୍ଧା ବିଭାଗ ୨୫ଲକ୍ଷ ଚାଷୀ ପଞ୍ଜୀକରଣ କରିବାକୁ ଲକ୍ଷ୍ୟ ରଖିଛି। ଯଦି ଚାଷୀଙ୍କ ସଂଖ୍ୟା ବଢ଼େ ଶସ୍ୟଋଣ ପରିମାଣ ମଧ୍ୟ ଆହୁରି ବଢ଼ିବ ବୋଲି କୃଷି ବିଭାଗ ପକ୍ଷରୁ ଜଣାଯାଇଛି।

ବୈଠକର ସୂଚନା ଅନୁଯାୟୀ, ଚଳିତମାସ ୪ ତାରିଖ ସୁଦ୍ଧା ୭ଲକ୍ଷ ୪୬ହଜାର ୯୦୯ ଚାଷୀ ପ୍ରଧାନମନ୍ତ୍ରୀ ଫସଲ ବୀମାରେ ପଞ୍ଜୀକରଣ କରିଛନ୍ତି। ଏଥିମଧ୍ୟରେ ୫ଲକ୍ଷ ୧୫ହଜାର ୧୫୬ ହେକ୍ଟର ଚାଷଜମି ବୀମାଭୁକ୍ତ ହୋଇଛି। ସେହିପରି ଗତବର୍ଷ ତୁଳନାରେ ଚାଷୀଙ୍କୁ ଚଳିତବର୍ଷ ଅଧିକ ପରିମାଣର ଧାନବିହନ ଯୋଗାଇ ଦିଆଯାଇଛି। ଗତବର୍ଷ (୨୦୨୪-୨୫)ରେ ରାଜ୍ୟରେ ୩ଲକ୍ଷ ୪୫ହଜାର ୩୬୧ କୁଇଣ୍ଟାଲ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରାଯାଇଥିବାବେଳେ ଚଳିତବର୍ଷ ଏହି ପରିମାଣ ୩ଲକ୍ଷ ୭୪ହଜାର ୫୨୧ କୁଇଣ୍ଟାଲକୁ ଛୁଇଁଛି; ଯାହାକି ଧାର୍ଯ୍ୟଲକ୍ଷ୍ୟଠାରୁ ଢେର ଅଧିକ। ଚଳିତବର୍ଷ ଚାଷୀଙ୍କୁ ୩ଲକ୍ଷ ୩୦ହଜାର ୪୦୫ କୁଇଣ୍ଟାଲ ଧାନ ବିହନ ଖରିଫରେ ଯୋଗାଇବାକୁ ରହିଥିବାବେଳେ ଚଳିତମାସ ୪ ତାରିଖ ସୁଦ୍ଧା ୪୪ହଜାର ୧୧୬ କୁଇଣ୍ଟାଲ ଧାନ ବିହନ ଚାଷୀଙ୍କୁ ପ୍ରଦାନ କରାଯାଇ ସାରିଲାଣି। ଚଳିତବର୍ଷ ଧାନ ଫସଲ ଯେପରି ଅଧିକ ଅମଳ ହେବ ତାକୁ ଦୃଷ୍ଟିରେ ରଖି ସାର, କୀଟନାଶକ ଯୋଗାଣ ସହିତ ଅନ୍ୟାନ୍ୟ ଦିଗ ଉପରେ ବୈଠକରେ ବିସ୍ତୃତ ଆଲୋଚନା ହୋଇଛି।

# ପୋଲିସ ମୁଖ୍ୟାଳୟ ସମ୍ମୁଖରେ କଂଗ୍ରେସ ଧାରଣା

## ବଳଙ୍ଗା ପୀଡ଼ିତା ମୃତ୍ୟୁ ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ ଦାବି

କଟକ,୮।୮(ଶିଳ୍ପା ପ୍ରିୟଦର୍ଶିନୀ)



କଟକ ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟ ସମ୍ମୁଖରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ କଟକ ବକ୍ସିବଜାରସ୍ଥିତ ପୋଲିସ ମୁଖ୍ୟାଳୟ ସମ୍ମୁଖରେ ଶୁକ୍ରବାର ବଳଙ୍ଗା ପୀଡିତା ମୃତ୍ୟୁ ଘଟଣାରେ ଅଭିଯୁକ୍ତଙ୍କ ଗିରଫ ଦାବି କରି ଧାରଣା ଦିଆଯାଇଛି। ପରେ ମହିଳା ପ୍ରତିନିଧି ଦଳ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଏକ ପ୍ରତିବାଦ ଶୋଭାଯାତ୍ରା ମାତାମଠରୁ ବାହାରି ପୋଲିସ ମୁଖ୍ୟାଳୟରେ ପହଞ୍ଚିଥିଲା। କଟକ ନଗର ଜିଲା କଂଗ୍ରେସ କମିଟି ସଂଯୋଜକ ତଥା ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଶରତ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନ, ପୂର୍ବତନ ଏମ୍‌ପି ରାମଚନ୍ଦ୍ର ଖୁଣ୍ଟିଆ, ଅନନ୍ତ ସେଠୀ, ବରିଷ୍ଠ ନେତା ସୁରେଶ ରାଉତରାୟ, ଇଂ. ମହମ୍ମଦ ମୋକିମ, ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ଜେନା, କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାଶ, ଓଡ଼ିଶା ପ୍ରଦେଶ ମହିଳା ସଭାନେତ୍ରୀ ମୀନାକ୍ଷୀ ବାହିନୀପତି ଯୋଗଦେଇ ଭାଜପା ସରକାରର ବିଫଳତା ଓ ନାରୀ ସୁରକ୍ଷା ଦିଗରେ କଡା ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ରାଜ୍ୟରେ ମହିଳାଙ୍କୁ ସୁରକ୍ଷା ଓ ନ୍ୟାୟ ଦେବାରେ ଭାଜପା ସରକାର ବିଫଳ ହୋଇଛି। ପ୍ରତ୍ୟେକ ଦିନ ରାଜ୍ୟର କେଉଁଠି ନା କେଉଁଠି ବଳାତ୍କାର, ନାରୀ ନିର୍ଯାତନା ଭଳି ଘଟଣା ଘଟୁଥିବା ବେଳେ ଅପରାଧୀମାନଙ୍କ ଭୟ ରହୁନାହିଁ। ଏପରିକି ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ବଳଙ୍ଗା ନାବାଳିକା ପୋଡି ଘଟଣାରେ ୩ଜଣ ଦୁର୍ବୃତ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରାଯାଇଛି। ସଭାକୁ ବିଶ୍ୱଜିତ ଦାଶ ପରିଚାଳନା କରିଥିଲେ। ଧାରଣାରେ ପୂର୍ବତନ ନଗର ସଭାପତି ଗିରିବାଳା ବେହେରା, ବନ୍ଦିତା ପରିଡା, ସସ୍ମିତା ବେହେରା, ମନୋଜ ବିଶ୍ୱାଳ ଓ ରାଜେଶ ସ୍ୱାଇଁ, ବରିଷ୍ଠ ନେତା ରାମଚନ୍ଦ୍ର ଗୋଚ୍ଛାୟତ, କଟକ ନଗର(ଜିଲା)କଂଗ୍ରେସ ମୁଖ୍ୟ-ମୁଖପାତ୍ର ମାନସ ପରିଡ଼ା, କଟକ ନଗର ଯୁବ କଂଗ୍ରେସ ସଭାପତି ଡ. ବିପ୍ଳବ ଶିଳାଦିତ୍ୟଙ୍କ ସମେତ ଓଡ଼ିଶାର ଶତାଧିକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।






ତୁମେ ଯଦି କେବଳ ସାମାଜିକ ଓ ସାମୂହିକ ନିୟମଗୁଡ଼ିକୁ ମାନିବାକୁ ତତ୍ପର ହେଉଥାଅ- ଜାଣିରଖ ଯେ, ତୁମେ ତତ୍‌କ୍ଷଣାତ୍ ସେହି ସବୁ ନିୟମର କ୍ରୀତଦାସ ହୋଇ ରହିବ। ଏବଂ ତାହା ହିଁ ତୁମ ରୂପାନ୍ତର ପଥରେ କାର୍ଯ୍ୟ କରିବା ଦିଗରେ ଯଥେଷ୍ଟ ବାଧା ସୃଷ୍ଟି କରିବ। -ଶ୍ରୀମା

-ଗହ୍ମାପୂର୍ଣ୍ଣିମା, ବଳଭଦ୍ର ଜନ୍ମ, ରକ୍ଷାବନ୍ଧନ



# ଗୁଞ୍ଜରଣର ପ୍ରଭାବ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେତେକ ଘଟଣା ସମ୍ପର୍କିତ ରିପୋର୍ଟ ଗଣମାଧ୍ୟମରେ ସାମ୍ନାକୁ ନ ଆସିଲେ ମଧ୍ୟ ସେସବୁ କେବଳ ଗୁଞ୍ଜରଣ, ଲିଫ୍ଟର ପ୍ରତୀକ୍ଷାଳୟରେ ଆଲୋଚନା ଏବଂ ଡିନରରେ କାନକୁହା କଥା ଦ୍ୱାରା ବ୍ୟାପିଯାଏ। ଏବେ ସେଭଳି ଏକ ଘଟଣା ବ୍ୟାପିବାରେ ଲାଗିଛି, ଯାହା ୨ଜଣ ଛାତ୍ର କର୍ମକର୍ତ୍ତା, ଉଗ୍ରବାଦୀ କାର୍ଯ୍ୟକଳାପ ବିରୋଧୀ କାର୍ଯ୍ୟ ପାଇଁ ଜଣାଶୁଣା ଦିଲ୍ଲୀ ପୋଲିସର ଏକ ୟୁନିଟ୍ ଏବଂ ହାଜତ ନିର୍ଯାତନାର ଏକ କ୍ରୁର ଅଧ୍ୟାୟ ସହ ଜଡ଼ିତ। ଲକ୍ଷିତା ଏବଂ ଗୁର୍‌କିରାତଙ୍କ ଅନୁଯାୟୀ ସେମାନଙ୍କୁ ଚମଡ଼ା ଚାବୁକରେ ପିଟାଯାଇଛି। କୌଣସି ରାଜନୈତିକ ଉତ୍ତେଜନା କିମ୍ବା କ୍ଷତିକାରକ କାର୍ଯ୍ୟ ପାଇଁ ଏଭଳି କରାଯାଇ ନ ଥିଲା। ସେମାନେ କହନ୍ତି, ଜଣେ ପ୍ରତିଷ୍ଠିତ ପରିବାର ସହ ବ୍ୟକ୍ତିଗତ ବିବାଦରୁ ଏଭଳି ନିର୍ଯାତନା ଦିଆଯାଇଛି। ଅନୌପଚାରିକ ଭାବେ ମିଳିଥିବା ପ୍ରଶାସନିକ ତଥ୍ୟ ୧୯୯୫ ବ୍ୟାଚ୍‌ର ଜଣେ ବରିଷ୍ଠ ଅଧିକାରୀଙ୍କୁ ଇଙ୍ଗିତ କରୁଛି, ଯିଏ କି ନିକଟରେ ଜଳ କ୍ଷେତ୍ରରେ ଏକ ଜାତୀୟ ମିଶନର ନେତୃତ୍ୱ ନେଉଛନ୍ତି। ଅବଶ୍ୟ ଏଫ୍‌ଆଇଆର୍‌ରେ ତାଙ୍କ ନାମ ନାହିଁ। ଗୁରୁତ୍ୱପୂର୍ଣ୍ଣ କଥା ଯେ, ଏକ ଘରୋଇ ଅଭିଯୋଗରେ ସ୍ୱତନ୍ତ୍ର ପୋଲିସ ୟୁନିଟ୍ ଦ୍ୱାରା ବେଆଇନ ଭାବେ ଅଟକ ରଖି ଶାରୀରିକ ନିର୍ଯାତନା ଦିଆଯାଇଥିବା ଦିନଗୁଡ଼ିକର ଘଟଣାଗୁଡ଼ିକୁ ଦର୍ଶାଯାଇଥିବା ଜଣାପଡ଼ିଛି, ଯାହା ପୋଲିସ ପାଇଁ ବିପଦର କାରଣ ପାଲଟିଛି। କୌଣସି ଆନ୍ଦୋଳନ ନାହିଁ କି ଗଣମାଧ୍ୟମ ରିପୋର୍ଟ ନାହିଁ; କେବଳ ଲୋକଙ୍କ ଦ୍ୱାରା ଖବର ବ୍ୟାପୁଛି। ଦିଲ୍ଲୀରେ,ଗୁଞ୍ଜରଣ ଔପଚାରିକ ପ୍ରେସ୍ ରିଲିଜଠାରୁ ସବୁବେଳେ ଅଧିକ କିଛି କହେ। କ୍ଷମତା ଯେତେବେଳେ ଘଟଣାକୁ ସର୍ବସାଧାରଣରେ ପ୍ରକାଶ କରିବାକୁ ଚାହେଁ ନାହିଁ ସେତେବେଳେ ତାହାର ଅବସ୍ଥା କ'ଣ ହୁଏ ତାହା ସମସ୍ତେ ଜାଣନ୍ତି। ଘଟଣାକୁ କେବେ ବି ନିୟନ୍ତ୍ରଣରେ ରଖିହୁଏ ନାହିଁ।

### ଅସ୍ଥାୟୀ ନିଯୁକ୍ତି

| B.Tech. (Plastics Engineering) / B.Tech. (Manufacturing Engineering & Technology) (Equivalent to Production Engg.) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and Chemistry. | 4 Years |
| Int. M.Sc. (B.Sc. + M.Sc.) (Material Science and Engineering) | 12th Science pass with minimum 45% mark (40% mark for SC/ST category) in aggregate with Mathematics, Physics and Chemistry. | 5 Years |
| Lateral Entry for B. Tech. (Manufacturing Engineering & Technology) | Passed Diploma with minimum 45% mark (40% mark for SC/ST category) from any branch. or Passed B.Sc. degree with minimum 45% mark (40% mark for SC/ST category) and passed 10+2 examination with Mathematics as a subject. | 3 Years |
| M.Sc. (Polymer Science) | Any B.Sc. degree with Chemistry as one of the subject. | 2 Years |
| M.Tech. (Plastics Engineering) / M.Tech. (Polymer Nanotechnology) | Passed B. Tech in Plastics Engineering or Tech. / Mechanical Engg. / Production Engg./ Polymer Engg. / Chemical Engg. / Manufacturing Engg. / Metallurgical Engg. / Materials Sc. & Engg. / Rubber & Plastcs Tech. / Textile Engg./M.Sc. in Polymer Science / Polymer Chemistry / Polymer Physics / Biopolymer Science / Chemistry / Applied Chemistry. with minimum 50% mark (45% mark for SC/ST category) | 2 Years |

Excellent Placement Track Record
Candidates may apply through the link :
https://forms.gle/nUbAXmQFSfpeqe9e8
Spot Admission Date: 13.08.2025
Scan Me
Contact: 8144919800/ 8170044113/ 9348795434

## ୟୁକୋ ବ୍ୟାଙ୍କ
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଂ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩
### ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ନଂ.୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ଦଳାଇସାହି ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ, ଆନୁସଙ୍ଗିକ ଖର୍ଚ୍ଚ ଏବଂ ଦେୟ ପାଇଁ ଉତ୍ତରଦାୟୀ ରହିବେ।

| ଦଳାଇସାହି ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ବିଦ୍ୟାଧର ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ ସୀତାକାନ୍ତ ପ୍ରଧାନ, ସା: ଦୃତୀୟାପଡା, ପୋ: ବୋଲଗଡ, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୧୪,୯୧,୩୭୫/- + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୫.୨୦୨୫ / ୦୮.୦୮.୨୦୨୫ | ଶ୍ରୀ ସୀତାକାନ୍ତ ପ୍ରଧାନ, ପିତା: ଶ୍ରୀ ରାମଚନ୍ଦ୍ର ପ୍ରଧାନଙ୍କ ନାମରେ ଥିବା ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପଞ୍ଜିକୃତ ବିକ୍ରୟ ଦଲିଲ୍ ନଂ.: ୫୦୬, ତାରିଖ: ୦୩.୦୫.୨୦୧୦, ପ୍ଲଟ୍ ନଂ.: ୧୮୬୪/୨୦୫୭, ଖାତା ନଂ.: ୧୧୨୧/୬୭, କ୍ଷେତ୍ର: ଏକର୦.୦୭୬ଡିସିମିଲି, ମୌଜା: ଦୃତୀୟାପଡା, ତହସିଲ: ବୋଲଗଡ, ଥାନା: ବୋଲଗଡ, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା ସହିତ ଏକ ମହଲା ବିଶିଷ୍ଟ ବିଲ୍ଡିଂ ଯାହାର ତଳ ମହଲା ଆରସିସି ପ୍ଲିନ୍ଥ ଏରିଆ: ୯୫୮.୧୬ବର୍ଗଫୁଟ ଏବଂ **ସମୁଦାୟ ଜମିର କ୍ଷେତ୍ର: ୩୩୧୦.୫୬ ବର୍ଗଫୁଟ**, ଏହାର ଚାରିପାର୍ଶ୍ୱରେ ଉତ୍ତର: ଲକ୍ଷ୍ମୀଧର ମହାନ୍ତି, ଦକ୍ଷିଣ: ମୋରମ ରୋଡ୍, ପୂର୍ବ: ସୌରଭ ଚନ୍ଦ୍ର ପ୍ରଧାନ, ପଶ୍ଚିମ: ପ୍ରଫୁଲ୍ଲ ଚନ୍ଦ୍ର ସାହୁ |
| ଋଣଗ୍ରହୀତା: ନଓ୍ୱାଜ ଟ୍ରେଡର୍ସ, ସ୍ୱତ୍ୱାଧିକାରୀ: ମିରହେଦାୟ ତୁଲା / ଗ୍ୟାରେଣ୍ଟିଦାତା: ଖୁରସିଦା ବେଗମ, ସ୍ୱାମୀ: ମିରହେଦାୟ ତୁଲା, ଉଭୟଙ୍କ ଠିକଣା- ସା: ଦଳାଇସାହି, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା-୭୫୨୦୬୬ | ଟ.୯,୧୦,୭୫୯.୦୫ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୨୯.୦୪.୨୦୨୫ / ୦୮.୦୮.୨୦୨୫ | ଖୁରସିଦା ବେଗମ, ସ୍ୱାମୀ: ମିରହେଦାୟ ତୁଲାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୧୨୨୬/୨୫୫୨, ଖାତା ନଂ.: ୧୩୮୦/୧୪୩, ମୌଜା: ଦଳାଇସାହି, ତହସିଲ: ବୋଲଗଡ, ଥାନା: ବୋଲଗଡ, ପୋ: ମାଣିକଗୋଡା, ଜିଲ୍ଲା: ଖୋର୍ଦ୍ଧା, କ୍ଷେତ୍ର: ଏକର୦.୧୫୩ଡିସିମିଲି ଯାହା ୬୬୬୪.୬୮ ବର୍ଗଫୁଟ, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ଶେଖ୍ ବାମ୍, ପୂର୍ବ: ମିର ବରହକ ତୁଲା, ପଶ୍ଚିମ: ସଜିଦା ବେଗମ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୮.୦୮.୨୦୨୫
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ସଂକ୍ଷେପରେ

### ଖବରକାଗଜ ବିତରକ ସଂଘ ପକ୍ଷରୁ ଅସୁସ୍ଥ ବିତରକଙ୍କୁ ସହାୟତା

ଧର୍ମଶାଳା,୮।୮(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଖବରକାଗଜ ବିତରକ ସଂଘ ପକ୍ଷରୁ ପକ୍ଷାଘାତ ରୋଗରେ ଆକ୍ରାନ୍ତ ବିତରକ ରାମଚନ୍ଦ୍ର ମହାନ୍ତି (ଦାମ) ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଖବରକାଗଜ ବିତରକ ଦାମୋଦର ମହାନ୍ତି ଉଚ୍ଚ ରକ୍ତଚାପ ସହ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ । କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି । ଏହି ଖବର ଜଣାପଡ଼ିବା ପରେ ଧର୍ମଶାଳା ପ୍ରେସ୍ କ୍ଲବ୍ ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ମଙ୍ଗଳବାର ଦିନ ଧର୍ମଶାଳା ବିତରକ ସଂଘ ପକ୍ଷରୁ ଉପଦେଷ୍ଟା ବସନ୍ତ କୁମାର ବାରିକ, ସଭାପତି ପ୍ରମୋଦ କୁମାର ରାଉତ, ସମ୍ପାଦକ ହରିନାରାୟଣ ଦାସ, ସହସମ୍ପାଦକ ଧିରେନ୍ଦ୍ର ମହାନ୍ତି, କୋଷାଧ୍ୟକ୍ଷ ତରୁଣ କୁମାର ବେହେରା, ସଭ୍ୟ ଦେବପ୍ରସାଦ ରାୟ, କମଳାକାନ୍ତ ଦାସ, ବିମ୍ବାଧର ସାମଲ, କାହ୍ନୁଚରଣ ରଣା, ପୁରୁଷୋତ୍ତମ ସେଠୀ, ମଦନ ମୋହନ ମଳିକ ପ୍ରମୁଖ ଆକ୍ରାନ୍ତ ରାମଚନ୍ଦ୍ରଙ୍କ ବାସଭବନକୁ ଯାଇ ଆଶୁ ଆରୋଗ୍ୟ କାମନା କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି ।

### ରଣ ଗ୍ରହୀତା ମହିଳା ଠକାମିର ଶିକାର

ଧର୍ମଶାଳା,୮।୮(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ଥାନା କୁମାରୀ ଅଞ୍ଚଳରେ ଜଣେ ରଣ ଗ୍ରହୀତା ମହିଳା ସାଇବର ଲୁଟେରାଙ୍କ ଶିକାର ହୋଇଛନ୍ତି। ସେ ହେଲେ ଧର୍ମଶାଳା ଥାନା କୁମାରୀ ଅଞ୍ଚଳର ଦୁର୍ଗାପ୍ରସାଦ ମିଶ୍ରଙ୍କ ସ୍ତ୍ରୀ ମାମିନା ମିଶ୍ର । ତାଙ୍କ ମୋବାଇଲକୁ ସକାଳ ଘ୮.୪୬ମିନିଟରେ ଏକ ଅଜଣା ଫୋନ ନମ୍ବର ୮୧୧୨୧୯୧୮୭୫ରୁ କଲ୍ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ନିଜକୁ ଏକ ବ୍ୟାଙ୍କ ମ୍ୟାନେଜର ବୋଲି ପରିଚୟ ଦେଇଥିଲେ। ଉକ୍ତ ବ୍ୟାଙ୍କରେ ଆପଣଙ୍କ ବକେୟା ଥିବା ୨ଟି କିସ୍ତି ଶୁଝି ଦେଲେ ତୁମକୁ ଏକ ନୂଆ ଲୋନ ମଞ୍ଜୁର କରାଇ ଦିଆଯିବ । ଏଥପାଇଁ ଫୋନପେ'ରେ ଗୋଟିଏ କିସ୍ତି ୩୬୫୦ଟଙ୍କା ପଠାଇବାକୁ କହିଥିଲେ। ତାଙ୍କ କହିବା ମୁତାବକ ମାମିନା ଟଙ୍କା ପଠାଇ ସାରିବା ପରେ ଆଉ ଗୋଟିଏ କିସ୍ତିର ଟଙ୍କା ପୈଠ କରିବାକୁ କହିଥିଲେ। ଏହା ପରେ ମାମିନାଙ୍କ ସନ୍ଦେହ ହେବାରୁ ସେ ବ୍ୟାଙ୍କ ଯାଇ ବୁଝିଥିଲେ। ବ୍ୟାଙ୍କ ମ୍ୟାନେଜର ନ ଥିବାରୁ ଅନ୍ୟ କର୍ମଚାରୀ ବ୍ୟାଙ୍କରୁ କୌଣସି କଲ ଆପଣଙ୍କ ନମ୍ବରକୁ ଯାଇନାହିଁ ବୋଲି କହିଥିଲେ। ପରେ ଫୋନ ଆସିଥିବା ନମ୍ବରକୁ ବାରମ୍ବାର କଲ କଲେ ମଧ୍ୟ କୌଣସି ଉତ୍ତର ମିଳି ନ ଥିଲା। ଏହାପରେ ମାମିନା ଧର୍ମଶାଳା ଥାନାରେ ଅଭିଯୋଗ କରିଛନ୍ତି । ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି।

### ଚୋରା ବନ୍ଧୁକ ରଖିଥିବା ଯୁବକ ଗିରଫ

କାଳିଆପାଣି,୮।୮(ଅସିତ ମହାନ୍ତ)

କାଳିଆପାଣି ଥାନା ଅନ୍ତର୍ଗତ ଦଲକସାହିର ଜଣେ ଯୁବକ ବେଆଇନ ଚୋରା ବନ୍ଧୁକ ରଖିବା ଅଭିଯୋଗରେ ଗିରଫ ହୋଇଛନ୍ତି। ସେ ହେଲେ ଚିଙ୍ଗୁଡ଼ିପାଳ ପଞ୍ଚାୟତ ଦଲକସାହିର ମିର୍ଜା ମାରାଣ୍ଡି(୩୦)। ସେ ଚୋରା ବନ୍ଧୁକ ରଖିବା ସହ ପଶୁ ଶିକାର କରି ବିଭିନ୍ନ ସ୍ଥାନରେ ବିକ୍ରି କରୁଥିବା ପୋଲିସକୁ ସୂଚନା ମିଳିଥିଲା। ଶୁକ୍ରବାର ଥାନା ଅଧିକାରୀ ଶିବ ଚରଣ ବେହେରାଙ୍କ ନିର୍ଦ୍ଦେଶରେ ଏସ୍ଆଇ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ ଏକ ପୋଲିସ ଟିମ୍ ଧରି ଅତର୍କିତ ଭାବେ ମିର୍ଜାଙ୍କ ଘର ଉପରେ ଚଢ଼ାଉ କରିଥିଲେ। ଚଢାଉରେ ମିର୍ଜାଙ୍କ ଘରୁ ଏକ ବନ୍ଧୁକ ଜବତ କରାଯିବା ପରେ ତାଙ୍କୁ ଗିରଫ କରାଯାଇଛି। ଏ ସଂକ୍ରାନ୍ତରେ ଥାନା ଏକ ମାମଲା(ନଂ.୮୮/୨୫) ରୁଜୁ ହୋଇଛି ।

# ଯାଜପୁର: ଡମ୍ପିଂୟାର୍ଡର ଅଳିଆ ନଦୀରେ ମିଶୁଛି

ଯାଜପୁର,୮।୮(ହର୍ଷବର୍ଦ୍ଧନ ବେହେରା)



ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ଯାଜପୁର ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

- ଡ୍ରେନେଜ ନିର୍ମାଣ ଉପରେ ତଦନ୍ତ ହେବ
- ପ୍ରତି ୨ ମାସରେ ସମୀକ୍ଷା କରିବେ ମନ୍ତ୍ରୀ
- ଗୃହ ନିର୍ମାଣ, ନଗର ଉନ୍ନୟନ ମନ୍ତ୍ରୀଙ୍କ ଯାଜପୁର ଗସ୍ତ

ଗୃହ ନିର୍ମାଣ, ନଗର ଉନ୍ନୟନ ତଥା ସାଧାରଣ ଉଦ୍ୟୋଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଶୁକ୍ରବାର ଯାଜପୁର ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲି ଦେଖିବା ସହ ସମୀକ୍ଷା କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ମହାପାତ୍ର ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳର ସାଧାରଣ ଲୋକଙ୍କୁ ସେବା ଯୋଗାଇଦେବା ପ୍ରଥମ ଦାୟିତ୍ୱ ହେବା ଉଚିତ ବୋଲି ପ୍ରକାଶ କରିଛନ୍ତି। ଏହାବାଦ୍ ସେ କହିଛନ୍ତି, ୨୦୧୪ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱଚ୍ଛତା ହିଁ ସଭ୍ୟତା ବୋଲି ଆହ୍ୱାନ ଦେଇଥିଲେ। ହେଲେ ଯାଜପୁର ସହରରେ ଏବେବି ବିଭିନ୍ନ ସ୍ଥାନରେ ଅଳିଆ ଜମା ହୋଇ ରହୁଛି। ଡମ୍ପିଂୟାର୍ଡରୁ ଅଳିଆ ଯାଇ ନଦୀରେ ମିଶୁଛି। ଯାଜପୁର ସହରର ସ୍ଥିତିକୁ ସୁଧାରିବାକୁ ପଡ଼ିବ। ସହରର ଡ୍ରେନେଜ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡିଛି। ବିପୁଳ ଅର୍ଥ ଖର୍ଚ୍ଚ କରାଯାଇଥିଲେ ହେଁ ଡ୍ରେନେଜ ସ୍ଥିତି ଠିକ୍ ନାହିଁ। ତେଣୁ ଏହାର ତଦନ୍ତ କରାଯିବ। ଏହାସହ ପ୍ରତି ୨ ମାସରେ ଥରେ ସେ ସହର ବିକାଶ କାର୍ଯ୍ୟର ସମୀକ୍ଷା କରିବେ। ସରକାର ସର୍ବଦା ଲୋକଙ୍କ ସେବାକୁ ଗୁରୁତ୍ୱ ଦେଉଛନ୍ତି। ସମସ୍ତେ ମିଳିମିଶି କାମ କରିବା ଏବଂ ଲୋକଙ୍କୁ ମୌଳିକ ସେବା ଯୋଗାଇଦେବାକୁ ମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସହରର ପରିଷ୍କାର ପରିଚ୍ଛନ୍ନତା, ରାସ୍ତା ନିର୍ମାଣ, ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ କୋରେଇ ବିଧାୟକ ଆକାଶ ଦାସନାୟକ, ଯାଜପୁର ପୌର ପରିଷଦ ଅଧ୍ୟକ୍ଷା ରଞ୍ଜୁଲତା ହୋତା, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ ଦେବୀ ପ୍ରସାଦ ମହାନ୍ତି ପ୍ରମୁଖ ଯୋଗଦେଇ ସହର ବିକାଶ ଯୋଜନା ସମ୍ପର୍କରେ ଆଲୋଚନା କରିଛନ୍ତି। ଜିଲାପାଳ ଅମ୍ବର କୁମାର କର ବୈଠକରେ ଉପସ୍ଥିତ ରହି ଯାଜପୁର ଓ ବ୍ୟାସନଗର ପୌରାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା, ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ, ପେଭର ରୋଡ୍, ଡ୍ରେନେଜ ବ୍ୟବସ୍ଥା, ସିଏଫ୍ସି, ଏସ୍ଏଫ୍ସି ଫଣ୍ଡ ବିନିଯୋଗ, ରାଜସ୍ୱ ଆଦାୟ, ସହରାଞ୍ଚଳ ପୋଖରୀ ଉନ୍ନତୀକରଣ, ଗାରିମା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଜାଗା ମିଶନ, ସ୍ମାର୍ଟ ଏଲ୍ଇଡି ଷ୍ଟ୍ରିଟ ଲାଇଟ୍, ପାର୍କ, ଆହାର କେନ୍ଦ୍ର, ପିଏମ୍ ସ୍ୱନିଧି, ଜାତୀୟ ସହରାଞ୍ଚଳ ଜୀବିକା ମିଶନ, ମଶା ନିରାକରଣ ତୈଳ ଉପଯୋଗ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ସକାଳେ ମନ୍ତ୍ରୀ ମହାପାତ୍ର ବିରଜା ମା'ଙ୍କ ମନ୍ଦିର ଦର୍ଶନ କରି ୧୬ ନମ୍ବର ୱାର୍ଡର ସବରସାହି ବୁଲି ଭୂମିହୀନ ପରିବାରଙ୍କ ସହିତ ଆଲୋଚନା କରିଥିଲେ। ପରେ ମହାବୀର ଜିମ୍ନାସିୟମ ଓ ହଂସିଆନାଳ ପରିଦର୍ଶନ କରିଥଲେ। ପରେ ବରାହ ମନ୍ଦିର, ମହାପ୍ରୟାଣ ଶ୍ମଶାନ ଓ ଡମ୍ପିଂୟାର୍ଡ ଯାଇଥିଲେ। ପରିଦର୍ଶନ ସମୟରେ ଜିଲାପାଳଙ୍କ ସହ ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାୟକ, ଉପଜିଲାପାଳ ତାପସ ରଞ୍ଜନ ଦେହୁରୀ, ଯାଜପୁର ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମୀଧର ରାଉତ, ବ୍ୟାସନଗର ପୌର ନିର୍ବାହୀ ଅଧିକାରୀ ପ୍ରଦୀପ୍ତ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

# ରବୀନ୍ଦ୍ରଙ୍କୁ ଥାନାରେ ମାଡ଼ ମରାଯିବା ଅଭିଯୋଗ ମିଛ

ଚଣ୍ଡିଖୋଲ,୮।୮(ପ୍ରଦୀପ୍ତ କୁମାର ପୃଷ୍ଟି)

- ସେ ବିଷ ପିଇ ନ ଥିଲେ
- ସିସିଟିଭି ଯାଞ୍ଚ ପରେ ସବୁ ସ୍ପଷ୍ଟ ହୋଇଛି
- ପୋଲିସର କୌଣସି ଭୁଲ ନାହିଁ : ଏସ୍ପି

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନାରେ ମହିପୁର ଗ୍ରାମର ରବୀନ୍ଦ୍ର ମଲିକଙ୍କୁ ପୋଲିସ ମାଡ ମାରିବା ଓ ବିଷ ପିଆଇବା ଅଭିଯୋଗ ମିଛ । ଏଥିରେ ପୋଲିସ କୌଣସି ଭୁଲ ନାହିଁ ବୋଲି ଶୁକ୍ରବାର ଯାଜପୁର ଏସ୍ପି ୟସ୍ ପ୍ରତାପ ଶ୍ରୀମଲ ଏକ ଖବରଦାତା ସମ୍ମିଳନୀ କହିଛନ୍ତି। ଦିନ ତମାମ ଏସ୍ପି ବାଲିଚନ୍ଦ୍ରପୁର ଥାନାରେ ରହି ତଦନ୍ତ କରିବା ପରେ ରାତିରେ ମୁହଁ ଖୋଲିଛନ୍ତି। ଏସ୍ପି କହିଛନ୍ତି, ସମସ୍ତ ଦିଗରୁ ତଦନ୍ତ କରାଯିବା ସହ ଥାନାରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଇଛି । ରବୀନ୍ଦ୍ରଙ୍କୁ ଥାନା ଭିତରେ କେହି ମାଡ ମାରି ନାହାନ୍ତି କିମ୍ବା ବିଷ ଦେଇ ନାହାନ୍ତି। ସେ ଆଦୌ ବିଷ ପିଇ ନାହାନ୍ତି । ନିଜ ବିରୋଧରେ ଥିବା ମାମଲାରୁ ବଞ୍ଚିବା ପାଇଁ ସେ ନାଟକ କରିଛନ୍ତି। ପୂର୍ଣ୍ଣିମାରାଣୀ ମଲିକଙ୍କ ଅଭିଯୋଗ ଆଧାରରେ ତାଙ୍କ ବିରୋଧରେ ଏକ ମାମଲା(ନଂ.୨୦୬/୨୫) ରୁଜୁ ହୋଇଥିଲା। ଏଥିରେ ୫ ଜଣଙ୍କ ନାମରେ ଅଭିଯୋଗ ଥିଲା। ଗତ ୨ ତାରିଖରେ ଉଭୟ ପରିବାର ମଧ୍ୟରେ ଝଗଡ଼ା ହୋଇଥଲା। ରବୀନ୍ଦ୍ର ଅନ୍ୟପକ୍ଷ ଉପରେ ଗରମ ପେଜ ଢାଳି ଦେଇଥିଲେ। ସେଥିପାଇଁ ୩ ତାରିଖରେ ସେ ଥାନାକୁ ଆସିଥିଲେ। ଏଠାରେ ତାକୁ ଅଟକ ରଖାଯାଇଥିଲା। ରାତିରେ ରବୀନ୍ଦ୍ର ମିଛରେ କହିଥିଲେ ମୁଁ ବିଷ ପିଇ ଦେଇଛି। ସିସିଟିଭି ଫୁଟେଜରେ ସବୁ ରହିଛି। ସେ ବିଷ ନ ପିଇ ଏକ ପୁରୁଣା ହରମୋହନ ଡବାକୁ ଆଣି ସେଠାରେ ଢାଳି ଦେଇଥିଲେ। ରାତିରେ ମିଛରେ ବାନ୍ତି କରିବା ବାହାନା କରି ଦେହ ଅସୁସ୍ଥ ଲାଗୁଛି କହିବାରୁ ତାଙ୍କୁ ପୋଲିସ ମେଡିକାଲ ନେଇଥିଲା। ସେଠାରେ ଚିକିତ୍ସା ହୋଇଥିଲା। ତାଙ୍କ ପରିବାର ଲୋକଙ୍କ ଫୋନ ନମ୍ବର ନ ଥିବାରୁ ପୋଲିସ ସେମାନଙ୍କୁ ଜଣାଇ ପାରି ନ ଥିଲା। ଏହାର ପରଦିନ ତାଙ୍କ ପରିବାର ଲୋକଙ୍କୁ ପୋଲିସ କଟକ ବଡ ଡାକ୍ତରଖାନାକୁ ନେଇଥିଲା। ତେଣୁ ପୋଲିସର କୌଣସି ଭୁଲ ନାହିଁ। ରବୀନ୍ଦ୍ର ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ତାଙ୍କ ବିରୋଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍ପି କହିଛନ୍ତି। ମେଡିକାଲରେ ୩ ଦିନ ରହିବା ସଂକ୍ରାନ୍ତରେ ଏସ୍ପି କହିଛନ୍ତି, ମେଡିକାଲ ରିପୋର୍ଟ ଆସି ନ ଥିବାରୁ ସେ ମେଡିକାଲରେ ରହିଛନ୍ତି । ୩ ଜଣ ପୋଲିସ କର୍ମଚାରୀଙ୍କୁ ନିଲମ୍ବିତ କରିବା ସମ୍ପର୍କରେ ଏସ୍ପି କହିଛନ୍ତି, ସେମାନଙ୍କ ଦାୟିତ୍ୱରେ ଅବହେଳା ପାଇଁ ଏଭଳି ମିଛ ଘଟଣା ବହୁଳ ପ୍ରଚାରିତ ହେଲା। ସେଥିପାଇଁ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।



ପ୍ରେସ୍‌ମିଟ୍‌ରେ ଏସ୍ପି ସୂଚନା ଦେଉଛନ୍ତି।

ଅପରପକ୍ଷେ ରବୀନ୍ଦ୍ରଙ୍କ ସ୍ତ୍ରୀ ଭାନୁ ଶୁକ୍ରବାର ଯାଜପୁର ଏସ୍ପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଥାନା ଅଧିକାରୀ ଓ ଏସ୍ଆଇଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଯାଜପୁର ଜିଲା ଏସ୍ସିଏସ୍ଟି ମିଳିତ କ୍ରିୟାନୁଷ୍ଠାନ କମିଟିର ସଦସ୍ୟଙ୍କ ସହ ଯାଇ ଅତିରିକ୍ତ ଏସ୍ପି ଶିତିକଣ୍ଠ କାନୁନଗୋଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

# ୩ ମାସରେ କଳିଙ୍ଗନଗର ଶ୍ରମିକ ସଂଘ ନିର୍ବାଚନ ଶେଷ କର: ହାଇକୋର୍ଟ

କଟକ,୮।୮(କାର୍ତ୍ତିକ ସାହୁ)

ଯାଜପୁରସ୍ଥିତ କଳିଙ୍ଗନଗର ଶ୍ରମିକ ସଂଘର ସଦସ୍ୟ ନିର୍ବାଚନକୁ ନେଇ ହାଇକୋର୍ଟରେ ରୁଜୁ ମାମଲାର ଶୁଣାଣି ଶୁକ୍ରବାର ହୋଇଛି। ହାଇକୋର୍ଟ ବିଚାରପତି କେ.ଆର. ମହାପାତ୍ର ଏବଂ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି କଳିଙ୍ଗନଗର ଶ୍ରମିକ ସଂଘ ନିର୍ବାଚନ ୩ ମାସ ମଧ୍ୟରେ ଶେଷ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶ୍ରମିକ ସଂଘ ୧୫ ଦିନ ମଧ୍ୟରେ ଭୁବନେଶ୍ୱର ଶ୍ରମ ଆୟୁକ୍ତଙ୍କ ନିକଟରେ ନୂଆ ଆବେଦନ ଦାଖଲ କରିବ। ସେହି ଆବେଦନ ଉପରେ ନିୟମାନୁସାରେ ପ୍ରକ୍ରିୟା ଆରମ୍ଭ ହୋଇ ୩ ମାସ ମଧ୍ୟରେ ନିର୍ବାଚନ ଶେଷ କରାଯିବ। ଏହି ପ୍ରକ୍ରିୟାରେ ଉଭୟ ଶ୍ରମିକ ସଂଘ ଓ ପ୍ରଶାସନ ସହଯୋଗ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମାମଲାର ବିବରଣୀ ଅନୁସାରେ, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଇସ୍ପାତ ଉତ୍ପାଦନ ୟୁନିଟ ଭାବେ ନୀଳାଚଳ ଇସ୍ପାତ ନିଗମ କାର୍ଯ୍ୟ କରୁଥିଲା। ୨୦୨୨ରେ ଉକ୍ତ ନିଗମର କ୍ଷତି ହେବାରୁ ସରକାର ଏହାକୁ ଏକ ଘରୋଇ ସଂସ୍ଥା ଟାଟା ଲଙ୍ଗ ପ୍ରଡକ୍ଟକୁ ବିକ୍ରି କରି ଏହି ଘରୋଇ ସଂସ୍ଥାର ବିଭିନ୍ନ କଟକଣା ପରେ ଶ୍ରମିକମାନଙ୍କ କର୍ମକର୍ତ୍ତା ନିର୍ବାଚନରେ ସମସ୍ୟା ଉପୁଜିଥିଲା। ପୁରୁଣା ଶ୍ରମିକ ସଂଘ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଶ୍ରମିକ ସଂଘ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା। ଶ୍ରମିକ ସଂଘ ପକ୍ଷରୁ ଆଇନଜୀବୀ ଅଜୟ କୁମାର ମହାରଣା ମାମଲା ପରିଚାଳନା ଓ ଆଇନଜୀବୀ ପରମିତ କୁମାର ଦାସ ସହଯୋଗ କରିଥିଲେ।

# ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ସଂଘ ପକ୍ଷରୁ ଧାରଣା

## ଦାବି ପୂରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବ ସଂଘ




ଓଡ଼ିଶା ସ୍କୁଲ, କଲେଜ ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ଯାଜପୁରଟାଉନ,୮।୮(ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି)

ଓଡ଼ିଶା ସ୍କୁଲ ଶିକ୍ଷକ ସଂଘ ଯାଜପୁର ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବିକୁ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ପ୍ରତିବାଦ ସଭା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଂଘର କର୍ମକର୍ତ୍ତାମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଶିକ୍ଷକ ସଂଘର ଜିଲା ସଭାପତି ସୁନନ୍ଦ ରାଉତ ଏବ ସମ୍ପାଦକ ପବିତ୍ର ପଣ୍ଡାଙ୍କ ଆହ୍ୱାନରେ ଶତାଧିକ ଶିକ୍ଷୟିତ୍ରୀ,ଶିକ୍ଷକ ଏହି ଆନ୍ଦୋଳନ ଓ ପ୍ରତିବାଦ ସଭାରେ ସାମିଲ ହୋଇଥିଲେ। ବିଶେଷ କରି ଯୋଗ୍ୟ ବିବେଚିତ ସ୍କୁଲ ଓ କଲେଜଗୁଡିକୁ ଅନୁଦାନ ପ୍ରଦାନ, ଚାକିରୀରୁ ଅବସର ନେଇଥିବା ଶିକ୍ଷକମାନଙ୍କୁ ଚାକିରି ସର୍ତ୍ତାବଳୀ ଅନୁଯାୟୀ ପେନସନ ଏବଂ ଅବସରକାଳୀନ ସୁବିଧା ପ୍ରଦାନ, ଚାକିରୀ ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ନୂତନ ପେନଶନ ସ୍କିମ୍ ବଦଳରେ ପୁରାତନ ସ୍କିମ୍ ଅନୁଯାୟୀ ପେନଶନ ପ୍ରଦାନ ଆଦି ଦାବି ଉପସ୍ଥାପନ କରାଯାଇଥିଲା । ପ୍ରତିବାଦ ସଭା ପରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ଉଚ୍ଚ ଶିକ୍ଷାମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିଲା । ଯଦି ଦାବିଗୁଡିକୁ ସରକାର ଗ୍ରହଣ ନ କରି କରନ୍ତି ତେବେ ଆଗାମୀ ଦିନରେ ଶିକ୍ଷକ ସଂଘ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ଏହି ଆନ୍ଦୋଳନରେ ୧୦ଟି ବ୍ଲକ ଶିକ୍ଷକ ସଂଘର ସଭାପତିଙ୍କ ସମେତ କମିଟିର ଶତାଧିକ କର୍ମଚାରୀ ସାମିଲ ହୋଇଥିଲେ।


No.XXIII-02

## ଓଡ଼ିଶା ସରକାର
## ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା
### ଭୂ-ଅର୍ଜନ ବିଭାଗ
L.A.-2025-10902 L.A. Date-14.07.2025

### ଅଧିସୂଚନା

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାରେ M/s. Odisha Power Generation Corporation Ltd. (OPGC) ଦ୍ୱାରା 2x210 MW Thermal Power Plantର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ଜମି ଅଧିକାରୀ ଇଡ୍କୋ (IDCO), ଭୁବନେଶ୍ୱରଙ୍କ ଜରିଆରେ ମୌଜା-କୁମ୍ଭାରବନ୍ଧ, ଥାନା-ରେଙ୍ଗାଲି, ତହସିଲ-ଲଖନପୁର, ଜିଲ୍ଲା-ଝାରସୁଗୁଡାରେ ନିମ୍ନତଫସିଲମତେ ପ୍ରାୟ ଏ.୯.୨୦୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଙ୍କ ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ –M/s Odisha Power Generation Corporation Ltd. ର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଜମି ଅଧିକାରୀ ଇଡ୍କୋ (IDCO), ଭୁବନେଶ୍ୱର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ବିସ୍ଥାପିତ ହେଉନାହାନ୍ତି ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ ବିଭାଗ, ଝାରସୁଗୁଡା ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଝାରସୁଗୁଡା | ଝାରସୁଗୁଡା | କୁମ୍ଭାରବନ୍ଧ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୧୦.୩୯୦ | ଏକର ୯.୨୦୫ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଝାରସୁଗୁଡା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅବୋଲୀ ସୁନୀଲ ନରୱାଣେ
ଜିଲ୍ଲାପାଳ, ଝାରସୁଗୁଡ଼ା

LAND SCHEDULE (PRIVATE) OF OPGC ASH POND, VILLAGE-KUMBHARBANDH, PS-LAKHANPUR, TAHASIL-LAKHANPUR, DIST- JHARSUGUDA

| Sl. No. | Khata No. | Recorded Tenant | Kisam | Total Area in Ac. | Proposed Area to be acquired (in Ac.) | Remarks |
|---|---|---|---|---|---|---|
| 1 | 71 | ପ୍ରଦୀପ କୁମାର ପୂଜାରୀ, ପି:ରମଣୀ ପୂଜାରୀ, ଜା:ବ୍ରାହ୍ମଣ, ବା:ନିଜଗାଁ | ପତିତ | 1.190 | 0.92 | |
| | 71 | | ମାଳ ସାଧାରଣ | 2.800 | 2.80 | |
| 2 | 52 | ଉମେଶ ଭୋଇ, ପି:ଧନୀସୌଦାଗର ଭୋଇ, କୁମୋଦିନୀ ଭୋଇ, ସ୍ୱା:ଧନୀସୌଦାଗର ଭୋଇ, ଜା:ଗଣ୍ଡ, ବା:ନିଜଗାଁ | ଆଟ ସାଧାରଣ | 0.900 | 0.558 | |
| 3 | 165 | ବ୍ରହ୍ମା ଭୋଏ, ପି:ବେଣୁ ଭୋଏ, ଜା:ସହରା, ବା:ନିଜଗାଁ | ଆଟ ସାଧାରଣ | 0.960 | 0.669 | |
| 4 | 233 | ରବିରତ୍ନ ପାଟଯୋଷୀ, ଗଣ୍ଡା ପାଟଯୋଷୀ, ପିତା ନରସିଂହ ପାଟଯୋଷୀ, ଓଁପ୍ରକାଶ ପାଟଯୋଷୀ, ବିଷ୍ଣୁପ୍ରକାଶ ପାଟଯୋଷୀ, ଅନାମିକା ପଣ୍ଡା, ପିତା ଦାମୋଦର ପାଟଯୋଷୀ, ଅହଲ୍ୟା ପାଟଯୋଷୀ, ସ୍ୱାମୀ ଦାମୋଦର ପାଟଯୋଷୀ, ଅନ୍ନପୂର୍ଣ୍ଣା ପାଟଯୋଷୀ, ସ୍ୱାମୀ ପରମେଶ୍ୱର ପାଟଯୋଷୀ, ଗୌରହରି ପାଟଯୋଷୀ, ବାସସ୍ଥାନ ନିଜଗାଁ ସରୋଜିନୀ ପଣ୍ଡା ବାସସ୍ଥାନ ବିଲେଇଗଡ, ଥାନା ସାରଙ୍ଗଗଡ ଜିଲ୍ଲା ରାୟଗଡ (ମଧ୍ୟପ୍ରଦେଶ) ତପସ୍ୱିନୀ ହୋତା ବାସସ୍ଥାନ ସମ୍ବଲପୁର ଟାଉନ ପିତା ଲବଣି ପାଟଯୋଷୀ, ମଧୁସୂଦନ ପାଟଯୋଷୀ, ଭବାନୀ ପାଟଯୋଷୀ, ପିତା ରୁଦ୍ର ପାଟଯୋଷୀ, କିଶୋର ପାଟଯୋଷୀ, ପିତା ସଚ୍ଚି ପାଟଯୋଷୀ, ସୁରୁବୁଲ ପାଟଯୋଷୀ, ସ୍ୱାମୀ ସଚ୍ଚି ପାଟଯୋଷୀ, ସତ୍ୟଭାମା ପାଟଯୋଷୀ, ସ୍ୱାମୀ ଗଙ୍ଗାଧର ପାଟଯୋଷୀ, ପୂର୍ଣ୍ଣଚନ୍ଦ୍ର ପାଟଯୋଷୀ, ରାମଚନ୍ଦ୍ର ପାଟଯୋଷୀ, ପିତା ସତ୍ୟବାଦୀ ପାଟଯୋଷୀ, ରାମନାରାୟଣ ପାଟଯୋଷୀ, ପିତା ଭାଗିରଥୀ ପାଟଯୋଷୀ, ବାଞ୍ଛାବଟ ପାଟଯୋଷୀ, କଳ୍ପବଟ ପାଟଯୋଷୀ, ପିତା ଦିନବନ୍ଧୁ ପାଟଯୋଷୀ, ବିଷ୍ଣୁପ୍ରିୟା ପାଟଯୋଷୀ, ସ୍ୱାମୀ ଦିନବନ୍ଧୁ ପାଟଯୋଷୀ, ବାସସ୍ଥାନ ନିଜଗାଁ ଜାତି ବ୍ରାହ୍ମଣ ବା: | ମାଳ ସାଧାରଣ/6 | 0.320 | 0.320 | |
| | 233 | | ମାଳ ସାଧାରଣ/6 | 0.440 | 0.440 | |
| | 233 | | ପତିତ | 1.630 | 1.630 | |
| | 233 | | ଆଟ ସାଧାରଣ | 1.800 | 1.800 | |
| 5 | 254 | ଅରୁଣ କୁମାର ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ସୁରପ୍ରଭା ପଣ୍ଡା, ବିଦ୍ୟୁତପ୍ରଭା ପଣ୍ଡା, ମୈଥିଳି ପଣ୍ଡା, ପି ଶଙ୍କର ପ୍ରସାଦ ପଣ୍ଡା, ଦେବେନ୍ଦ୍ର ଦୀକ୍ଷିତ, ନରେନ୍ଦ୍ର ଦୀକ୍ଷିତ, ଧିରେନ୍ଦ୍ର ଦୀକ୍ଷିତ, ରେବତୀ ଦିକ୍ଷିତ, ରେଣୁବାଳା ଦିକ୍ଷିତ, ପି:ଭଗବାନ ଦୀକ୍ଷିତ, ଜା:ବ୍ରାହ୍ମଣ, ବା:ନିଜଗାଁ | ଆଟ ସାଧାରଣ | 0.350 | 0.068 | |
| | | | Total | 10.390 | 9.205 | |

Sd./- Amin L.A.Sec Jharsuguda | Sd./- Amin L.A.Sec Jharsuguda | Sd./- R.I. L.A.Sec Jharsuguda | Sd./- Asst. Collector L.A.Section Jharsuguda | Sd./- Land Acquisition Officer Jharsuguda

OIPR-24022/14/0006/2526



ଫର୍ମ ନଂ. ୩
[ବ୍ୟବସ୍ଥାପନ-୧୩ (୧) (କ) ଦେଖନ୍ତୁ]

### ଋଣ ଅସୁଲି ନ୍ୟାୟାଧିକରଣ କୋଲକାତା (ଡିଆରଟି ୧)

୯ମ ମହଲା, ଜୀବନ ସୁଧା ବିଲ୍ଡିଂ, ୪୨-ସି, ଜେ.ଏଲ୍. ନେହେରୁ ରୋଡ୍, କୋଲକାତା-୭୦୦୦୭୧

ମାମଲା ନଂ.: ଓଏ/୫୦/୨୦୨୪

ଅଧିନିୟମର ଧାରା ୧୯ର ଉପ-ଧାରା (୪) ସହ ପଠନପୂର୍ବକ ଋଣ ଅସୁଲି ନ୍ୟାୟାଧିକରଣ (ପ୍ରକ୍ରିୟା) ନିୟମାବଳୀ, ୧୯୯୩ର ନିୟମ ୫ର ଉପ-ନିୟମ (୨ଏ) ଅଧୀନରେ ସମନ

ଇଏକ୍ସଏଚ୍. ନଂ.: ୫୭୬୮

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର
ବନାମ
ମେସର୍ସ ମେଟ୍ ଟେକ୍ନୋଲୋଜିସ୍ ପ୍ରା. ଲିଃ

ପ୍ରାପ୍ତେଷୁ,
(୧) ମେସର୍ସ ମେଟ୍ ଟେକ୍ନୋଲୋଜିସ୍ ପ୍ରା. ଲିଃ, କାର୍ଯ୍ୟାଳୟ ସ୍ଥାନ: ଇକୋସ୍ପେସ୍ ଇଏସ୍ଏନ୍‌ଟି-୩ଏ୦୫୦୧ । ବ୍ଲକ୍-୩ଏ, ୫ମ ମହଲା, ଫ୍ଲାଟ୍ ନଂ. ଆଇଆଇଏଫ୍/୧୧, ଥାନା: ନ୍ୟୁ ଟାଉନ୍, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ-୭୦୦୧୬୦
(୨) ଶ୍ରୀ କୁନାଲ ଗୁପ୍ତା, ପିତା ଶ୍ରୀ କିଶୋର କୁମାର ଗୁପ୍ତା, ସ୍ଥାନ: ରୋଜଡେଲ ବିଲ୍ଡିଂ, ଫ୍ଲାଟ୍ ନଂ., ୧୮ଏଫ୍, ଟାୱାର ୩, ୧୮ତମ ମହଲା, ନ୍ୟୁ ଟାଉନ୍, ଥାନା: ନ୍ୟୁ ଟାଉନ୍, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ-୭୦୦୧୫୬
(୩) ଶ୍ରୀ କିଶୋର କୁମାର ଗୁପ୍ତା, ପିତା: ସ୍ୱର୍ଗତ ଉମା ଶଙ୍କର ଗୁପ୍ତା, ସ୍ଥାନ: ଆଠଘର ଝାଓତାଲା, ପୂର୍ବାଞ୍ଚଳ ହାଡିଆରା, ଥାନା: ହାଡିଆରା, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ-୭୦୦୧୫୭
(୪) ଶ୍ରୀମତୀ ନନ୍ଦିନୀ ଭରଦ୍ୱାଜ ନାନକୁନ୍ଦାସ୍ୱାମୀ, ସ୍ୱାମୀ: ଶ୍ରୀ କୁନାଲ ଗୁପ୍ତା, ସ୍ଥାନ: ରୋଜଡେଲ ବିଲ୍ଡିଂ, ଫ୍ଲାଟ୍ ନଂ. ୧୮ଏଫ୍, ଟାୱାର ୩, ୧୮ତମ ମହଲା, ନ୍ୟୁ ଟାଉନ୍, ଥାନା: ନ୍ୟୁ ଟାଉନ୍, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ-୭୦୦୧୫୬
(୫) ମେସର୍ସ ଫେନିସିଆ ହସ୍ପିଟାଲିଟି ସର୍ଭିସେସ୍ ପ୍ରା. ଲିଃ, କାର୍ଯ୍ୟାଳୟ ସ୍ଥାନ: ଆରଜିଏମ୍ ୧୩/୧୨/୧୪ ହାଡିଆରା, ବ୍ଲକ୍ ବି ଆଠଘର, ଥାନା: ହାଡିଆରା, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ-୭୦୦୧୫୭
(୬) ମେସର୍ସ ମେ'ଫେୟାର୍ ହୋଟେଲ ଆଣ୍ଡ ରିସର୍ଟସ୍ (ଗୋଆ) ପ୍ରା. ଲିଃ, କାର୍ଯ୍ୟାଳୟ ସ୍ଥାନ: ୮ବି, ଜୟଦେବ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା, ଥାନା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୩

ସମନ

ଯେହେତୁ, ଓଏ/୫୦/୨୦୨୪ ମାନ୍ୟବର ପୀଠାସୀନ ଅଧିକାରୀଙ୍କ ରେଜିଷ୍ଟରରେ ତା୧୫।୦୫।୨୦୨୫ରିଖ ଦିନ ତାଲିକାଭୁକ୍ତ ହୋଇଥିଲା ।
ଯେହେତୁ, ଏହି ମାନ୍ୟବର ନ୍ୟାୟାଧିକରଣ ଟ.୩୨୨୮୦୯୮୪୬/- ର ଋଣ ଅସୁଲ ନିମନ୍ତେ ଅଧିନିୟମର ଧାରା ୧୯(୪), (ଓଏ) ଅଧୀନରେ ଆପଣଙ୍କ ବିରୁଦ୍ଧରେ ଦାଏର କରାଯାଇଥିବା ଆବେଦନ ଉପରେ ସହର୍ଷେ ସମନ/ନୋଟିସ ଜାରି କରିଛନ୍ତି (ଆବେଦନ ସମେତ ଦସ୍ତାବିଜଗୁଡ଼ିକର ନକଲ ସଂଲଗ୍ନ) ।
ଅଧିନିୟମର ଧାରା ୧୯ର ଉପ-ଧାରା (୪) ଅନୁଯାୟୀ, ପ୍ରତିବାଦୀମାନଙ୍କୁ ନିମ୍ନ ଅନୁଯାୟୀ ନିର୍ଦ୍ଦେଶ ଦିଆଯାଉଛି:
(i) ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣକୁ ନୋଟିସ ଜାରି ହେବାର ତିରିଶ ଦିନ ମଧ୍ୟରେ ଦର୍ଶାଇବା ପାଇଁ ।
(ii) ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ସମ୍ପତ୍ତି ଏବଂ ପରିସମ୍ପତ୍ତି ବ୍ୟତୀତ ଅନ୍ୟାନ୍ୟ ସମ୍ପତ୍ତି କିମ୍ବା ପରିସମ୍ପତ୍ତିର ସବିଶେଷ ବିବରଣୀ ପ୍ରକାଶ କରିବା ପାଇଁ ।
(iii) ସମ୍ପତ୍ତିଗୁଡ଼ିକୁ ଜବତ କରିବା ପାଇଁ ଆବେଦନର ଶୁଣାଣି ଓ ଫଇସଲା ବାକି ରହିଥିବା ଅବଧିରେ ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ପ୍ରକାଶିତ ବନ୍ଧକ ପରିସମ୍ପତ୍ତି କିମ୍ବା ଏପରି କୌଣସି ପରିସମ୍ପତ୍ତି ଅଥବା ସମ୍ପତ୍ତିଗୁଡ଼ିକ ସହିତ କାରବାର କରିବା କିମ୍ବା ସେଗୁଡ଼ିକୁ ବିକ୍ରୟ କରିବାରୁ ଆପଣଙ୍କ ଉପରେ କଟକଣା ଲାଗୁ କରାଯାଉଛି ।
(iv) ନ୍ୟାୟାଧିକରଣଙ୍କ ପୂର୍ବ ଅନୁମତି ବିନା ଯେଉଁ ପରିସମ୍ପତ୍ତିଗୁଡ଼ିକ ଉପରେ ସୁରକ୍ଷା ସ୍ୱାର୍ଥ ସୃଷ୍ଟି କରାଯାଇଛି ଏବଂ/କିମ୍ବା ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ବିନିର୍ଦ୍ଦିଷ୍ଟ କିମ୍ବା ପ୍ରକାଶିତ ହୋଇଥିବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତିରେ ସ୍ୱାଭାବିକ ବ୍ୟବସାୟ ବ୍ୟତୀତ ଆପଣ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ସେଗୁଡ଼ିକୁ ହସ୍ତାନ୍ତର କରିବେ ନାହିଁ ।
(v) ସ୍ୱାଭାବିକ ବ୍ୟବସାୟ ଧାରାରେ ସୁରକ୍ଷିତ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତିଗୁଡ଼ିକର ବିକ୍ରୟ ଦ୍ୱାରା ପ୍ରାପ୍ତ ହୋଇଥିବା ଅର୍ଥରାଶି ପାଇଁ ଆପଣ ଉତ୍ତରଦାୟୀ ରହିବେ ଏବଂ ଆପଣ ଏପରି ବିକ୍ରୟ ଲବ୍ଧରାଶିକୁ ଏପରି ପରିସମ୍ପତ୍ତି ଉପରେ ସୁରକ୍ଷା ସ୍ୱାର୍ଥ ଧାରଣ କରିଥିବା ବ୍ୟାଙ୍କ ଅଥବା ଆର୍ଥିକ ଅନୁଷ୍ଠାନରେ ରକ୍ଷଣାବେକ୍ଷଣ କରାଯାଉଥିବା ଖାତାରେ ଜମା କରିବେ ।
ଆପଣଙ୍କୁ ଲିଖିତ ବୟାନ ଦାଏର କରିବା ଓ ତାହାର ଏକ ନକଲ ଆବେଦନକାରୀଙ୍କୁ ପଠାଇବା ତଥା ତା୨୫।୦୮।୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା ପୂର୍ବରୁ ନିବନ୍ଧକଙ୍କ ସମ୍ମୁଖରେ ହାଜର ହେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଉଛି, ଯେଉଁଥିରେ ବିଫଳ ହେଲେ ଆବେଦନକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ଓ ବିଚାର କରାଯିବ ।
ମୋର ସ୍ୱାକ୍ଷର ଏବଂ ଏହି ନ୍ୟାୟାଧିକରଣଙ୍କ ସହିମୋହର ସହ ଏହି ତାରିଖରେ ପ୍ରଦତ୍ତ: ୩୦।୦୫।୨୦୨୫ ସ୍ୱା./-
ନିବନ୍ଧକ
ଋଣ ଅସୁଲି ନ୍ୟାୟାଧିକରଣ ନଂ.୧, କୋଲକାତା



यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

ପୋର୍ଟ ମାର୍କେଟ ପାରାଦୀପ ଶାଖା
ବ୍ୟାଙ୍କ ଷ୍ଟ୍ରିଟ, ପାରାଦୀପ, ଜଗତ୍‌ସିଂହପୁର, ଓଡିଶା-୭୫୪୧୪୨
ଇମେଲ୍ : ubin0548065@unionbankofindia.bank

### ବିକ୍ରୟ ନୋଟିସ୍ (୩୦ ଦିନିଆ ନୋଟିସ୍)
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ କିଶୋର ପ୍ରଧାନ, ପିତା: ଶ୍ରୀ ସୁଦର୍ଶନ ପ୍ରଧାନ, ସା: ସିଲ୍ଟୁ, ପୋ: ଝିମାଣୀ, ଥାନା: ପାରାଦୀପ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା-୭୫୪୧୪୧, ୨) ଶ୍ରୀ ଅଶୋକ କୁମାର ପାତ୍ର, ପିତା: ଶ୍ରୀ ଗୋପାଳ ପାତ୍ର, ସା: ଝିମାଣୀ, ବଗଡିଆ, ଥାନା: ପାରାଦୀପ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା-୭୫୪୧୪୧ | ଶ୍ରୀ କିଶୋର ପ୍ରଧାନ, ପିତା: ଶ୍ରୀ ସୁଦର୍ଶନ ପ୍ରଧାନଙ୍କ ନାମରେ ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୯୧, ମ୍ୟୁଟେସନ୍ ଖାତା ନଂ.: ୪୫, ତହସିଲ ନଂ.: ୨୦୫, ଥାନା ନଂ.: ୨୫୦, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ମୌଜା: ସିଲ୍ଟୁ, ଏସ୍‌ଆର୍‌ଓ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା | ୧୨.୦୭.୨୦୧୯ / ୧୮.୦୭.୨୦୨୩ / ୧୮.୦୬.୨୦୨୫ |

ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୋର୍ଟ ମାର୍କେଟ ପାରାଦୀପ ଶାଖା ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ ତା.୧୨.୦୭.୨୦୧୯ରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ ତା.୧୮.୦୭.୨୦୨୩ରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର ୩୦ ଦିନ ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

ସ୍ଥାନ: ପାରାଦୀପ, ତାରିଖ: ୦୮.୦୮.୨୦୨୫ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

# ବ୍ୟାପକ ବିଶୃଙ୍ଖଳା: ଚୟନ ପ୍ରକ୍ରିୟାରେ ତ୍ରୁଟି ଅଭିଯୋଗ

## ସ୍ୱାଧୀନତା ଦିବସ ପାଇଁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

### ବିଇଓଙ୍କୁ ଦାୟୀକଲେ ଡିଇଓ

ଜଗତ୍‌ସିଂହପୁର, ୮।୮ (ପ୍ରମୋଦ କୁମାର ନାୟକ)

ପ୍ରତିବର୍ଷ ପରି ଚଳିତବର୍ଷ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ଅବସରରେ ବିଦ୍ୟାଳୟସ୍ତରୀୟ ବକ୍ତୃତା (ଓଡ଼ିଆ, ଇଂଲିଶ୍), ଦେଶାତ୍ମବୋଧକ ସଙ୍ଗୀତ ଓ କୁଇଜ ପ୍ରତିଯୋଗିତା ଚାଲିଛି। ପ୍ରତିଯୋଗିତାର ପ୍ରଥମ ଦିନରୁ ବିଶୃଙ୍ଖଳା ବାରି ହୋଇଥିବାବେଳେ ଶୁକ୍ରବାର ଅନୁଷ୍ଠିତ ପୌର ପରିଷଦ ଓ ବ୍ଲକସ୍ତରୀୟ ପ୍ରତିଯୋଗିତାରେ ଏହା ଚରମ ସୀମାରେ ପହଞ୍ଚିଥିଲା। ଏପରି କି ଚୟନ ପ୍ରକ୍ରିୟାରେ ତ୍ରୁଟି ଥିବା ଭଳି ସଙ୍ଗିନ ଅଭିଯୋଗ ହୋଇଛି।

ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ହୋଇଥିବା ଚିଠି ଅନୁଯାୟୀ, ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୪ଟିବର୍ଗ (୧ମରୁ ୩ୟ, ୪ର୍ଥରୁ ୫ମ, ୬ଷ୍ଠରୁ ୮ମ ଓ ୯ମରୁ ୧୦ମ)ରେ ପ୍ରତିଯୋଗିତା ହେବ। ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ବକ୍ତୃତା (ଓଡ଼ିଆ, ଇଂଲିଶ୍) ଓ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା ହେବାର ଥିବାବେଳେ ୯ମରୁ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରମାନେ ଏହାଛଡ଼ା ଅଧିକ କୁଇଜ ପ୍ରତିଯୋଗିତାରେ ଭାଗନେବାକୁ ସୁଯୋଗ ଦିଆଯାଇଥିଲା। ଅଗଷ୍ଟ ୪ରେ ବିଦ୍ୟାଳୟସ୍ତରରେ ପ୍ରତିଯୋଗିତା ପାଇଁ ଦିନ ଧାର୍ଯ୍ୟ କରାଯାଇଥିଲା। ଏହିଦିନ ବିଦ୍ୟାଳୟ ପ୍ରଧାନଶିକ୍ଷକମାନେ ସେମାନଙ୍କ ପିଲାଙ୍କ ଭିତରେ ପ୍ରତିଯୋଗିତା କରି ପ୍ରତି ବର୍ଗରୁ ୨ ଜଣ ହିସାବରେ କୃତୀ ପ୍ରତିଯୋଗୀଙ୍କୁ ବାଛି କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତାରେ ଭାଗ ପାଇଁ ନାଁ ପଠାଇବେ। କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତା ଭାର ସିଆର୍‌ସିଙ୍କ ଉପରେ ନ୍ୟସ୍ତ ଥିଲା। କ୍ଲଷ୍ଟରସ୍ତରୀୟ ପ୍ରତିଯୋଗିତା ୬ ତାରିଖ, ବ୍ଲକ ଓ ପୌର ପରିଷଦସ୍ତରୀୟ ୮ ଓ ଜିଲାସ୍ତରୀୟ ପ୍ରତିଯୋଗିତା ୧୧ ତାରିଖରେ କରାଯିବା ପାଇଁ ସ୍ଥିର କରାଯାଇଥିଲା। ଏହି ମୁତାବକ ଜିଲାର ଅଧିକାଂଶ ଶିକ୍ଷାନୁଷ୍ଠାନରେ ଗତ ୪ ତାରିଖରେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା ହୋଇଥିଲେ ସୁଦ୍ଧା କେତେକ ବିଦ୍ୟାଳୟକୁ ଏ ସଂକ୍ରାନ୍ତୀୟ ଚିଠି ଏହିଦିନ ଅପରାହ୍ନ ୪ଟା ସୁଦ୍ଧା ପଠାଯାଇ ନ ଥିଲା। ଏନେଇ ଅସନ୍ତୋଷ ଦେଖାଦେବାରୁ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସିଆର୍‌ସିସି ତରବରିଆ ଭାବେ ଚିଠି କରିଥିଲେ। କେବଳ ଏତିକି ନୁହେଁ, ପ୍ରତି ବିଦ୍ୟାଳୟର ପ୍ରତି ବର୍ଗରୁ ୨ ଜଣ ଲେଖାଏଁ ଚୟନ ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ ଥିଲେ ସୁଦ୍ଧା ଏହି ନିର୍ଦ୍ଦେଶନାମା ପାଳନ କରାଯାଇ ନ ଥିଲା। ମୌଖିକ ଭାବେ ଜଣେ ହିସାବରେ ବାଛିବାକୁ କୁହାଯିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ତା’ପରେ ପୁଣି ଏଥିରେ ସଂଶୋଧନ କରାଯାଇ ପ୍ରତି ବର୍ଗରୁ ୨ ଜଣ ଛାତ୍ରୀଛାତ୍ରଙ୍କୁ ବଛାଯାଇଥିଲା। ଏହାପରେ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ରେ ପୌର ପରିଷଦ ଓ ବ୍ଲକସ୍ତରୀୟ ମିଳିତ ପ୍ରତିଯୋଗିତା ହେବ ଏବଂ ଧାର୍ଯ୍ୟ ସମୟର ଅଧ ଘଣ୍ଟାଏ ପୂର୍ବରୁ ବକ୍ତୃତା ପ୍ରତିଯୋଗିତାର ପ୍ରସଙ୍ଗ କୁହାଯିବ ବୋଲି ବିଦ୍ୟାଳୟଗୁଡ଼ିକୁ ସୂଚନା ଦିଆଯାଇଥିଲା। ଏହି ଅନୁଯାୟୀ ପ୍ରତିଯୋଗୀମାନେ ସେମାନଙ୍କ ଅଭିଭାବକମାନଙ୍କ ସହ ଧାର୍ଯ୍ୟ ସମୟ ପୂର୍ବରୁ ସ୍ଥିରୀକୃତ କେନ୍ଦ୍ରରେ ପହଞ୍ଚିଥିଲେ। ଏହାପରେ କିନ୍ତୁ ଯାହାସବୁ ଘଟିଥିଲା ସେନେଇ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବିରକ୍ତିଭାବ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ କେତେଜଣ ଅଭିଭାବକ ପ୍ରତିକ୍ରିୟାରେ କହିଛନ୍ତି, ପ୍ରବଳ ବର୍ଷା ସତ୍ତ୍ୱେ ସେମାନେ ପିଲାଙ୍କୁ ଧରି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ କେନ୍ଦ୍ରରେ ପୂର୍ବାହ୍ନ ୧୦ଟା ପୂର୍ବରୁ ପହଞ୍ଚିଥିଲେ। କିନ୍ତୁ କେଉଁ ହଲ୍‌ରେ କେଉଁ ବର୍ଗର ପିଲାଙ୍କ ପାଇଁ କି ପ୍ରତିଯୋଗିତା ହେବ ସେ ସମ୍ପର୍କରେ କୌଣସି ସୂଚନା ନ ଥିଲା। ସେମାନେ ବିଚଳିତ ଅବସ୍ଥାରେ ପଚରାପଚରି କରି ନାମ ପଞ୍ଜୀକରଣ କରିବାକୁ ଏକ ହଲକୁ ଯାଇଥିଲେ। ସେଠାରେ କିନ୍ତୁ ପ୍ରତି ବର୍ଗର ପିଲାଙ୍କ ନାମ ପଞ୍ଜୀକରଣ କରାଯାଉ ନ ଥିଲା। ଏ ସଂକ୍ରାନ୍ତରେ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଯେତେ ପଚାରିଲେ ମଧ୍ୟ କାହାଠାରୁ ସନ୍ତୋଷଜନକ ଉତ୍ତର ମିଳି ନ ଥିଲା। ଏହିପରି ପାଖାପାଖି ୧୧ଟା ୩୦ ପର୍ଯ୍ୟନ୍ତ ସେମାନେ ଚାପରେ ରହିଥିଲେ। ତା’ପରେ ଏହି ହଲର କଳାପଟାରେ ବକ୍ତୃତାର ପ୍ରସଙ୍ଗ ଲେଖାଗଲା ଏବଂ ପ୍ରତି ପ୍ରତିଯୋଗିତା ପାଇଁ ଅଲଗା କୋଠରି ସ୍ଥିର ହୋଇଥିବାରୁ ସେଠାରେ ପହଞ୍ଚି ନାମ ପଞ୍ଜୀକରଣ କରିବାକୁ କୁହାଯାଇଥିଲା। ଅଭିଭାବକମାନେ କୋଠରି ଖୋଜି ସେଠାରେ ପିଲାଙ୍କୁ ବସାଇଥିଲେ। କୋଠରି ସଂଖ୍ୟା ୪ରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପିଲାଙ୍କ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ପାଇଁ ସ୍ଥିର ହୋଇଥିଲା। ଏହି କୋଠରିରେ ୨ ଜଣ ଶିକ୍ଷୟିତ୍ରୀ ପହଞ୍ଚିଥିଲେ ସୁଦ୍ଧା ସେମାନଙ୍କ ପାଖକୁ ନାମ ପଞ୍ଜୀକରଣ ପାଇଁ ଥିବା କାଗଜ ପହଞ୍ଚିବାରେ ଯଥେଷ୍ଟ ବିଳମ୍ବ ହୋଇଥିଲା। ଏସବୁ ଦେଖି ଅନେକ ଅଭିଭାବକ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ମଧ୍ୟାହ୍ନ ୧୨ଟା ପରେ ଏହି କାଗଜ ପହଞ୍ଚିଲା ପରେ ପିଲାଙ୍କ ନାମ ପଞ୍ଜୀକରଣ ଓ ପରେ ଟୋକନ ହୋଇଥିଲା। ବହୁ ବିଳମ୍ବରେ ବକ୍ତୃତା ପ୍ରତିଯୋଗିତା ଆରମ୍ଭ ହୋଇଥିଲେ ସୁଦ୍ଧା ବିଶୃଙ୍ଖଳା ବଢିଥିଲା। ବାରଣ୍ଡାରେ ଅଭିଭାବକମାନେ ପାଟିତୁଣ୍ଡ କରୁଥିବାବେଳେ ଭିତରେ ପିଲାମାନେ ଚାପରେ ଥିଲେ। ଏପରି କି ଭାଷଣ ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ସମୟ ସ୍ଥିର କରାଯାଇ ନ ଥିଲା। ତା ଭିତରେ ଯେଉଁ ପିଲା ଚାହୁଁଥିଲେ କୋଠରିରୁ ବାହାରକୁ ଓ ଭିତରକୁ ମନଇଚ୍ଛା ଯିବାଆସିବା କରୁଥିଲେ। ଏପରି କି ଏକକାଳୀନ ୧୦ରୁ ଅଧିକ ପିଲା ଉଠି ବାହାରକୁ ଚାଲି ଯାଇଥିବା ଦେଖା ଯାଇଥିଲା।

ଏହି ସମୟରେ କୋଠରିରେ ଥିବା ଶିକ୍ଷୟିତ୍ରୀଦ୍ୱୟ ଶୃଙ୍ଖଳା ରକ୍ଷା କରିପାରି ନ ଥିଲେ। କେବଳ ଏତିକି ନୁହେଁ, କେତେଜଣ ପିଲା କ’ଣ କହୁଥିଲେ ତାହା ବିଚାରକଦ୍ୱୟ ମଧ୍ୟ ଶୁଣି ନ ଥିଲେ। ପ୍ରତିଯୋଗିତା ସରିବାକୁ ଯଥେଷ୍ଟ ସମୟ ଲାଗିଥିଲା। ଫଳ ଜାଣିବା ପାଇଁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଅପେକ୍ଷା କରି ନିରାଶ ହୋଇ ଶେଷରେ ସେମାନଙ୍କ ପିଲାଙ୍କୁ ଧରି ଘରକୁ ଚାଲି ଯାଇଥିଲେ। ହେଲେ କେଉଁମାନେ ଜିଲାସ୍ତରକୁ ଗଲେ ତାହା ଜଣାପଡ଼ି ନ ଥିଲା। ଏଭଳି ଅବ୍ୟବସ୍ଥା ସେମାନଙ୍କ ପିଲାମାନଙ୍କ ମନରେ ଗଭୀର ଆଘାତ ଦେଇଥିବା ଅଭିଭାବକମାନେ ଅଭିଯୋଗରେ କହିଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ବିଇଓ ମଧୁସ୍ମିତା ପତିଙ୍କ ସହ ତାଙ୍କ ମୋବାଇଲରେ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ସେ ଉଠାଇ ନ ଥିଲେ। ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କୁ ପଚାରିବାରୁ ଏଭଳି ତ୍ରୁଟି ଅକ୍ଷମଣୀୟ। ଏଥିପାଇଁ ବିଇଓ ଦାୟୀ ବୋଲି କହି ଦୁଃଖ ପ୍ରକାଶ କରିଛନ୍ତି।

# କୁଜଙ୍ଗରୁ ତୁଳସୀକ୍ଷେତ୍ର ପତିତପାବନ ପାଇଁ ଆସିଲା ରାଖୀ

କେନ୍ଦ୍ରାପଡ଼ା, ୮।୮ (ଜଗନ୍ନାଥ ଧଳ)

ଶନିବାର ରାଖୀ ପୂର୍ଣ୍ଣିମା। ଏହି ଉପଲକ୍ଷେ କୁଜଙ୍ଗସ୍ଥିତ ମା’ ସୁଭଦ୍ରାଙ୍କ ପୀଠରୁ ତୁଳସୀକ୍ଷେତ୍ରସ୍ଥ ଇଚ୍ଛାପୁର ରଥଦାଣ୍ଡରେ ଥିବା ପତିତପାବନ ଓ ଶ୍ରୀବଳଦେବଜୀଉଙ୍କ ମନ୍ଦିର ବେଢ଼ା ମଧ୍ୟରେ ଥିବା କାଶୀ ବିଶ୍ୱନାଥଙ୍କ ପାଇଁ ରାଖୀ ଶୁକ୍ରବାର ପହଞ୍ଚିଛି। ଏ ସମ୍ପର୍କରେ ଆୟୋଜକ ନିଖିଳ ଓଡ଼ିଶା ତୁଳସୀ ବଳରାମ ପରିଷଦର ସଭାପତି ଆଇନଜୀବୀ ନେପାଳ ପ୍ରକାଶ ସାମନ୍ତ କହିଛନ୍ତି, କୁଜଙ୍ଗ ଗଡ଼ ସହିତ ତୁଳସୀ କ୍ଷେତ୍ରାଧିପତିଙ୍କ ସହ ବିବିଧ କ୍ଷେତ୍ରରେ ସଂଯୋଗ ରହିଛି। ଶ୍ରୀଜଗନ୍ନାଥ ସଂସ୍କୃତିରେ ଶ୍ରୀକ୍ଷେତ୍ର ସହିତ କୁଜଙ୍ଗସ୍ଥିତ ମା’ ସୁଭଦ୍ରା ପୀଠରେ ସଂଯୋଗ ରହିଛି। ଏହି ଐତିହାସିକ ସେତୁକୁ ମନେରଖିବା ପାଇଁ ଏହି ରାଖୀ ବ୍ୟବସ୍ଥା କରାଯାଇଛି। ଆଇନଜୀବୀ ମନୋଜ କୁମାର ଦାଶ, ଆଇନଜୀବୀ ଦେବାଶିଷ ରଥ, ରାଜେନ୍ଦ୍ର ବେହେରା, ସୁଭଦ୍ରା ମନ୍ଦିର ଟ୍ରଷ୍ଟି ରାଜେନ୍ଦ୍ର ବେହେରା, ଅଶୋକ ତରାଇ, ପୀତାମ୍ବର ରାଉତ, ସୁରେନ୍ଦ୍ର ମହାନ୍ତି ପ୍ରମୁଖ ଏହି ରାଖୀକୁ ଅପରାହ୍ନରେ ଶ୍ରୀବଳଦେବଜୀଉଙ୍କ ପୂଜକ ଗୌରାଙ୍ଗ ସୁଆର, ଦିବାକର ପତ୍ରୀ ପ୍ରମୁଖଙ୍କୁ ହସ୍ତାନ୍ତର କରିଛନ୍ତି।



ସୁଭଦ୍ରାଙ୍କ ପୀଠରୁ ପତିତପାବନ ଓ ଶ୍ରୀବଳଦେବଜୀଉଙ୍କ ପାଇଁ ଆସିଥିବା ରାଖୀ।

# ନିଆଁ ଲଗାଇ ଘର ପୋଡ଼ି ଅଭିଯୋଗ

ମାର୍ଶାଘାଇ,୮।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)

ମାର୍ଶାଘାଇ ଥାନା ଅନ୍ତର୍ଗତ ଦହିମାଛ ଗ୍ରାମର ମୁରଲୀଧର ରାଉତଙ୍କ ଘରେ କେହି ଦୁର୍ବୃତ୍ତ ନିଆଁ ଲଗାଇ ପୋଡ଼ି ଦେଇଥିବା ନେଇ ଅଭିଯୋଗ ହୋଇଛି। ରାଉତ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ବୁଧବାର ରାତି ପ୍ରାୟ ୨ଟାରେ ଘରେ ସ୍ତ୍ରୀ ଓ ନାତି ଶୋଇଥିବା ବେଳେ ହଠାତ୍ ଘର ଧୂଆଁମୟ ହେବାରୁ ନିଦ ଭାଙ୍ଗିଗଲା। ଦେଖିବାବେଳକୁ ଘରେ ନିଆଁ ଲାଗିଛି। ସ୍ତ୍ରୀ ଓ ନାତିଙ୍କୁ ଉଠାଇ ବାହାରକୁ ଆସି ପଡୋଶୀଙ୍କୁ ଡାକ ପକାଇଥିଲି। ପରେ ମାର୍ଶାଘାଇ ଅଗ୍ନିଶମ ବାହିନୀ ଆସି ନିଆଁ ଲିଭାଇଥିଲା। ମାତ୍ର ସେତେବେଳକୁ ସବୁ ପୋଡ଼ି ପାଉଁଶ ହୋଇଯାଇଥିଲା। ବାଡ଼ି ପଟରେ ପେଟ୍ରୋଲର ବାସ୍ନା ହେଉଥିବାରୁ କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ସନ୍ଦେହ ହେଉଛି। ପୋଲିସ ଘଟଣାର ତଦନ୍ତ କରୁଥିବା ଜଣାଯାଇଛି।

# ବିଚାରବିଭାଗୀୟ ତଦନ୍ତ ଦାବିକଲା ସମାଜବାଦୀ ପାର୍ଟି

## କାଠିଆପଡ଼ା ଛାତ୍ରୀ ପୋଡ଼ି ଘଟଣା

କେନ୍ଦ୍ରାପଡ଼ା, ୮।୮ (ଜଗନ୍ନାଥ ଧଳ)



ଜିଲା କମିଟିର ସଦସ୍ୟମାନେ ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

ପଟ୍ଟାମୁଣ୍ଡାଇ ବ୍ଲକ୍ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା ଗ୍ରାମର ଛାତ୍ରୀ ପୋଡ଼ି ମାମଲାରେ ସମାଜବାଦୀ ପାର୍ଟି ବିଚାରବିଭାଗୀୟ ତଦନ୍ତ ଦାବି କରିଛି। କେନ୍ଦ୍ରାପଡ଼ା ଜିଲା କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଉପଜିଲାପାଳଙ୍କୁ ଶୁକ୍ରବାର ପ୍ରଦାନ କରିଛି। ଏ ସମ୍ପର୍କରେ ଜିଲା ସଭାପତି ଧୀରେନ ଦାସ କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ବଢ଼ି ଚାଲିଛି। ପାର୍ଟିର ରାଜ୍ୟ ପ୍ରବକ୍ତା ପ୍ରଦୀପ ମିଶ୍ର ଏ ନେଇ ବାରମ୍ବାର ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମାସକ ମଧ୍ୟରେ ୩ଟି ଛାତ୍ରୀ ଓ ନାବାଳିକାଙ୍କ ପୋଡ଼ି ହୋଇ ମରିବା ଘଟଣା ପୋଲିସର କାର୍ଯ୍ୟ ଉପରେ ସନ୍ଦେହ ସୃଷ୍ଟି କରିଛି। କାଠିଆପଡ଼ା ଗ୍ରାମର ଛାତ୍ରୀଙ୍କ ପରିବାର ଗ୍ରାମାଞ୍ଚଳ ପୋଲିସ ନିକଟରେ ପୁରୁଷ ବନ୍ଧୁଙ୍କ ବ୍ଲାକ୍‌ମେଲ୍ ସମ୍ପର୍କରେ ଅଭିଯୋଗ କରିଥିଲେ। ତେବେ ପୋଲିସ ଅଭିଯୋଗପତ୍ର ଗ୍ରହଣ କରି ନ ଥିବାରୁ ଏପରି ଅଘଟଣ ଘଟିଛି। ଜିଲା ପୋଲିସର ତଦନ୍ତ ଉପରେ ଭରସା ନ ଥିବାରୁ ବିଚାରବିଭାଗୀୟ ତଦନ୍ତ କରାଯାଉ ବୋଲି ପାର୍ଟି ପକ୍ଷରୁ ଦାବି କରାଯାଇଥିବା ଜିଲା ସଭାପତି ଦାସ କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜିଲା ସମ୍ପାଦକ ପ୍ରଶାନ୍ତ ପାତ୍ର, ମହିଳା ସଭାନେତ୍ରୀ ମିନତି ସୁନ୍ଦରରାୟଙ୍କ ସମେତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ଦୟନୀୟ ସ୍ଥିତିରେ ରାଜ୍ୟରେ ନାରୀ ସୁରକ୍ଷା

କେନ୍ଦ୍ରାପଡ଼ା, ୮।୮ (ଜଗନ୍ନାଥ ଧଳ)



ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ଦିଆଯାଉଛି।

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା କାଠିଆପଡ଼ା ଛାତ୍ରୀ ପୋଡ଼ି ମୃତ୍ୟୁ ଘଟଣାରେ ଜିଲା ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଏସ୍‌ପି ସିଦ୍ଧାର୍ଥ କାଟାରିଆଙ୍କୁ ଶୁକ୍ରବାର ପ୍ରଦାନ କରାଯାଉଛି। ଜିଲା ଯୁବ ସଭାପତି ରାଜେଶ ଦାସ ଓ ଛାତ୍ର ସଭାପତି ପ୍ରଦୀପ ସାହୁଙ୍କ ନେତୃତ୍ୱରେ ଦିଆଯାଇଥିବା ଏହି ସ୍ମାରକପତ୍ରରେ ରାଜ୍ୟରେ ନାରୀ ସୁରକ୍ଷା ଏବେ ଦୟନୀୟ ସ୍ଥିତିରେ ଅଛି। ଏହାର ନିରାକରଣ ପାଇଁ ଏକ ଅଧିକ କ୍ରିୟାଶୀଳ ଓ ପ୍ରଭାବଶାଳୀ ମେକାନିଜମ୍ ଗଠନ କରାଯାଉ ବୋଲି ପରାମର୍ଶ ଦିଆଯାଇଛି। ଏଥିସହ ଅନ୍ୟ କେତେକ ଦାବି ଏଠାରେ ଉପସ୍ଥାପିତ ହୋଇଛି। ଏ ସମ୍ପର୍କରେ ଯୁବ ବିଜେଡି ସଭାପତି ରାଜେଶ ଦାସ କହିଛନ୍ତି, ଗତ ୧୩ ମାସ ଭାଜପା ଶାସନ କାଳରେ ମହିଳା ଓ ଛାତ୍ରୀ ନିର୍ଯାତନା ବଢ଼ିଚାଲିଛି। ନବରଙ୍ଗପୁରରେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲା, ଭରତପୁର ପୋଲିସ ଷ୍ଟେଶନରେ ମହିଳାଙ୍କୁ ଦୁର୍ବ୍ୟବହାର, କୁଚିଣ୍ଡାରେ ନାବାଳିକାଙ୍କୁ ଗଣବଳାତ୍କାର ଆଦି ୫୦ରୁ ଊର୍ଦ୍ଧ୍ୱ ଅଭାବନୀୟ ଘଟଣା ଲୋକଲୋଚନକୁ ଆସିଛି। ନିକଟରେ ଗୋପାଳପୁର ସି ବିଚ୍‌ରେ ଛାତ୍ରୀଙ୍କୁ ଗଣବଳାତ୍କାର, ଏଫ୍‌ଏମ୍ କଲେଜର ଛାତ୍ରୀଙ୍କ ଆତ୍ମଦାହ, ବଲାଙ୍ଗୀରରେ ନାବାଳିକାଙ୍କୁ ଜିଅନ୍ତା ଜାଳିଦେବା ଘଟଣା ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ ଲଜ୍ଜିତ କରିଛି। ଗତ ୬ ତାରିଖରେ କାଠିଆପଡା ଗ୍ରାମର ଛାତ୍ରୀ ପୋଡ଼ି ଘଟଣା କେନ୍ଦ୍ରାପଡ଼ା ଜିଲା ସମେତ ରାଜ୍ୟବାସୀଙ୍କ ଅନ୍ତରାତ୍ମାକୁ ଥରାଇଛି। ଏଥିରେ ରାଜ୍ୟ ସରକାରଙ୍କ ଆଇନ ଶୃଙ୍ଖଳା ପରିସ୍ଥିତି ବିଶୃଙ୍ଖଳିତ ହୋଇଥିବା ଉଦାହରଣ ମିଳୁଛି। ଏହି ଘଟଣାର ନିରପେକ୍ଷ ଓ ତ୍ୱରିତ ତଦନ୍ତ କରାଯାଇ ଦୋଷୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ। ଶିକ୍ଷାୟତନରେ ଛାତ୍ରୀଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉ ବୋଲି ସେ ଦାବି କରିଛନ୍ତି। ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ ସମୟରେ ରଞ୍ଜନ କୁମାର ସାହୁ, ସାହେବ ସାହିଲ ରାଉତ, ବିଜୟ କୁମାର ମଣ୍ଡଳ, ରୋହିତ କୁମାର ମହାନ୍ତଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ବିଜୁ ଯୁବ ଓ ଛାତ୍ର ଜନତା ଦଳର ନେତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ମହିଳା ନିର୍ଯାତନା: ଯୁବ, ଛାତ୍ର ବିଜେଡିର ବିକ୍ଷୋଭ

ରାଜନଗର, ୮।୮ ( ଭାସ୍କର ରାଉତରାୟ)

ଓଡ଼ିଶାରେ କ୍ରମାଗତ ଭାବେ ବଢ଼ି ଚାଲିଥିବା ମହିଳା ଏବଂ ଛାତ୍ରୀ ନିର୍ଯାତନା ପ୍ରତିବାଦରେ ରାଜନଗର ବ୍ଲକ୍ ଯୁବ ଓ ଛାତ୍ର ବିଜୁ ଜନତା ଦଳ ପକ୍ଷରୁ ଶୁକ୍ରବାର ବିକ୍ଷୋଭ କରାଯାଇଛି। ସ୍ଥାନୀୟ ତାରିଣୀ ମନ୍ଦିରଠାରୁ ବିଜେଡିର ଶତାଧିକ ଯୁବ, ଛାତ୍ର ଓ ଛାତ୍ରୀଛାତ୍ର ଏକ ଶୋଭାଯାତ୍ରାରେ ଆସି ରାଜନଗର ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଡିଜିପିଙ୍କ ଉଦ୍ଦେଶ୍ୟରେ ରାଜନଗର ଥାନାଧିକାରୀ ନରେଶ କୁମାର ସାହୁଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭ ଓ ସ୍ମାରକପତ୍ର ପ୍ରଦାନ ସମୟରେ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବ୍ରତ ନାରାୟଣ ବିଶ୍ୱାଳ, ରାଜନଗର ବ୍ଲକ୍ ଯୁବ ବିଜେଡି ସଭାପତି ଆର୍ତ୍ତବନ୍ଧୁ ମହାନ୍ତି, ଛାତ୍ର ବିଜେଡି ସଭାପତି ମନୋଜ କୁମାର ମଲ୍ଲିକ, ମହିଳା ବିଜେଡି ସଭାନେତ୍ରୀ ରଶ୍ମୀ ରଞ୍ଜିତା ସ୍ୱାଇଁ , ଛାତ୍ର ନେତା ପରମେଶ୍ୱର ଦାସ, ସୁରଜ ପୁହାଣ, ସୁଶାନ୍ତ ବେହେରା, ପୀତବାସ ବିଶ୍ୱାଳ, ରାହାସ ବିହାରୀ ଜେନା, ଶୁଭେନ୍ଦୁ ଓଝା, ଯୁବନେତା ସଞ୍ଜୟ କୁମାର ସ୍ୱାଇଁ , ରବୀନ୍ଦ୍ର କୁମାର ସିଂ, ରଶ୍ମି ରଞ୍ଜନ ସାହାଣୀ , ଛାତ୍ରୀ ପୂର୍ଣ୍ଣିମା ମହାନ୍ତି, ରାଜଲକ୍ଷ୍ମୀ ଲେଙ୍କା, ସସ୍ମିତା ସେଠୀ, କାଜଲ ରାଉଳ, ରୋଜାଲିନ ବାରିକ, ପ୍ରିୟଙ୍କା ବାଗ, ଯାଜ୍ଞସେନୀ ରାଉତ, ଶୁଭଲକ୍ଷ୍ମୀ ଦାସ, ଅର୍ଚ୍ଚିତା ଜେନା ପ୍ରମୁଖ ଉପସ୍ଥିତ ଥିଲେ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**ପୋର୍ଟ ମାର୍କେଟ ପାରାଦୀପ ଶାଖା**
ବ୍ୟାଙ୍କ ଷ୍ଟ୍ରିଟ୍, ପାରାଦୀପ,
ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୪୨
ଇମେଲ୍ : ubin0548065@unionbankofindia.bank

**ବିକ୍ରୟ ନୋଟିସ୍**
**(୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ କିଶୋର ପ୍ରଧାନ, ପିତା: ଶ୍ରୀ ସୁଦର୍ଶନ ପ୍ରଧାନ, ସା: ସିଞ୍ଜୁ, ପୋ: ଝିମାଣୀ, ଥାନା: ପାରାଦୀପ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୪୧, ୨) ଶ୍ରୀ ଅଶୋକ କୁମାର ପାତ୍ର, ପିତା: ଶ୍ରୀ ଗୋପାଳ ପାତ୍ର, ସା: ଝିମାଣୀ, ବଗଦିଆ, ଥାନା: ପାରାଦୀପ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୪୧ | ଶ୍ରୀ କିଶୋର ପ୍ରଧାନ, ପିତା: ଶ୍ରୀ ସୁଦର୍ଶନ ପ୍ରଧାନଙ୍କ ନାମରେ ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୯୧, ମ୍ୟୁଟେସନ୍ ଖାତା ନଂ.: ୪୫, ତହସିଲ ନଂ.: ୨୦୫, ଥାନା ନଂ.: ୨୫୦, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ମୌଜା: ସିଞ୍ଜୁ, ଏସ୍‌ଆର୍‌ଓ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡ଼ିଶା | ୧୨.୦୭.୨୦୧୯ / ୧୮.୦୭.୨୦୨୩ / ୧୮.୦୬.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୋର୍ଟ ମାର୍କେଟ ପାରାଦୀପ ଶାଖା ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ **ତା.୧୨.୦୭.୨୦୧୯**ରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ **ତା.୧୮.୦୭.୨୦୨୩**ରିଖରେ ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

**ସ୍ଥାନ: ପାରାଦୀପ, ତାରିଖ: ୦୮.୦୮.୨୦୨୫**
**ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**



No.XXIII-02

# ଓଡ଼ିଶା ସରକାର
# ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା
## ଭୂ-ଅର୍ଜନ ବିଭାଗ
**L.A.-2025-10902 L.A. Date-14.07.2025**

## ଅଧିସୂଚନା

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାରେ M/s. Odisha Power Generation Corporation Ltd. (OPGC) ଦ୍ୱାରା 2x210 MW Thermal Power Plantର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱରଙ୍କ ଜରିଆରେ ମୌଜା-କୁମ୍ଭାରବନ୍ଧ, ଥାନା-ରେଙ୍ଗାଲି, ତହସିଲ-ଲଖନପୁର, ଜିଲ୍ଲା-ଝାରସୁଗୁଡାରେ ନିମ୍ନ ତଫସିଲମତେ ପ୍ରାୟ ଏ.୯.୨୦୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଙ୍କ ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ –M/s Odisha Power Generation Corporation Ltd. ର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ବିସ୍ଥାପିତ ହେଉନାହାନ୍ତି ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ ବିଭାଗ, ଝାରସୁଗୁଡା ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଝାରସୁଗୁଡା | ଝାରସୁଗୁଡା | କୁମ୍ଭାରବନ୍ଧ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୧୦.୩୯୦ | ଏକର ୯.୨୦୫ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।
ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ଅଧିକାରୀ, ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।
ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଝାରସୁଗୁଡା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅବୋଲୀ ସୁନୀଲ ନରୱାଣେ
ଜିଲ୍ଲାପାଳ, ଝାରସୁଗୁଡ଼ା

**LAND SCHEDULE (PRIVATE) OF OPGC ASH POND, VILLAGE-KUMBHARBANDH, PS-LAKHANPUR, TAHASIL-LAKHANPUR, DIST- JHARSUGUDA**

| Sl. No. | Khata No. | Recorded Tenant | Kisam | Total Area in Ac. | Proposed Area to be acquired (in Ac.) | Remarks |
|---|---|---|---|---|---|---|
| 1 | 71 | ପ୍ରଦୀପ କୁମାର ପୂଜାରୀ, ପି:ରମଣୀ ପୂଜାରୀ, ଜା:ବ୍ରାହ୍ମଣ, ବା:ନିଜଗାଁ | ପତିତ | 1.190 | 0.92 | |
| | 71 | | ମାଳ ସାଧାରଣ | 2.800 | 2.80 | |
| 2 | 52 | ଉମେଶ ଭୋଇ, ପି:ଧନୀସୌଦାଗର ଭୋଇ, କୁମୋଦିନୀ ଭୋଇ, ସ୍ୱା:ଧନୀସୌଦାଗର ଭୋଇ, ଜା:ଗଣ୍ଡ, ବା:ନିଜଗାଁ | ଆଟ ସାଧାରଣ | 0.900 | 0.558 | |
| 3 | 165 | ବ୍ରହ୍ମା ଭୋଏ, ପି:ବେଣୁ ଭୋଏ, ଜା:ସହରା, ବା:ନିଜଗାଁ | ଆଟ ସାଧାରଣ | 0.960 | 0.669 | |
| 4 | 233 | ରବିରତ୍ନ ପାଟଯୋଷୀ, ଗଣ୍ଡା ପାଟଯୋଷୀ, ପିତା ନରସିଂହ ପାଟଯୋଷୀ, ଓଁପ୍ରକାଶ ପାଟଯୋଷୀ, ବିଷ୍ଣୁପ୍ରକାଶ ପାଟଯୋଷୀ, ଅନାମିକା ପଣ୍ଡା, ପିତା ଦାମୋଦର ପାଟଯୋଷୀ, ଅହଲ୍ୟା ପାଟଯୋଷୀ, ସ୍ୱାମୀ ଦାମୋଦର ପାଟଯୋଷୀ, ଅନ୍ନପୂର୍ଣ୍ଣା ପାଟଯୋଷୀ, ସ୍ୱାମୀ ପରମେଶ୍ୱର ପାଟଯୋଷୀ, ଗୌରହରି ପାଟଯୋଷୀ, ବାସସ୍ଥାନ ନିଜଗାଁ ସରୋଜିନୀ ପଣ୍ଡା ବାସସ୍ଥାନ ବିଲେଇଗଡ, ଥାନା ସାରଙ୍ଗଗଡ ଜିଲ୍ଲା ରାୟଗଡ (ମଧ୍ୟପ୍ରଦେଶ) ତପସ୍ୱିନୀ ହୋତା ବାସସ୍ଥାନ ସମ୍ବଲପୁର ଟାଉନ ପିତା ଲବଣି ପାଟଯୋଷୀ, ମଧୁସୂଦନ ପାଟଯୋଷୀ, ଭବାନୀ ପାଟଯୋଷୀ, ପିତା ରୁଦ୍ର ପାଟଯୋଷୀ, କିଶୋର ପାଟଯୋଷୀ, ପିତା ସଚ୍ଚି ପାଟଯୋଷୀ, ସୁବ୍ରତ୍ତ ପାଟଯୋଷୀ, ସ୍ୱାମୀ ସଚ୍ଚି ପାଟଯୋଷୀ, ସତ୍ୟଭାମା ପାଟଯୋଷୀ, ସ୍ୱାମୀ ଗଙ୍ଗାଧର ପାଟଯୋଷୀ, ପୂର୍ଣ୍ଣଚନ୍ଦ୍ର ପାଟଯୋଷୀ, ରାମଚନ୍ଦ୍ର ପାଟଯୋଷୀ, ପିତା ସତ୍ୟବାଦୀ ପାଟଯୋଷୀ, ରାମନାରାୟଣ ପାଟଯୋଷୀ, ପିତା ଭାଗିରଥୀ ପାଟଯୋଷୀ, ବାଞ୍ଛାବଟ ପାଟଯୋଷୀ, କଳ୍ପବଟ ପାଟଯୋଷୀ, ପିତା ଦିନବନ୍ଧୁ ପାଟଯୋଷୀ, ବିଷ୍ଣୁପ୍ରିୟା ପାଟଯୋଷୀ, ସ୍ୱାମୀ ଦିନବନ୍ଧୁ ପାଟଯୋଷୀ, ବାସସ୍ଥାନ ନିଜଗାଁ ଜାତି ବ୍ରାହ୍ମଣ ବା: | ମାଳ ସାଧାରଣ/6 | 0.320 | 0.320 | |
| | 233 | | ମାଳ ସାଧାରଣ/6 | 0.440 | 0.440 | |
| | 233 | | ପତିତ | 1.630 | 1.630 | |
| | 233 | | ଆଟ ସାଧାରଣ | 1.800 | 1.800 | |
| 5 | 254 | ଅରୁଣ କୁମାର ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ସୁରପ୍ରଭା ପଣ୍ଡା, ବିଦ୍ୟୁତପ୍ରଭା ପଣ୍ଡା, ମୈଥିଲି ପଣ୍ଡା, ପି ଶଙ୍କର ପ୍ରସାଦ ପଣ୍ଡା, ଦେବେନ୍ଦ୍ର ଦୀକ୍ଷିତ, ନରେନ୍ଦ୍ର ଦୀକ୍ଷିତ, ଧିରେନ୍ଦ୍ର ଦୀକ୍ଷିତ, ରେବତୀ ଦିକ୍ଷିତ, ରେଣୁବାଳା ଦିକ୍ଷିତ, ପି:ଭଗବାନ ଦୀକ୍ଷିତ, ଜା:ବ୍ରାହ୍ମଣ, ବା:ନିଜଗାଁ | ଆଟ ସାଧାରଣ | 0.350 | 0.068 | |
| | | | Total | 10.390 | 9.205 | |

Sd./- Amin L.A.Sec Jharsuguda
Sd./- Amin L.A.Sec Jharsuguda
Sd./- R.I. L.A.Sec Jharsuguda
Sd./- Asst. Collector L.A.Section Jharsuguda
Sd./- Land Acquisition Officer Jharsuguda

OIPR-24022/14/0006/2526



ଫର୍ମ ନଂ. ୩
[ବ୍ୟବସ୍ଥାପନ-୧୩ (୧) (କ) ଦେଖନ୍ତୁ]

**ଋଣ ଅସୁଲି ନ୍ୟାୟାଧିକରଣ କୋଲକାତା (ଡିଆର୍‌ଟି ୧)**
୯ମ ମହଲା, ଜୀବନ ସୁଧା ବିଲ୍ଡିଂ, ୪୨-ସି, ଜେ.ଏଲ୍. ନେହେରୁ ରୋଡ୍, କୋଲକାତା-୭୦୦୦୭୧

**ମାମଲା ନଂ.: ଓଏ/୫୦/୨୦୨୪**

ଅଧିନିୟମର ଧାରା ୧୯ର ଉପ-ଧାରା (୪) ସହ ପଠନପୂର୍ବକ ଋଣ ଅସୁଲି ନ୍ୟାୟାଧିକରଣ (ପ୍ରକ୍ରିୟା) ନିୟମାବଳୀ, ୧୯୯୩ର ନିୟମ ୫ର ଉପ-ନିୟମ (୨ଏ) ଅଧୀନରେ ସମନ
ଇଏକ୍ସଏଚ୍. ନଂ.: ୫୭୬୮

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ବନାମ**
**ମେସର୍ସ ମେଟ୍ ଟେକ୍ନୋଲୋଜିସ୍ ପ୍ରା. ଲିଃ**

ପ୍ରାପ୍ତେଷୁ,
(୧) ମେସର୍ସ ମେଟ୍ ଟେକ୍ନୋଲୋଜିସ୍ ପ୍ରା. ଲିଃ, କାର୍ଯ୍ୟାଳୟ ସ୍ଥାନ: ଇକୋସ୍ପେସ୍ ଇଏସ୍‌ଏନ୍‌ଟି-୩ଏ୦୫୦୧ । ବ୍ଲକ୍-୩ଏ, ୫ମ ମହଲା, ପ୍ଲଟ୍ ନଂ. ଆଇଆଇଏଫ୍/୧୧, ଥାନା: ନ୍ୟୁ ଟାଉନ, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ-୭୦୦୧୬୦
(୨) ଶ୍ରୀ କୁନାଲ ଗୁପ୍ତା, ପିତା ଶ୍ରୀ କିଶୋର କୁମାର ଗୁପ୍ତା, ସ୍ଥାନ: ରୋଜଡେଲ ବିଲ୍ଡିଂ, ଫ୍ଲାଟ୍ ନଂ., ୧୮ଏଫ, ଟାୱାର ୩, ୧୮ତମ ମହଲା, ନ୍ୟୁ ଟାଉନ, ଥାନା: ନ୍ୟୁ ଟାଉନ, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ-୭୦୦୧୫୬
(୩) ଶ୍ରୀ କିଶୋର କୁମାର ଗୁପ୍ତା, ପିତା: ସ୍ୱର୍ଗତ ଉମା ଶଙ୍କର ଗୁପ୍ତା, ସ୍ଥାନ: ଆଠଘର ଝାଓତାଲା, ପୂର୍ବାଞ୍ଚଳ ହାତିଆରା, ଥାନା: ହାତିଆରା, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ-୭୦୦୧୫୭
(୪) ଶ୍ରୀମତୀ ନନ୍ଦିନୀ ଭରଦ୍ୱାଜ ନାନଜୁନ୍ଦାସ୍ୱାମୀ, ସ୍ୱାମୀ: ଶ୍ରୀ କୁନାଲ ଗୁପ୍ତା, ସ୍ଥାନ: ରୋଜଡେଲ ବିଲ୍ଡିଂ, ଫ୍ଲାଟ୍ ନଂ. ୧୮ଏଫ, ଟାୱାର ୩, ୧୮ତମ ମହଲା, ନ୍ୟୁ ଟାଉନ, ଥାନା: ନ୍ୟୁ ଟାଉନ, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ-୭୦୦୧୫୬
(୫) ମେସର୍ସ ଫେନିସିଆ ହସ୍ପିଟାଲିଟି ସର୍ଭିସେସ୍ ପ୍ରା. ଲିଃ, କାର୍ଯ୍ୟାଳୟ ସ୍ଥାନ: ଆରଜିଏମ୍ ୧୩/୧୨/୧୪ ହାତିଆରା, ବ୍ଲକ୍ ବି ଆଠଘର, ଥାନା: ହାତିଆରା, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ-୭୦୦୧୫୭
(୬) ମେସର୍ସ ମେ’ଫେୟାର୍ ହୋଟେଲ ଆଣ୍ଡ ରିସର୍ଟସ୍ (ଗୋଆ) ପ୍ରା. ଲିଃ, କାର୍ଯ୍ୟାଳୟ ସ୍ଥାନ: ୮ବି, ଜୟଦେବ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା, ଥାନା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା-୭୫୧୦୧୩

**ସମନ**

ଯେହେତୁ, ଓଏ/୫୦/୨୦୨୪ ମାନ୍ୟବର ପୀଠାସୀନ ଅଧିକାରୀଙ୍କ ରେଜିଷ୍ଟ୍ରରେ ତା୧୫।୦୫।୨୦୨୫ରିଖ ଦିନ ତାଲିକାଭୁକ୍ତ ହୋଇଥିଲା ।
ଯେହେତୁ, ଏହି ମାନ୍ୟବର ନ୍ୟାୟାଧିକରଣ ଟ.୩୨୨୮୦୯୮୪୬/- ର ଋଣ ଅସୁଲି ନିମନ୍ତେ ଅଧିନିୟମର ଧାରା ୧୯(୪), (ଓଏ) ଅଧୀନରେ ଆପଣଙ୍କ ବିରୁଦ୍ଧରେ ଦାଏର କରାଯାଇଥିବା ଆବେଦନ ଉପରେ ସହଜେ ସମନ/ନୋଟିସ୍ ଜାରି କରିଛନ୍ତି (ଆବେଦନ ସମେତ ଦସ୍ତାବିଜଗୁଡ଼ିକର ନକଲ ସଂଲଗ୍ନ) ।
ଅଧିନିୟମର ଧାରା ୧୯ର ଉପ-ଧାରା (୪) ଅନୁଯାୟୀ, ପ୍ରତିବାଦୀମାନଙ୍କୁ ନିମ୍ନ ଅନୁଯାୟୀ ନିର୍ଦ୍ଦେଶ ଦିଆଯାଉଛି:
(i) ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣକୁ ନୋଟିସ ଜାରି ହେବାର ତିରିଶ ଦିନ ମଧ୍ୟରେ ଦର୍ଶାଇବା ପାଇଁ ।
(ii) ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ସମ୍ପତ୍ତି ଏବଂ ପରିସମ୍ପତ୍ତି ବ୍ୟତୀତ ଅନ୍ୟାନ୍ୟ ସମ୍ପତ୍ତି କିମ୍ବା ପରିସମ୍ପତ୍ତିର ସବିଶେଷ ବିବରଣୀ ପ୍ରକାଶ କରିବା ପାଇଁ ।
(iii) ସମ୍ପତ୍ତିଗୁଡ଼ିକୁ ଜବତ କରିବା ପାଇଁ ଆବେଦନର ଶୁଣାଣି ଓ ଫଇସଲା ବାକି ରହିଥିବା ଅବଧିରେ ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ପ୍ରକାଶିତ ବନ୍ଧକ ପରିସମ୍ପତ୍ତି କିମ୍ବା ଏପରି କୌଣସି ପରିସମ୍ପତ୍ତି ଅଥବା ସମ୍ପତ୍ତିଗୁଡ଼ିକ ସହିତ କାରବାର କରିବା କିମ୍ବା ସେଗୁଡ଼ିକୁ ବିକ୍ରୟ କରିବାରୁ ଆପଣଙ୍କ ଉପରେ କଟକଣା ଲାଗୁ କରାଯାଉଛି ।
(iv) ନ୍ୟାୟାଧିକରଣଙ୍କ ପୂର୍ବ ଅନୁମତି ବିନା ଯେଉଁ ପରିସମ୍ପତ୍ତିଗୁଡ଼ିକ ଉପରେ ସୁରକ୍ଷା ସ୍ୱାର୍ଥ ସୃଷ୍ଟି ହୋଇଛି ଏବଂ/କିମ୍ବା ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ବିନିର୍ଦ୍ଦିଷ୍ଟ କିମ୍ବା ପ୍ରକାଶିତ ହୋଇଥିବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତିରେ ସ୍ୱାଭାବିକ ବ୍ୟବସାୟ ବ୍ୟତୀତ ଆପଣ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ସେଗୁଡ଼ିକୁ ହସ୍ତାନ୍ତର କରିବେ ନାହିଁ ।
(v) ସ୍ୱାଭାବିକ ବ୍ୟବସାୟ ଧାରାରେ ସୁରକ୍ଷିତ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତିଗୁଡ଼ିକର ବିକ୍ରୟ ଦ୍ୱାରା ପ୍ରାପ୍ତ ହୋଇଥିବା ଅର୍ଥରାଶି ପାଇଁ ଆପଣ ଉତ୍ତରଦାୟୀ ରହିବେ ଏବଂ ଆପଣ ଏପରି ବିକ୍ରୟ ଲବ୍ଧରାଶିକୁ ଏପରି ପରିସମ୍ପତ୍ତି ଉପରେ ସୁରକ୍ଷା ସ୍ୱାର୍ଥ ଧାରଣ କରିଥିବା ବ୍ୟାଙ୍କ ଅଥବା ଆର୍ଥିକ ଅନୁଷ୍ଠାନରେ ରକ୍ଷଣାବେକ୍ଷଣ କରାଯାଉଥିବା ଖାତାରେ ଜମା କରିବେ ।
ଆପଣଙ୍କୁ ଲିଖିତ ବୟାନ ଦାଏର କରିବା ଓ ତାହାର ଏକ ନକଲ ଆବେଦନକାରୀଙ୍କୁ ପଠାଇବା ତଥା ତା୨୫।୦୮।୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା ପୂର୍ବରୁ ନିବନ୍ଧକଙ୍କ ସମ୍ମୁଖରେ ହାଜର ହେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଉଛି, ଯେଉଁଥିରେ ବିଫଳ ହେଲେ ଆବେଦନକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ଓ ବିଚାର କରାଯିବ ।
ମୋର ସ୍ୱାକ୍ଷର ଏବଂ ଏହି ନ୍ୟାୟାଧିକରଣଙ୍କ ସହିମୋହର ସହ ଏହି ତାରିଖରେ ପ୍ରଦତ୍ତ: ୩୦।୦୫।୨୦୨୫
ସ୍ୱା./-
ନିବନ୍ଧକ
ଋଣ ଅସୁଲି ନ୍ୟାୟାଧିକରଣ ନଂ.୧, କୋଲକାତା

# ରାସ୍ତା ପାଇଁ ଦେଓଗାଁ ଗ୍ରାମବାସୀଙ୍କ ୨୫ ବର୍ଷର ସଂଗ୍ରାମ

**ନୟାଗଡ଼,୮।୮(ଲୋକନାଥ ମିଶ୍ର)**



ଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଥିବା ଦେଓଗାଁର ଲୋକମାନେ।

**ଦେଓଗାଁ-ଭାଲିଆଡିହିକୁ ନକ୍ସା ମୁତାବକ ରାସ୍ତା ନ ହେଲେ ଆନ୍ଦୋଳନ**

ରାସ୍ତା ପାଇଁ ଦେଓଗାଁ ଗ୍ରାମବାସୀଙ୍କ ୨୫ ବର୍ଷର ସଂଗ୍ରାମ ଜାରି ରହିଥିଲେ ମଧ୍ୟ ଦେଓଗାଁ–ଭାଲିଆଡିହିକୁ ରାସ୍ତା ନିର୍ମାଣ ହୋଇ ପାରୁନି। ଦେଓଗାଁ–ଭାଲିଆଡିହିକୁ ନକ୍ସା ମୁତାବକ ରାସ୍ତା ନିର୍ମାଣ ପାଇଁ ଶୁକ୍ରବାର ଦେଓଗାଁ ଗ୍ରାମବାସୀ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ପ୍ରଶାସନକୁ ୧୦ ଦିନର ସମୟ ଦେଇଛନ୍ତି। ୧୦ ଦିନ ଭିତରେ ପୂର୍ତ୍ତ ବିଭାଗ ରାସ୍ତା ସମ୍ପୂର୍ଣ୍ଣ ନ କଲେ ଦେଓଗାଁ ଗ୍ରାମବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସି ରହିବେ ବୋଲି ଚେତାବନୀ ଦେଇଛନ୍ତି।

ରାସ୍ତା ହେବା ନେଇ ଓଡ଼ଗାଁ ତହସିଲଦାରଙ୍କର ଚିଠି ନଂ. ୩୧୩୯/ ୯।୬।୨୫ ରେ ଉପଯୁକ୍ତ ନକ୍ସା ଏବଂ ରାସ୍ତା ପାଇଁ କାଗଜପତ୍ର ପୂର୍ତ୍ତ ବିଭାଗକୁ ପ୍ରଦାନ କରିଛନ୍ତି। ଅନ୍ୟପକ୍ଷେ ଜୁନ ୧୮ରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନୟାଗଡ଼ଙ୍କୁ ରାସ୍ତା କରିବା ନେଇ ଗ୍ରାମବାସୀ ଲିଖିତ ଅନୁରୋଧ କରିଥିଲେ। ପୂର୍ତ୍ତ ବିଭାଗ ଯନ୍ତ୍ରୀ କାର୍ଯ୍ୟାଳୟ ମେମୋ ନଂ. ୧୦୯୧୮ରେ ଓଡ଼ଗାଁ ପୂର୍ତ୍ତ ବିଭାଗ ଯନ୍ତ୍ରୀଙ୍କୁ ବିଭାଗୀୟ ପଦକ୍ଷେପ ନେବା ପାଇଁ ଚିଠି କରିଥିଲେ। ସବୁ ସତ୍ତ୍ୱେ ରାସ୍ତା ନ ହେବାରୁ ଗ୍ରାମବାସୀ ପୁନର୍ବାର ଜୁଲାଇ ୧ରେ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ନୟାଗଡ଼ଙ୍କୁ ପୁଣି ଲିଖିତ ଅନୁରୋଧ କରିଥିଲେ। ରାସ୍ତା ପାଇଁ ସମସ୍ତ କାଗଜପତ୍ର, ତହସିଲଦାରଙ୍କ ନକ୍ସା ଥିଲେ ମଧ୍ୟ ବାରମ୍ବାର ଅନୁରୋଧ କରିଥିଲେ ସୁଦ୍ଧା ରାସ୍ତା କାର୍ଯ୍ୟ ଆରମ୍ଭ ହେଲାନାହିଁ। ଏଣୁ ଗ୍ରାମବାସୀ ଜୁଲାଇ ୭ରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ନୟାଗଡ଼ରେ ରାସ୍ତା ନିମନ୍ତେ ଅନୁରୋଧ କରି ଦାବିପତ୍ର ପ୍ରଦାନ କରିଥିଲେ। ପରେ ପୁଣି ଜୁଲାଇ ୨୮ରେ ଓଡ଼ଗାଁଠାରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରି ପୁନର୍ବାର ଦାବିପତ୍ର ପ୍ରଦାନ କରିଥିଲେ। ରାସ୍ତା ନିମନ୍ତେ ସମସ୍ତ ନକ୍ସା ଓ କାଗଜପତ୍ର ଥିଲେ ସୁଦ୍ଧା ପୂର୍ତ୍ତ ବିଭାଗ ଏବଂ ଜିଲାପାଳଙ୍କଠାରେ ଅଭିଯୋଗ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ଆରମ୍ଭ ହୋଇପାରିଲା ନାହିଁ। ଯାହା ପ୍ରଶାସନର ଅବହେଳାକୁ ଦର୍ଶାଉଛି। ଏବେ ବର୍ଷାଦିନ ଚାଲିଥିବାରୁ ଦେଓଗାଁ ଗ୍ରାମବାସୀ ଯାତାୟାତ ଅଭିଶପ୍ତ ଜୀବନ ଜୀଉଛନ୍ତି।

# ରଙ୍ଗବତୀ ମେମୋରିଆଲ ଡେ ଅନୁଷ୍ଠିତ

**ଖଣ୍ଡପଡ଼ା,୮।୮ (ଅଜୟ କୁମାର ମହାରଣା)**



କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀମାନେ।

ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ୫୯ ତମ 'ରଙ୍ଗବତୀ ମେମୋରିଆଲ ଡେ' ପାଳିତ ହୋଇଯାଇଛି। କଣ୍ଟିଲୋ ହରିସୁବୁଦ୍ଧି ପାଟଣା ଗ୍ରାମର କୁଞ୍ଜବିହାରୀ ସାହୁଙ୍କ ଦ୍ୱାରା ୧୯୬୫ରେ କୁଞ୍ଜବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟଟି ପ୍ରତିଷ୍ଠା ହୋଇଥିଲା। ତାଙ୍କ ସ୍ତ୍ରୀ ରଙ୍ଗବତୀ ସାହୁଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତି ବର୍ଷ ବିଦ୍ୟାଳୟ ପକ୍ଷରୁ ଏହି ଉତ୍ସବ ପାଳିତ ହୋଇଥାଏ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀ ଓ ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ପ୍ରତିଷ୍ଠାତାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଆୟୋଜିତ ଏକ ସମାବେଶରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀନିବାସ ପଣ୍ଡା ଅଧ୍ୟକ୍ଷତା କରି ରଙ୍ଗବତୀଙ୍କ ଅମର କିର୍ତ୍ତୀର ସ୍ମୃତି ଚାରଣ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା। ବିଶେଷ କରି ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ରାଜୀବ ଲୋଚନ ନାୟକଙ୍କ ନିର୍ଦ୍ଦେଶନାରେ ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ନୃତ୍ୟନାଟିକା 'ଭାରତ ମାତାର ଜୟ' ଉଚ୍ଚ କୋଟୀର ହୋଇଥିଲା। ଅତିଥି ଭାବେ ମୋ ସ୍କୁଲ ଉପସଭାପତି ତଥା କଣ୍ଟିଲୋ ଜିଲା ପରିଷଦ ସଭ୍ୟା ଉଜ୍ଜଳ ମହାରଣା, କଣ୍ଟିଲୋ ସରପଞ୍ଚ ଶ୍ରୀୟାରାଣୀ ବେହେରା, ପରିଚାଳନା କମିଟି ସଭ୍ୟ ସରୋଜ କୁମାର ମିଶ୍ର, ପ୍ରଭାକର ଶିରୋମଣୀଙ୍କ ସମେତ ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତି ଯୋଗଦେଇ ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମ ଶିକ୍ଷକ ନିରଞ୍ଜନ କଦମ ସେଠ୍ ପରିଚାଳନା କରିଥିଲେ। ସୂଚନା ଯୋଗ୍ୟ, ଦୀର୍ଘବର୍ଷ ହେବ ଏହି ଶିକ୍ଷାନୁଷ୍ଠାନରେ ରଙ୍ଗବତୀଙ୍କ ସ୍ମୃତି ପାଇଁ ଏକ ବିଜ୍ଞାନାଗାର ପ୍ରତିଷ୍ଠା ହୋଇଥିବା ବେଳେ ଆବଶ୍ୟକ ବିଜ୍ଞାନ ଉପକରଣ ଅଭାବରୁ ଛାତ୍ରୀମାନେ ବିଜ୍ଞାନ ସମ୍ବନ୍ଧୀୟ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି।

# ରେଡ୍ ରିବନ କ୍ଲବ ପକ୍ଷରୁ ଏଚ୍ଆଇଭି ସଚେତନତା




ଏଚ୍ଆଇଭି ସମ୍ପର୍କରେ ରେଡ୍ ରିବନ କ୍ଲବ୍ ପକ୍ଷରୁ ସଚେତନତା କରାଯାଉଛି।

**ନୂଆଗାଁ, ୮।୮(ଧନେଶ୍ୱର ସାହୁ)**

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେଡ୍ ରିବନ୍ କ୍ଲବ୍ ପକ୍ଷରୁ ଶୁକ୍ରବାର ଏଡସ୍ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଚ୍ଆଇଭି ସଂକ୍ରମଣକୁ ତଥା ଏଡସ୍ ରୋଗକୁ ରୋକିବାକୁ ହେଲେ ପ୍ରଥମେ ଯୁବ ପିଢ଼ି ସଚେତନ ହେବାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ସଚେତନତା କାର୍ଯ୍ୟକ୍ରମ କଲେଜ ପରିସରରୁ ଆରମ୍ଭ କରାଯାଇଛି। ତେବେ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରେଡ୍ ରିବନ୍ କ୍ଲବ୍‌ର ଛାତ୍ରୀମାନେ ନୂତନ ଢଙ୍ଗରେ ଏଡସ୍ ସଚେତନତା କରାଉଥିବା ଦେଖିବାକୁ ମିଳିଛି। ଶନିବାର ରାଖୀ ପୂର୍ଣ୍ଣମୀ ପାଇଁ ସ୍କୁଲ, କଲେଜ ଛୁଟି ରହୁଥିବାରୁ ଛାତ୍ରୀମାନେ ଶୁକ୍ରବାର ରାଖୀ ବନ୍ଧନ କରିଥିଲେ। ଛାତ୍ରୀମାନେ ରାଖୀ ବାନ୍ଧିବା ସହ ଏଡ୍ସ ସଚେତନତାରେ ସାମିଲ ହୋଇ ଏଚ୍ଆଇଭିର ପ୍ରତୀକ ସ୍ୱରୂପ ରେଡ ରିବନରେ ରାଖୀ ପ୍ରସ୍ତୁତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା , ଅଧ୍ୟାପକ , କର୍ମଚାରୀ ଓ ଛାତ୍ରୀଛାତ୍ରମାନଙ୍କ ହାତରେ ବାନ୍ଧିଥିଲେ। ଏଚ୍ଆଇଭି ସଂକ୍ରମଣଠାରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବା ସହ ଲୋକମାନଙ୍କୁ ସଚେତନ କରାଇବା ପାଇଁ ଶପଥ ନେଇଥିଲେ । ଏହି କାର୍ଯ୍ୟକ୍ରମକୁ ନୂଆଗାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବିଜୟ କୁମାର ସାହୁ ଉଦଘାଟନ କରିଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ନାୟକ, ସତ୍ୟସ୍ୱାଗତ ସାହୁ , ଦିଲୀପ କୁମାର ସାହୁ, ପ୍ରଦୀପ କୁମାର ଖଣ୍ଡୁଆଳ, ଅଧ୍ୟାପିକା ବିଷ୍ଣୁପ୍ରିୟା ପାଲ, ଲିଜା ରାଣୀ ସାହୁ, ଅମ୍ରିତା ପ୍ରିୟଦର୍ଶିନୀ ପ୍ରଧାନ, ପଦ୍ମିନୀ ରାଉତଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ ।

# ବିଦ୍ୟାର୍ଥୀଙ୍କୁ ୨ ଶହ ଚାରା ବଣ୍ଟନ

**ଗାୟତ୍ରୀ ବିଦ୍ୟାମନ୍ଦିର, ମଶାବାରୀ**

**ଓଡ଼ଗାଁ, ୮।୮ (ଆଦର୍ଶ କୁମାର ପଟ୍ଟନାୟକ)**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପନ୍ତିଖାରୀ ପଞ୍ଚାୟତ ମଶାବାରୀ ଗାୟତ୍ରୀ ବିଦ୍ୟାମନ୍ଦିରେ ଅନୁଷ୍ଠିତ 'ମୋ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ମାଧ୍ୟମରେ ବିଦ୍ୟାମନ୍ଦିରର ୨ଶହ ବିଦ୍ୟାର୍ଥୀଙ୍କୁ ଆତ, ଆମ୍ବ, ପଣସ, ପିଜୁଳି, ହରିଡା ଚାରା ବଣ୍ଟନ କରାଯାଇଥିଲା। ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସଭାପତି ଅଶୋକ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୃକ୍ଷ ହିଁ ଜୀବର ବନ୍ଧୁ ଆଲୋଚନାରେ ଓଡ଼ଗାଁ ବନାଞ୍ଚଳ ଓଡ଼ଗାଁ ସେକ୍ସନ ବନପାଳ ସରିତା ବରାଳ କାର୍ଯ୍ୟକ୍ରମରେ ଯୋଗଦେଇ ମାନବ ସହିତ ସମସ୍ତ ପ୍ରାଣୀ ଜଗତ ପ୍ରତି ଗଛର ଅବଦାନ ସମ୍ପର୍କରେ କହିଥିଲେ। ବର୍ଷା ପ୍ରିୟଦର୍ଶିନୀ ଏବଂ ଲକ୍ଷ୍ମୀପ୍ରିୟା ମହାପାତ୍ରଙ୍କ ମୋ ପାଇଁ ଗଛଟିଏ ବିଷୟ ଭିତ୍ତିକ ଉପସ୍ଥାପନା ଏବଂ ଦଳଗତ ନୃତ୍ୟ ପରିବେଷଣ ବେଶ୍ ଆକର୍ଷଣୀୟ ହୋଇଥିଲା। ପ୍ରତ୍ୟେକ ଶିଶୁ ସେମାନଙ୍କ ବାପା, ବୋଉ ଜେଜେବାପା, ଜେଜେମାଙ୍କୁ ସାଙ୍ଗରେ ଧରି ଗଛ ଲଗାଇବେ ଏବଂ ସେମାନଙ୍କ ସହିତ ଲାଗାଉଥିବା ଚାରାର ଫଟୋ ଉଠାଇ ବିଦ୍ୟାମନ୍ଦିର ଗ୍ରୁପରେ ଛାଡ଼ିବା ପାଇଁ ବିଦ୍ୟାମନ୍ଦିର ଅଧ୍ୟକ୍ଷ ବୀରେନ୍ଦ୍ର ସାହୁ ଛାତ୍ରୀଛାତ୍ରମାନଙ୍କୁ କହିଥିଲେ। ଭେଙ୍କଟସ୍ୱାମୀ ପାଣିଗ୍ରାହୀ, ନାରାୟଣ ପ୍ରଧାନ, ଦିବ୍ୟ ଲୋଚନ ପଣ୍ଡା, ଅମିତା ଦାଶ, ପ୍ରଭାତୀ ତ୍ରିପାଠୀ, ସଞ୍ଜୁଲତା ମିଶ୍ର, ସସ୍ମିତା ପାଣିଗ୍ରାହୀ, ସନ୍ତୋଷିନୀ ସାହୁ, ପ୍ରଭାତୀ ଖଣ୍ଡା, ଝରଣା ସେଠୀ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକ ଏବଂ ସମସ୍ତ ବନ କର୍ମଚାରୀ ସହଯୋଗ କରିଥିଲେ।

# ଲାଗିଲା ସୌରଚାଳିତ ହାଇମାଷ୍ଟ ଲାଇଟ୍

**ଦଶପଲ୍ଲା, ୮।୮ (ପ୍ରକାଶ କୁମାର ପାଣି)**

କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀଙ୍କ ସାଂସଦ ପାଣ୍ଠିରୁ ଦଶପଲ୍ଲା ବ୍ଲକ ବିଭିନ୍ନ ପଞ୍ଚାୟତ, ଗ୍ରାମ, ମନ୍ଦିର ଜନଗହଳି ସ୍ଥାନରେ ସୌର ଚାଳିତ ହାଇମାଷ୍ଟ ଲାଇଟ ଲଗାଯାଇଛି। ନୂଆଗାଁ ପଞ୍ଚାୟତର ନୂଆଗାଁ ଦଣ୍ଡକାଳୀ ମେରୁଦଣ୍ଡ ପର୍ବ ଚାଲୁଥିବା ଦାଣ୍ଡରେ, କଳସା ଖମଣ ପଞ୍ଚାୟତର କାଳମ୍ବା ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ, ଦୁଡ଼ା ପଞ୍ଚାୟତର ଦୁଡ଼ା ଦାଣ୍ଡରେ, ତୁମାଣ୍ଡି ପଞ୍ଚାୟତର ଦଣ୍ଡକାଳୀ ମଝି ଦାଣ୍ଡରେ, ଶିମିଳିସାହି ପଞ୍ଚାୟତର ହନୁମାନ ବାଟିକା ଶିମିଳିସାହିଠାରେ, ଘୁଗୁଡ଼ି ପଡା ପଞ୍ଚାୟତର ଶିବମନ୍ଦିର ଘୁଗୁଡ଼ିପଡାଠାରେ, ମାଧାଖଣ୍ଡ ପଞ୍ଚାୟତର ବିରୁପାକ୍ଷ ମନ୍ଦିର ଓ ସ୍ୱପ୍ନେଶ୍ୱର ମନ୍ଦିର ନିକଟରେ ଏବଂ ଘୋଳାହାଣ୍ଡି ପଞ୍ଚାୟତର ଭଣ୍ଡାରୀ ସାହିଠାରେ ଲଗାଯାଇଛି। ସାଂସଦଙ୍କୁ ଉକ୍ତ ପଞ୍ଚାୟତର ଶରତ ଚନ୍ଦ୍ର ନାୟକ, ପୂର୍ଣ୍ଣ ଚନ୍ଦ୍ର ନାୟକ, ବିଶକେଶନ ଯାନୀ, ରାଧାମୋହନ ଭୁକ୍ତା, ଲୋଚନ ଯାନୀ, ଉଦୟ ଅମାନ୍ତ, ନାରାୟଣ ଦଳବେହେରା, ଅନିରୁଦ୍ଧ ସାହୁ, ଅଲେଖ ନାୟକ, ଚିତ୍ତରଞ୍ଜନ ମିଶ୍ର, ଚନ୍ଦନ ରାଉତ, ବିଟନ ଦଳାଇ, ଦିଲୀପ ନାୟକ, ଭାଗ୍ୟଲକ୍ଷ୍ମୀ ଦାସ, ସଞ୍ଜୟ କୁମାର ପଟ୍ଟନାୟକ, ସରପଞ୍ଚ ଶିମିଳିସାହି ପଞ୍ଚାୟତ, ବାପୁଜୀ ସାହୁ ସମିତିସଭ୍ୟ ପୋଖରୀ ଗୋଛା ପଞ୍ଚାୟତ, ଅଞ୍ଜନ ଦାସ ଦଶପଲ୍ଲା ସାଂସଦ ଏନ୍‌ଏସି ପ୍ରତିନିଧି, କିଶୋର ଚନ୍ଦ୍ର ଦଳବେହେରା, ବ୍ଲକ ପ୍ରତିନିଧି ଦଶପଲ୍ଲା ବ୍ଲକ କୃତଜ୍ଞତା ଜଣାଇବା ସହ ଧନ୍ୟବାଦ ଜଣାଇଛନ୍ତି।

# ନିଆଁ, ପାଣି ଦୁର୍ଘଟଣାରୁ ରକ୍ଷା ପାଇବାକୁ ପିଲାଙ୍କୁ ପ୍ରଶିକ୍ଷଣ



ଅଗ୍ନିଶମ କର୍ମଚାରୀମାନେ ନିଆଁଲିଭା କୌଶଳ ଶିଖାଉଛନ୍ତି।

**ନୟାଗଡ, ୮।୮ (ଲୋକନାଥ ମିଶ୍ର)**

ନୟାଗଡ଼ ଜିଲା ଭାପୁର ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଅଗ୍ନିଶମ ବିଭାଗ ପକ୍ଷରୁ ଛାତ୍ରୀଛାତ୍ରମାନଙ୍କୁ ନିଆଁ, ପାଣି, ଦୁର୍ଘଟଣାରୁ ରକ୍ଷା ପାଇବା ପାଇଁ ସଚେତନତା ସୃଷ୍ଟି ସହ ପ୍ରଶିକ୍ଷଣ ଦିଆଯାଇଛି। ଶୁକ୍ରବାର ଭାପୁର ଅଗ୍ନିଶମ ବିଭାଗର ଅଧିକାରୀ ନୀଳକଣ୍ଠ ମହାନ୍ତିଙ୍କ ନିର୍ଦ୍ଦେଶରେ ବିଜିପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନଙ୍କୁ ନିଆଁରୁ ରକ୍ଷା ପାଇବାର ଉପାୟ, ଗ୍ୟାସ ଟାଙ୍କିରେ ନିଆଁ ଲାଗିଲେ ଭୟଭୀତ ନ ହୋଇ କିପରି ଲିଭାଇବାର ବ୍ୟବସ୍ଥା, ଛାତ୍ରୀଛାତ୍ର ଅସୁସ୍ଥ ହୋଇ ଶୋଇ ପଡ଼ିଲେ କିପରି ମେଡିକାଲରେ ନେଇ ପହଞ୍ଚ ହେବ ସେନେଇ ଝଲକ ଦେଖାଇଥିଲେ। ପୁଣି ପାଣିରେ ବୁଡ଼ି ଗଲେ କିପରି ଜଣେ ଅନ୍ୟ ଜଣଙ୍କୁ ଉଦ୍ଧାର କରି ପାରିବ ସେ ନେଇ ପ୍ରଶିକ୍ଷଣ ଦେବା ସହ ଛାତ୍ରୀଛାତ୍ରମାନଙ୍କୁ ଅଗ୍ନିଶମ ବିଭାଗର କର୍ମଚାରୀମାନେ ବିଭିନ୍ନ କୌଶଳ କରି ଦେଖାଇ ଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋସ୍ନାରାଣୀ ସାହୁ, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ, ଆଶାକର୍ମୀ ଓ ବିଦ୍ୟାଳୟର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହିଥିଲେ। ପରେ ବିଜିପୁର ରାମଚନ୍ଦ୍ର ହାଇସ୍କୁଲରେ ଛାତ୍ରୀଛାତ୍ରମାନଙ୍କୁ ସଚେତନତା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ପଣ୍ଡା, ଶିକ୍ଷକ ନାଗାର୍ଜୁନ ବେହେରା, ଶ୍ରଦ୍ଧାଞ୍ଜଳି ବଳିୟାର ସିଂ, ଜିତେନ କୁମାର ରାଉତ, ଓମ୍ ପ୍ରକାଶ ଦାସ ପ୍ରମୁଖ ଉପସ୍ଥିତ ରହିଥିଲେ।

## ନୀଳମାଧବ କଲେଜରେ ଲାଗିଲା ଆକ୍ୱାଗାର୍ଡ

**ଖଣ୍ଡପଡ଼ା, ୮।୮ (ଅଜୟ କୁମାର ମହାରଣା):** କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଲାଗି ପାନୀୟ ଜଳ ଉପଲବ୍ଧ ନ ଥିଲା। ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ପକ୍ଷରୁ ମହାନଦୀରୁ ଯୋଗାଇ ଦିଆଯାଇଥିବା ଜଳ ପାନୀୟ ଉପଯୋଗୀ ହେଉ ନ ଥିବାବେଳେ ନିୟମିତ ଭାବରେ ଆସୁ ନ ଥିବାରୁ ପିଲାମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପୂର୍ବରୁ ଥିବା ୨ଟି ବଡ ଆକ୍ୱାଗାର୍ଡ ଯଥେଷ୍ଟ ହେଉ ନ ଥିବାରୁ ପିଲାମାନଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଖଣ୍ଡପଡ଼ା ପଠାଣି ସାମନ୍ତ ନାଗରିକ ଫୋରମ୍ ସଭାପତି ଅଖିଳ କୁମାର ମହାରଣା ଏକ ନୂଆ ଆକ୍ୱା ଗାର୍ଡ କଲେଜକୁ ଯୋଗାଇ ଦେଇଥିଲେ। ଏହାକୁ ବୁଧବାର ଅଧ୍ୟକ୍ଷା ଡ଼. ନନ୍ଦିତା ବାରିକ ଓ ସହକର୍ମୀ ଅଧାପକଙ୍କ ଉପସ୍ଥିତି ଏବଂ କଣ୍ଟିଲୋ ମଣ୍ଡଳ ଭାଜପା ସଭାପତି ଟିଟନ ସାହୁଙ୍କ ଉପସ୍ଥିତିରେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ପିଲାଙ୍କ ଅସୁବିଧାକୁ ଗୁରୁତ୍ୱ ଦେଇ ଏପରି ସମୟରେ ମହାରଣା ଆକ୍ୱା ଗାର୍ଡ ଦେଇଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଥିଲେ।

No.XXIII-02

# ଓଡ଼ିଶା ସରକାର
# ଜିଲ୍ଲା କାର୍ଯ୍ୟାଳୟ, ଝାରସୁଗୁଡ଼ା

## ଭୂ–ଅର୍ଜନ ବିଭାଗ

**L.A.-2025-10902 L.A. Date-14.07.2025**

## ଅଧିସୂଚନା

ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାରେ M/s. Odisha Power Generation Corporation Ltd. (OPGC) ଦ୍ୱାରା 2x210 MW Thermal Power Plantର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱରଙ୍କ ଜରିଆରେ ମୌଜା–କୁମ୍ଭାରବନ୍ଧ, ଥାନା–ରେଙ୍ଗାଲି, ତହସିଲ–ଲଖନପୁର, ଜିଲ୍ଲା–ଝାରସୁଗୁଡାରେ ନିମ୍ନ ତଫସିଲମତେ ପ୍ରାୟ ଏ.୯.୨୦୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି । ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR&R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଙ୍କ ଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି । ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ର ୧୧ (୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ । ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚୀତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ –M/s Odisha Power Generation Corporation Ltd. ର ପାଉଁଶ ପୋଖରୀ ସଂପ୍ରସାରଣ ନିମନ୍ତେ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଜମି ଅଧିକାରୀ ଇଡ୍‌କୋ (IDCO), ଭୁବନେଶ୍ୱର ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ବିସ୍ଥାପିତ ହେଉନାହାନ୍ତି ।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ସଂଲଗ୍ନ କରାଗଲା ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ପ୍ରକଳ୍ପ ନିର୍ଦ୍ଦେଶକ, ପୁନର୍ବାସ ଓ ଥଇଥାନ ବିଭାଗ, ଝାରସୁଗୁଡା ।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|
| ଝାରସୁଗୁଡା | ଝାରସୁଗୁଡା | କୁମ୍ଭାରବନ୍ଧ | ଗ୍ରାମାଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏକର ୧୦.୩୯୦ | ଏକର ୯.୨୦୫ | ଏଥିସହିତ ସଂଲଗ୍ନ କରାଗଲା |

ଉକ୍ତ ଅଧିସୂଚୀତ ଜମି ରକବା ମଧ୍ୟରୁ........ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

ଉକ୍ତ ଭୂମିର ଏକ ନକ୍ସା ଭୂ–ଅର୍ଜନ ଅଧିକାରୀ, ଝାରସୁଗୁଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଝାରସୁଗୁଡା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅବୋଲୀ ସୁନୀଲ ନରୱାଣେ
ଜିଲ୍ଲାପାଳ, ଝାରସୁଗୁଡ଼ା

**LAND SCHEDULE (PRIVATE) OF OPGC ASH POND, VILLAGE-KUMBHARBANDH, PS-LAKHANPUR, TAHASIL-LAKHANPUR, DIST- JHARSUGUDA**

| Sl. No. | Khata No. | Recorded Tenant | Kisam | Total Area in Ac. | Proposed Area to be acquired (in Ac.) | Remarks |
|---|---|---|---|---|---|---|
| 1 | 71 | ପ୍ରଦୀପ କୁମାର ପୂଜାରୀ, ପି:ରମଣୀ ପୂଜାରୀ, ଜା:ବ୍ରାହ୍ମଣ, ବା:ନିଜଗାଁ | ପତିତ | 1.190 | 0.92 | |
| | 71 | | ମାଳ ସାଧାରଣ | 2.800 | 2.80 | |
| 2 | 52 | ଉମେଶ ଭୋଇ, ପି:ଧନୀସୌଦାଗର ଭୋଇ, କୁମୋଦିନୀ ଭୋଇ, ସ୍ୱା:ଧନୀସୌଦାଗର ଭୋଇ, ଜା:ଗଣ୍ଡ, ବା:ନିଜଗାଁ | ଆଟ ସାଧାରଣ | 0.900 | 0.558 | |
| 3 | 165 | ବ୍ରହ୍ମା ଭୋଏ, ପି:ବେଣୁ ଭୋଏ, ଜା:ସହରା, ବା:ନିଜଗାଁ | ଆଟ ସାଧାରଣ | 0.960 | 0.669 | |
| 4 | 233 | ରବିରତ୍ନ ପାଟଯୋଷୀ, ଗଣ୍ଡା ପାଟଯୋଷୀ, ପିତା ନରସିଂହ ପାଟଯୋଷୀ, ଓଁପ୍ରକାଶ ପାଟଯୋଷୀ, ବିଷ୍ଣୁପ୍ରକାଶ ପାଟଯୋଷୀ, ଅନାମିକା ପଣ୍ଡା, ପିତା ଦାମୋଦର ପାଟଯୋଷୀ, ଅହଲ୍ୟା ପାଟଯୋଷୀ, ସ୍ୱାମୀ ଦାମୋଦର ପାଟଯୋଷୀ, ଅନ୍ନପୂର୍ଣ୍ଣା ପାଟଯୋଷୀ, ସ୍ୱାମୀ ପରମେଶ୍ୱର ପାଟଯୋଷୀ, ଗୌରହରି ପାଟଯୋଷୀ, ବାସସ୍ଥାନ ନିଜଗାଁ ସରୋଜିନୀ ପଣ୍ଡା ବାସସ୍ଥାନ ବିଲେଇଗଡ, ଥାନା ସାରଙ୍ଗଗଡ ଜିଲ୍ଲା ରାୟଗଡ (ମଧ୍ୟପ୍ରଦେଶ) ତପସ୍ୱିନୀ ହୋତା ବାସସ୍ଥାନ ସମ୍ବଲପୁର ଟାଉନ ପିତା ଲବଣି ପାଟଯୋଷୀ, ମଧୁସୂଦନ ପାଟଯୋଷୀ, ଭବାନୀ ପାଟଯୋଷୀ, ପିତା ରୁଦ୍ର ପାଟଯୋଷୀ, କିଶୋର ପାଟଯୋଷୀ, ପିତା ସଚ୍ଚି ପାଟଯୋଷୀ, ସୁରୁବୁଲ ପାଟଯୋଷୀ, ସ୍ୱାମୀ ସଚ୍ଚି ପାଟଯୋଷୀ, ସତ୍ୟଭାମା ପାଟଯୋଷୀ, ସ୍ୱାମୀ ଗଙ୍ଗାଧର ପାଟଯୋଷୀ, ପୂର୍ଣ୍ଣଚନ୍ଦ୍ର ପାଟଯୋଷୀ, ରାମଚନ୍ଦ୍ର ପାଟଯୋଷୀ, ପିତା ସତ୍ୟବାଦୀ ପାଟଯୋଷୀ, ରାମନାରାୟଣ ପାଟଯୋଷୀ, ପିତା ଭାଗିରଥୀ ପାଟଯୋଷୀ, ବାଞ୍ଛାବଟ ପାଟଯୋଷୀ, କଳ୍ପବଟ ପାଟଯୋଷୀ, ପିତା ଦିନବନ୍ଧୁ ପାଟଯୋଷୀ, ବିଷ୍ଣୁପ୍ରିୟା ପାଟଯୋଷୀ, ସ୍ୱାମୀ ଦିନବନ୍ଧୁ ପାଟଯୋଷୀ, ବାସସ୍ଥାନ ନିଜଗାଁ ଜାତି ବ୍ରାହ୍ମଣ ବା: | ମାଳ ସାଧାରଣ/6 | 0.320 | 0.320 | |
| | 233 | | ମାଳ ସାଧାରଣ/6 | 0.440 | 0.440 | |
| | 233 | | ପତିତ | 1.630 | 1.630 | |
| | 233 | | ଆଟ ସାଧାରଣ | 1.800 | 1.800 | |
| 5 | 254 | ଅରୁଣ କୁମାର ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ସୁରପ୍ରଭା ପଣ୍ଡା, ବିଦ୍ୟୁତପ୍ରଭା ପଣ୍ଡା, ମୈଥିଳି ପଣ୍ଡା, ପି ଶଙ୍କର ପ୍ରସାଦ ପଣ୍ଡା, ଦେବେନ୍ଦ୍ର ଦୀକ୍ଷିତ, ନରେନ୍ଦ୍ର ଦୀକ୍ଷିତ, ଧିରେନ୍ଦ୍ର ଦୀକ୍ଷିତ, ରେବତୀ ଦିକ୍ଷିତ, ରେଣୁବାଳା ଦିକ୍ଷିତ, ପି:ଭଗବାନ ଦୀକ୍ଷିତ, ଜା:ବ୍ରାହ୍ମଣ, ବା:ନିଜଗାଁ | ଆଟ ସାଧାରଣ | 0.350 | 0.068 | |
| | | | Total | 10.390 | 9.205 | |

Sd./- Amin L.A.Sec Jharsuguda | Sd./- Amin L.A.Sec Jharsuguda | Sd./- R.I. L.A.Sec Jharsuguda | Sd./- Asst. Collector L.A.Section Jharsuguda | Sd./- Land Acquisition Officer Jharsuguda

OIPR-24022/14/0006/2526

ଫର୍ମ ନଂ. ୩
[ବ୍ୟବସ୍ଥାପନ–୧୩ (୧) (କ) ଦେଖନ୍ତୁ]

**ଋଣ ଅସୁଲି ନ୍ୟାୟାଧିକରଣ କୋଲକାତା (ଡିଆର୍‌ଟି ୧)**

୯ମ ମହଲା, ଜୀବନ ସୁଧା ବିଲ୍ଡିଂ, ୪୨–ସି, ଜେ.ଏଲ୍. ନେହେରୁ ରୋଡ୍, କୋଲକାତା–୭୦୦୦୭୧

**ମାମଲା ନଂ.: ଓଏ/୫୦/୨୦୨୪**

**ଅଧିନିୟମର ଧାରା ୧୯ର ଉପ-ଧାରା (୪) ସହ ପଠନପୂର୍ବକ ଋଣ ଅସୁଲି ନ୍ୟାୟାଧିକରଣ (ପ୍ରକ୍ରିୟା) ନିୟମାବଳୀ, ୧୯୯୩ର ନିୟମ ୫ର ଉପ-ନିୟମ (୨ଏ) ଅଧୀନରେ ସମନ**

ଇଏକ୍ସଏଚ୍. ନଂ.: **୫୭୬୮**

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
**ବନାମ**
**ମେସର୍ସ ମେଟ୍ ଟେକ୍ନୋଲୋଜିସ୍ ପ୍ରା. ଲିଃ**

ପ୍ରାପ୍ତେଷୁ,
(୧) ମେସର୍ସ ମେଟ୍ ଟେକ୍ନୋଲୋଜିସ୍ ପ୍ରା. ଲିଃ, କାର୍ଯ୍ୟାଳୟ ସ୍ଥାନ: ଇକୋସ୍ପେସ୍ ଇଏସ୍ଏନ୍‌ଟି–୩ଏ୦୫୦୧ । ବ୍ଲକ୍–୩ଏ, ୫ମ ମହଲା, ପ୍ଲଟ୍ ନଂ. ଆଇଆଇଏଫ୍/୧୧, ଥାନା: ନ୍ୟୁ ଟାଉନ୍, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ–୭୦୦୧୬୦
(୨) ଶ୍ରୀ କୁନାଲ ଗୁପ୍ତା, ପିତା ଶ୍ରୀ କିଶୋର କୁମାର ଗୁପ୍ତା, ସ୍ଥାନ: ରୋଜଡେଲ ବିଲ୍ଡିଂ, ଫ୍ଲାଟ୍ ନଂ., ୧୮ଏଫ୍, ଟାୱାର ୩, ୧୮ତମ ମହଲା, ନ୍ୟୁ ଟାଉନ୍, ଥାନା: ନ୍ୟୁ ଟାଉନ୍, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ–୭୦୦୧୫୬
(୩) ଶ୍ରୀ କିଶୋର କୁମାର ଗୁପ୍ତା, ପିତା: ସ୍ୱର୍ଗତ ଉମା ଶଙ୍କର ଗୁପ୍ତା, ସ୍ଥାନ: ଆଠଘର ଝାଓତାଲା, ପୂର୍ବାଞ୍ଚଳ ହାତିଆରା, ଥାନା: ହାତିଆରା, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ–୭୦୦୧୫୭
(୪) ଶ୍ରୀମତୀ ନନ୍ଦିନୀ ଭରଦ୍ୱାଜ ନାନକୁନ୍ଦାସ୍ୱାମୀ, ସ୍ୱାମୀ: ଶ୍ରୀ କୁନାଲ ଗୁପ୍ତା, ସ୍ଥାନ: ରୋଜଡେଲ ବିଲ୍ଡିଂ, ଫ୍ଲାଟ୍ ନଂ. ୧୮ଏଫ୍, ଟାୱାର ୩, ୧୮ତମ ମହଲା, ନ୍ୟୁ ଟାଉନ୍, ଥାନା: ନ୍ୟୁ ଟାଉନ୍, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ–୭୦୦୧୫୬
(୫) ମେସର୍ସ ଫେନିସିଆ ହସ୍ପିଟାଲିଟି ସର୍ଭିସେସ୍ ପ୍ରା. ଲିଃ, କାର୍ଯ୍ୟାଳୟ ସ୍ଥାନ: ଆର୍‌ଜିଏମ୍ ୧୩/୧୨/୧୪ ହାତିଆରା, ବ୍ଲକ୍ ବି ଆଠଘର, ଥାନା: ହାତିଆରା, ଉତ୍ତର ଚବିଶ ପ୍ରଗଣା, ପଶ୍ଚିମବଙ୍ଗ–୭୦୦୧୫୭
(୬) ମେସର୍ସ ମେ'ଫେୟାର୍ ହୋଟେଲ ଆଣ୍ଡ ରିସର୍ଟସ୍ (ଗୋଆ) ପ୍ରା. ଲିଃ, କାର୍ଯ୍ୟାଳୟ ସ୍ଥାନ: ୮ବି, ଜୟଦେବ ବିହାର, ଭୁବନେଶ୍ୱର, ଖୋର୍ଦ୍ଧା, ଥାନା: ଖୋର୍ଦ୍ଧା, ଭୁବନେଶ୍ୱର, ଓଡ଼ିଶା–୭୫୧୦୧୩

**ସମନ**

**ଯେହେତୁ,** ଓଏ/୫୦/୨୦୨୪ ମାନ୍ୟବର ପୀଠାସୀନ ଅଧିକାରୀଙ୍କ ରେଜିଷ୍ଟରରେ ତା୧୫।୦୫।୨୦୨୫ରିଖ ଦିନ ତାଲିକାଭୁକ୍ତ ହୋଇଥିଲା ।

**ଯେହେତୁ,** ଏହି ମାନ୍ୟବର ନ୍ୟାୟାଧିକରଣ **ଟ.୩୨୨୮୦୯୮୪୬/-** ର ଋଣ ଅସୁଲ ନିମନ୍ତେ ଅଧିନିୟମର ଧାରା ୧୯(୪), (ଓଏ) ଅଧୀନରେ ଆପଣଙ୍କ ବିରୁଦ୍ଧରେ ଦାଏର କରାଯାଇଥିବା ଆବେଦନ ଉପରେ ସହର୍ଷେ ସମନ୍/ନୋଟିସ ଜାରି କରିଛନ୍ତି (ଆବେଦନ ସମେତ ଦସ୍ତାବିଜଗୁଡ଼ିକର ନକଲ ସଂଲଗ୍ନ) ।

ଅଧିନିୟମର ଧାରା ୧୯ର ଉପ–ଧାରା (୪) ଅନୁଯାୟୀ, ପ୍ରତିବାଦୀମାନଙ୍କୁ ନିମ୍ନ ଅନୁଯାୟୀ ନିର୍ଦ୍ଦେଶ ଦିଆଯାଉଛି:

(i) ପ୍ରାର୍ଥନା କରାଯାଇଥିବା ଉପଶମ କାହିଁକି ମଞ୍ଜୁର କରାଯିବ ନାହିଁ ତାହାର କାରଣକୁ ନୋଟିସ ଜାରି ହେବାର ତିରିଶ ଦିନ ମଧ୍ୟରେ ଦର୍ଶାଇବା ପାଇଁ ।

(ii) ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ଆବେଦନକାରୀଙ୍କ ଦ୍ୱାରା ବିନିର୍ଦ୍ଦିଷ୍ଟ ସମ୍ପତ୍ତି ଏବଂ ପରିସମ୍ପତ୍ତି ବ୍ୟତୀତ ଅନ୍ୟାନ୍ୟ ସମ୍ପତ୍ତି କିମ୍ବା ପରିସମ୍ପତ୍ତିର ସବିଶେଷ ବିବରଣୀ ପ୍ରକାଶ କରିବା ପାଇଁ ।

(iii) ସମ୍ପତ୍ତିଗୁଡ଼ିକୁ ଜବତ କରିବା ପାଇଁ ଆବେଦନର ଶୁଣାଣି ଓ ଫଇସଲା ବାକି ରହିଥିବା ଅବଧିରେ ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ପ୍ରକାଶିତ ବନ୍ଧକ ପରିସମ୍ପତ୍ତି କିମ୍ବା ଏପରି କୌଣସି ପରିସମ୍ପତ୍ତି ଅଥବା ସମ୍ପତ୍ତିଗୁଡ଼ିକ ସହିତ କାରବାର କରିବା କିମ୍ବା ସେଗୁଡ଼ିକୁ ବିକ୍ରୟ କରିବାରୁ ଆପଣଙ୍କ ଉପରେ କଟକଣା ଲାଗୁ କରାଯାଉଛି ।

(iv) ନ୍ୟାୟାଧିକରଣଙ୍କ ପୂର୍ବ ଅନୁମତି ବିନା ଯେଉଁ ପରିସମ୍ପତ୍ତିଗୁଡ଼ିକ ଉପରେ ସୁରକ୍ଷା ସ୍ୱାର୍ଥ ସୃଷ୍ଟି କରାଯାଇଛି ଏବଂ/କିମ୍ବା ମୂଳ ଆବେଦନର କ୍ରମିକ ସଂଖ୍ୟା ୩ଏ ଅଧୀନରେ ବିନିର୍ଦ୍ଦିଷ୍ଟ କିମ୍ବା ପ୍ରକାଶିତ ହୋଇଥିବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତିରେ ସ୍ୱାଭାବିକ ବ୍ୟବସାୟ ବ୍ୟତୀତ ଆପଣ ବିକ୍ରୟ, ଲିଜ୍ କିମ୍ବା ଅନ୍ୟ କୌଣସି ଉପାୟରେ ସେଗୁଡ଼ିକୁ ହସ୍ତାନ୍ତର କରିବେ ନାହିଁ ।

(v) ସ୍ୱାଭାବିକ ବ୍ୟବସାୟ ଧାରାରେ ସୁରକ୍ଷିତ ପରିସମ୍ପତ୍ତି କିମ୍ବା ଅନ୍ୟାନ୍ୟ ପରିସମ୍ପତ୍ତି ଓ ସମ୍ପତ୍ତିଗୁଡ଼ିକର ବିକ୍ରୟ ଦ୍ୱାରା ପ୍ରାପ୍ତ ହୋଇଥିବା ଅର୍ଥରାଶି ପାଇଁ ଆପଣ ଉତ୍ତରଦାୟୀ ରହିବେ ଏବଂ ଆପଣ ଏପରି ବିକ୍ରୟ ଲବ୍ଧରାଶିକୁ ଏପରି ପରିସମ୍ପତ୍ତି ଉପରେ ସୁରକ୍ଷା ସ୍ୱାର୍ଥ ଧାରଣ କରିଥିବା ବ୍ୟାଙ୍କ ଅଥବା ଆର୍ଥିକ ଅନୁଷ୍ଠାନରେ ରକ୍ଷଣାବେକ୍ଷଣ କରାଯାଉଥିବା ଖାତାରେ ଜମା କରିବେ ।

ଆପଣଙ୍କୁ ଲିଖିତ ବୟାନ ଦାଏର କରିବା ଓ ତାହାର ଏକ ନକଲ ଆବେଦନକାରୀଙ୍କୁ ପଠାଇବା ତଥା ତା୨୫।୦୮।୨୦୨୫ରିଖ ପୂର୍ବାହ୍ନ ୧୦.୩୦ ଘଟିକା ପୂର୍ବରୁ ନିବନ୍ଧକଙ୍କ ସମ୍ମୁଖରେ ହାଜର ହେବା ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଉଛି, ଯେଉଁଥିରେ ବିଫଳ ହେଲେ ଆବେଦନକୁ ଆପଣଙ୍କ ଅନୁପସ୍ଥିତିରେ ଶୁଣାଣି ଓ ବିଚାର କରାଯିବ ।

ମୋର ସ୍ୱାକ୍ଷର ଏବଂ ଏହି ନ୍ୟାୟାଧିକରଣଙ୍କ ସହିମୋହର ସହ ଏହି ତାରିଖରେ ପ୍ରଦତ୍ତ: ୩୦।୦୫।୨୦୨୫

ସ୍ୱା./-
ନିବନ୍ଧକ
ଋଣ ଅସୁଲି ନ୍ୟାୟାଧିକରଣ ନଂ.୧, କୋଲ୍‌କାତା

यूनियन बैंक ऑफ़ इंडिया Union Bank of India
भारत सरकार का उपक्रम A Government of India Undertaking

**ପୋର୍ଟ ମାର୍କେଟ ପାରାଦୀପ ଶାଖା**
ବ୍ୟାଙ୍କ ଷ୍ଟ୍ରିଟ୍, ପାରାଦୀପ,
ଜଗତ୍‌ସିଂହପୁର, ଓଡିଶା–୭୫୪୧୪୨
ଇମେଲ୍ : ubin0548065@unionbankofindia.bank

**ବିକ୍ରୟ ନୋଟିସ୍**
**(୩୦ ଦିନିଆ ନୋଟିସ୍)**
{ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୬(୨)/୮(୬)}

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତାମାନଙ୍କ ନିମନ୍ତେ ଏହା ଏକ ବିକ୍ରୟ ନୋଟିସ୍ ଅଟେ)

| ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ୩୦ ଦିନିଆ ନୋଟିସ୍ ତାରିଖ |
|---|---|---|
| ଋଣଗ୍ରହୀତାମାନେ: ୧) ଶ୍ରୀ କିଶୋର ପ୍ରଧାନ, ପିତା: ଶ୍ରୀ ସୁଦର୍ଶନ ପ୍ରଧାନ, ସା: ସିକୁ, ପୋ: ଝିମାଣୀ, ଥାନା: ପାରାଦୀପ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା–୭୫୪୧୪୧, ୨) ଶ୍ରୀ ଅଶୋକ କୁମାର ପାତ୍ର, ପିତା: ଶ୍ରୀ ଗୋପାଳ ପାତ୍ର, ସା: ଝିମାଣୀ, ବଗଦିଆ, ଥାନା: ପାରାଦୀପ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା–୭୫୪୧୪୧ | ଶ୍ରୀ କିଶୋର ପ୍ରଧାନ, ପିତା: ଶ୍ରୀ ସୁଦର୍ଶନ ପ୍ରଧାନଙ୍କ ନାମରେ ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୫୯୧, ମ୍ୟୁଟେସନ୍ ଖାତା ନଂ.: ୪୫, ତହସିଲ ନଂ.: ୨୦୫, ଥାନା ନଂ.: ୨୫୦, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ମୌଜା: ସିକୁ, ଏସ୍ଆର୍‌ଓ: କୁଜଙ୍ଗ, ଜିଲ୍ଲା: ଜଗତ୍‌ସିଂହପୁର, ଓଡିଶା | ୧୨.୦୭.୨୦୧୯ / ୧୮.୦୭.୨୦୨୩ / ୧୮.୦୬.୨୦୨୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପର ଦର୍ଶିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ସମ୍ପତ୍ତି ବିକ୍ରୟ ।**

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପୋର୍ଟ ମାର୍କେଟ ପାରାଦୀପ ଶାଖା ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ବକେୟା ଦେୟ ପଇଠ କରିବା ନିମନ୍ତେ ଆପଣଙ୍କୁ **ତା.୧୨.୦୭.୨୦୧୯ରିଖରେ** ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। ଯେହେତୁ କଥିତ ନୋଟିସ୍ ଅନୁଯାୟୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଆପଣ ବକେୟା ଦେୟ ପଇଠ କରିବାରେ ବିଫଳ ହେଲେ, ତେଣୁ ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ର ରୁଲ୍ ୮ ଅନୁଯାୟୀ କ୍ଷମତାପ୍ରାପ୍ତ ଅଧିକାରୀ **ତା.୧୮.୦୭.୨୦୨୩ରିଖରେ** ସମ୍ପତ୍ତିକୁ ଦଖଲ ନେଇଛନ୍ତି। ସମ୍ପତ୍ତିକୁ ଦଖଲ ନେବା ପରେ ମଧ୍ୟ ଆପଣ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟ ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ପ୍ରାପ୍ତିର **୩୦ ଦିନ** ଅତିକ୍ରମ ପରେ ଅନ୍‌ଲାଇନ୍ ପଦ୍ଧତିରେ ସର୍ବସାଧାରଣ ଇ-ନିଲାମ ମାଧ୍ୟମରେ ଉପର ଦର୍ଶିତ ସମ୍ପତ୍ତିକୁ ବିକ୍ରୟ କରିବା ଆବଶ୍ୟକ ହୋଇପଡ଼ିଛି। ଇ-ନିଲାମର ତାରିଖ ଓ ସମୟ ସହିତ ସମ୍ପତ୍ତିର ସଂରକ୍ଷିତ ମୂଲ୍ୟ ଏବଂ ସେବା ପ୍ରଦାନକାରୀଙ୍କ ସବିଶେଷ ବିବରଣୀ ଯାହାଙ୍କ ଦ୍ୱାରା ଇ-ନିଲାମ ପରିଚାଳନା କରାଯିବ ତାହା ଆପଣଙ୍କୁ ପୃଥକ୍ ଭାବେ ଜଣାଇ ଦିଆଯିବ। ତେଣୁ, ବିକ୍ରୟ ବିଜ୍ଞପ୍ତିର ପ୍ରକାଶନ ତାରିଖ ପୂର୍ବରୁ ଯଦି ଆପଣ ବକେୟା ଦେୟ ସହିତ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଓ ଦେୟ ବ୍ୟାଙ୍କକୁ ପଇଠ କରନ୍ତି, ତେବେ ଆପଣଙ୍କ ସମ୍ପତ୍ତି ବିକ୍ରୟ ନିମିତ୍ତ କୌଣସି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ଏବଂ କଥିତ ଆକ୍ଟର ଧାରା ୧୩ (୮) ଅନୁଯାୟୀ ଆପଣ ଆପଣଙ୍କ ସମ୍ପତ୍ତିକୁ ବନ୍ଧକମୁକ୍ତ କରିପାରିବେ।

**ସ୍ଥାନ: ପାରାଦୀପ, ତାରିଖ: ୦୮.୦୮.୨୦୨୫** — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ

**ସାପ କାମୁଡ଼ାରେ ମହିଳା ମୃତ**

ରସୁଲପୁର,(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ସୁଆଁସାହି ଗ୍ରାମର ଗୀତାଞ୍ଜଳି ମଲ୍ଲିକ(୩୧) ନାମକ ଜଣେ ମହିଳାଙ୍କ ସାପକାମୁଡ଼ାରେ ମୃତ୍ୟୁ ଘଟିଛି। ବୁଧବାର ରାତିରେ ଗୀତାଞ୍ଜଳି ଘରେ ଶୋଇଥିଲେ। ତାଙ୍କ ଗୋଡ଼କୁ କଣ କାମୁଡ଼ି ଦେଇଥିବା ଅନୁଭବ କରିଥିଲେ। ସେ ଉଠି ତାଙ୍କ ବିଛଣା ପାଖରେ ଏକ ବିଷଧର ସାପକୁ ଦେଖିଥିଲେ। ସେ ସମ୍ପର୍କରେ ସେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ତାଙ୍କୁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ମହିଳାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହୋଇପଡ଼ିବାରୁ ତାଙ୍କୁ ଡାକ୍ତର କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରିବାକୁ ପରାମର୍ଶ ଦେଇଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

# ଶିଶୁ ଯତ୍ନ ଅନୁଷ୍ଠାନରେ ସୋନାଲିଙ୍କ ପୁଅ

## ବାପାଙ୍କୁ ନ୍ୟାୟ ପାଇଁ ଆତ୍ମହତ୍ୟା ଚେତାବନୀ ଦେଇଥିଲେ

ପୁରୀ/କୃଷ୍ଣପ୍ରସାଦ,୮।୮(ଅଜିତ୍ ମହାନ୍ତି/କୈଳାସ ଚନ୍ଦ୍ର ପଞ୍ଜୀୟାର)

ପୁଣି ଚର୍ଚ୍ଚାକୁ ଆସିଛି ଯାତ୍ରା ଅଭିନେତ୍ରୀ ସୋନାଲୀ ପଣ୍ଡା ଓରଫ କାଜଲ ପଲେଇ ଏବଂ ତାଙ୍କ ସ୍ୱାମୀ ଶ୍ରୀକ୍ଷେତ୍ରପ୍ରସାଦ ସାମନ୍ତସିଂହାର ଓରଫ ଜନ୍ଙ୍କ ବିବାଦ ପ୍ରସଙ୍ଗ। ଏହି ବିବାଦ ମଧ୍ୟରେ ସେମାନଙ୍କ ୧୨ବର୍ଷର ପୁଅ ଯଶରାଜ ସାମନ୍ତସିଂହାର ଆସିଯାଇଛନ୍ତି। ଯଶରାଜ ଗୁରୁବାର ପୁରୀ ଜିଲା କୃଷ୍ଣପ୍ରସାଦ ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ପୂର୍ବରୁ ବାପାଙ୍କୁ ଜେଲ ପଠାଇଲେ ସେ ଆତ୍ମହତ୍ୟା କରିବେ ବୋଲି ଯଶରାଜ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଯଶରାଜଙ୍କ ଭବିଷ୍ୟତ ବାଧାପ୍ରାପ୍ତ ହେବା ଆଶଙ୍କାରେ ତାଙ୍କୁ ପୋଲିସ ଆଣି ପୁରୀର ଶିଶୁଯତ୍ନ ଅନୁଷ୍ଠାନରେ ରଖିଛି। ଶୁକ୍ରବାର ତାଙ୍କୁ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ବେଞ୍ଚ ଏବଂ ଶିଶୁମଙ୍ଗଳ କମିଟିରେ ଉପସ୍ଥିତ କରାଯାଇଛି। ଶିଶୁ ମଙ୍ଗଳ କମିଟି ସଦସ୍ୟ ତାଙ୍କୁ କାଉନସେଲିଂ କରୁଛନ୍ତି। ତାଙ୍କ ମା' ବାପାଙ୍କୁ କାଉନସେଲିଂ କରିବା ପାଇଁ ପୋଲିସକୁ ଚିଠି ଲେଖାଯିବ। ଏପରିକି ପିଲାଟିର ଭବିଷ୍ୟତ ପାଇଁ ଏହି ମାମଲାକୁ ଫାମିଲି କୋର୍ଟକୁ ପଠାଯିବ ବୋଲି ଜଣାପଡ଼ିଛି।

# କୋରେଇ ସଂଗ୍ରାମ ସମିତିର ଗଣଧାରଣା ସ୍ଥଗିତ

ଯାଜପୁରରୋଡ଼,୮।୮(ପବିତ୍ର ରଞ୍ଜନ ମହାନ୍ତି)

ଯାଜପୁର ରୋଡ଼ଠାରେ ନିର୍ମାଣଧୀନ ଗଳିପୋଲ କାମରେ ବ୍ୟାପକ ଅନିୟମିତତା ପ୍ରତିବାଦରେ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଅଗଷ୍ଟ ୯ କ୍ରାନ୍ତି ଦିବସରେ ରେଳଷ୍ଟେସନ ସମ୍ମୁଖରେ ଗଣଧାରଣା ଦିଆଯିବ ବୋଲି ଘୋଷଣା କରାଯାଇଥିଲା। ଏ ସଂକ୍ରାନ୍ତରେ ରେଳବାଇ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଧାରଣା ଦେବା ପୂର୍ବରୁ ଶୁକ୍ରବାର ଅପରାହ୍ନରେ ଖୋର୍ଦ୍ଧା ଡିଭିଜନ (ନର୍ଥ) ପୂର୍ବତଟ ରେଳ ବରିଷ୍ଠ ପରିଚାଳକ ଓ ବରିଷ୍ଠ ଡିଭିଜନ ଯନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଖୋର୍ଦ୍ଧା ରେଳ ଡିଭିଜନର ବରିଷ୍ଠ ସେକ୍ସନ ଯନ୍ତ୍ରୀ କାର୍ଯ୍ୟସ୍ଥଳରେ ପହଞ୍ଚି କୋରେଇ ସଂଗ୍ରାମ ସମିତିର ପ୍ରତିନିଧିଙ୍କୁ ନେଇ ପରିଦର୍ଶନ ଓ ଅନିୟମିତତା କାର୍ଯ୍ୟକୁ ଅନୁଧ୍ୟାନ କରିଥିଲେ। ସମସ୍ତ ତ୍ରୁଟି ସୁଧାର କରିବା ସହିତ ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ଦୁର୍ନୀତିର ତଦନ୍ତ କରିବିଦ ବୋଲି ଏକ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ଇଣ୍ଟରକ୍ସ ରେଳ ବିଭାଗ ପକ୍ଷରୁ ବରିଷ୍ଠ ଯନ୍ତ୍ରୀ ଏ.ଭେଙ୍କଟ୍ ରାଓ, ଆରପିଏଫ୍ ଅଧିକାରୀ କ୍ଷୀରୋଦ ସାଗର ଭଞ୍ଜ ଓ ଭାରପ୍ରାପ୍ତ ଅଧିକାରୀ ପପୁ କୁମାର ନାୟକ, ଜିଆରପି ଅଧିକାରୀ ସୁଶାନ୍ତ କୁମାର ସେଠୀ ଓ କୋରେଇ ସଂଗ୍ରାମ ସମିତି ସଭାପତି ବିଦ୍ୟାଧର ମହାନ୍ତି ସମ୍ପାଦକ ଅଭିମନ୍ୟୁ ମିଶ୍ର, ନାରାୟଣ ଚନ୍ଦ୍ର ନାୟକ, ନିରଞ୍ଜନ ପରିଡା, ପବିତ୍ର ରଞ୍ଜନ ମହାନ୍ତି, ପରୀକ୍ଷିତ ମଲ୍ଲିକ, ପଦ୍ମନାଭ ନାୟକ ପ୍ରମୁଖ ଆଲୋଚନାରେ ଉପସ୍ଥିତ ଥିଲେ। ଆଗାମୀ ସେପ୍ଟେମ୍ବର ମାସ ସୁଦ୍ଧା ଗଳିପୋଲ କାର୍ଯ୍ୟ ଶେଷହେବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ କୋରେଇ ସଂଗ୍ରାମ ସମିତି ପକ୍ଷରୁ ଗଣ ଧାରଣା ସ୍ଥଗିତ ଘୋଷଣା କରାଯାଇଥିଲା।

# ୬୨ହଜାର କୃମିନାଶ ବଟିକା ବଣ୍ଟନ କରାଯିବ

## ରସୁଲପୁର ବ୍ଲକରେ ସରିଲା କୃମିନାଶ ତାଲିମ ଶିବିର

ରସୁଲପୁର,୮।୮(ରଞ୍ଜିତ ରାଉତ)

ଯାଜପୁର ଜିଲା ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଆୟୋଜିତ କୃମିନାଶ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ରଶ୍ମିରଞ୍ଜନ ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୪ଟି ପର୍ଯ୍ୟାୟରେ ଏହି ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ସମ୍ମଳ ଅଧିକାରୀ ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଡାକ୍ତର ବସନ୍ତ କୁମାର ପଣ୍ଡା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀ ଓ ଡାକ୍ତରମାନେ ଶିବିରାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବ୍ଲକ ଅଞ୍ଚଳରେ ୧ ରୁ ୧୯ବର୍ଷ ବୟସର ୬୨ହଜାର ମହିଳା, ପୁରୁଷ ଓ ଶିଶୁମାନଙ୍କୁ କୃମିନାଶକ ବଟିକା ବଣ୍ଟନ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଚଳିତବର୍ଷ ଅଗଷ୍ଟ ୧୨କୁ କୃମିନାଶ ଦିବସ ଭାବେ ପାଳନ କରାଯିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି ଦିବସରେ ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, ଅଙ୍ଗନୱାଡ଼ି କେନ୍ଦ୍ର, ମମତା ଗୃହ ଆଦି ସ୍ଥାନରେ କୃମି ନାଶକ ବଟିକା ପ୍ରଦାନ କରାଯିବ। ଏହାବ୍ୟାଦ୍ ଉକ୍ତ ଦିବସରେ ଯେଉଁମାନେ ବଟିକା ସେବନରୁ ବଞ୍ଚିତ ହେବେ ସେମାନଙ୍କୁ ଅଗଷ୍ଟ ୧୯ରେ ସ୍ୱତନ୍ତ୍ର ଭାବେ ବଟିକା ପ୍ରଦାନ କରାଯିବ ବୋଲି ଡାକ୍ତର ପଣ୍ଡା ସୂଚନା ଦେଇଛନ୍ତି। ଉକ୍ତ ବଟିକା ସେବନ ଦ୍ୱାରା ସେତେଟା ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ମାତ୍ର କୃମି ଦ୍ୱାରା ଆକ୍ରାନ୍ତ ବ୍ୟକ୍ତିମାନେ କୃମିନାଶ ବଟିକା ସେବନ କଲେ ସେମାନଙ୍କ ସାମାନ୍ୟ ମୁଣ୍ଡ ବୁଲାଇବା ଭଳି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇପାରେ। ସେଥିପାଇଁ କେହି ଭୟଭୀତ ନ ହେବା ପାଇଁ ପରାମର୍ଶ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ତଦାରଖ ଓ ପରିଚାଳନା କରିବା ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଗୋଟିଏ ଲେଖାଏଁ ରାପିଡ଼ ରେସପନ୍ସ ଟିମ୍(ଆରଆରଟି) ଗଠନ କରାଯାଇଛି। ଏହାଛଡ଼ା ୨୬ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରର ଅଧିକାରୀ, ମହିଳା, ପୁରୁଷ ସ୍ୱାସ୍ଥ୍ୟକର୍ମୀ, ବହୁମୁଖୀ ସ୍ୱାସ୍ଥ୍ୟକର୍ମୀ, ଶିକ୍ଷାନୁଷ୍ଠାନର ମୁଖ୍ୟ, ବ୍ଲକ ଶିକ୍ଷାଧିକାରୀ, ସହ-ଶିକ୍ଷାଧିକାରୀ, ସିଆରସିସି, ପ୍ରଧାନଶିକ୍ଷକ, ତାଲିମପ୍ରାପ୍ତ ଶିକ୍ଷକ ଓ ଶିକ୍ଷା କର୍ମଚାରୀ, ଆଶା, ଅଙ୍ଗନୱାଡ଼ି କର୍ମୀମାନଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଶିକ୍ଷାନୁଷ୍ଠାନଗୁଡ଼ିକ ଉପରରେ ଅଧିକ ଦୃଷ୍ଟି ପ୍ରଦାନ କରାଯାଇଛି। ଏହାଛଡ଼ା ପ୍ରତି ଗାଁରେ ଥିବା ଅବହେଳିତ ବସ୍ତି, ଗୋଷ୍ଠୀମାନଙ୍କୁ ସର୍ବାଧିକ ପ୍ରାଧାନ୍ୟ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ଉକ୍ତ କାର୍ଯ୍ୟକ୍ରମ ଜରିଆରେ କୃମିନାଶ ଦିଗରେ ଶତପ୍ରତିଶତ ସଫଳତା ହାସଲ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।



କୃମିନାଶ ତାଲିମ ଶିବିରରେ ଡାକ୍ତରମାନେ ଶିବିରାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

# ବଳାତ୍କାରୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

## ମାନସିକ ଅନଗ୍ରସର ଯୁବତୀଙ୍କୁ ବଳାତ୍କାର ମାମଲା

ଯାଜପୁରଟାଉନ,୮।୮ (ପ୍ରଭୁ ପ୍ରିୟଦର୍ଶୀ ମହାନ୍ତି)

ଯାଜପୁର ଜିଲା ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ମାନସିକ ଅନଗ୍ରସର ଯୁବତୀ(୨୪)ଙ୍କୁ ବଳାତ୍କାର କରିଥିବା ଅଭିଯୁକ୍ତଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ବାଦଲ ଓରଫ ଅଜୟ କୁମାର ସାମଲ(୪୪)। ତାଙ୍କୁ କୋର୍ଟ ୧୦ବର୍ଷ ସଶ୍ରମ ଜେଲଦଣ୍ଡରେ ଦଣ୍ଡିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୯ ଜାନୁଆରୀ ୨୮ରେ ବିଞ୍ଝାରପୁର ଥାନା ଅଞ୍ଚଳର ଜଣେ ମାନସିକ ଅନଗ୍ରସର ଯୁବତୀ ଘରେ ଏକୁଟିଆ ଥିବା ସମୟରେ ସେହି ଗ୍ରାମର ବାଦଲ ଏହାର ସୁଯୋଗ ନେଇ ତାଙ୍କୁ ବଳାତ୍କାର କରିଥିଲେ। ଏହି ସମୟରେ ଯୁବତୀଙ୍କ ବାପା ଟ୍ୟୁଶନ କରିବାକୁ ଯାଇଥିବା ବେଳେ ସାନ ଭଉଣୀ ପଡ଼ୋଶୀ ଘରକୁ ଯାଇଥିଲେ। ବଳାତ୍କାର ସମୟରେ ଯୁବତୀଙ୍କ ସାନ ଭଉଣୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ହେଲେ ବାଦଲ ତାଙ୍କୁ ଧକ୍କା ମାରି ଦୌଡ଼ି ପଳାଇଥିଲେ। ପରେ ସାନ ଝିଅ ସମସ୍ତ ଘଟଣା ବାପାଙ୍କୁ କହିଥିଲେ। ଏହାପରେ ପଡ଼ିତାଙ୍କ ବାପା ଏ ସଂକ୍ରାନ୍ତରେ ବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ବାଦଲଙ୍କୁ ଗିରଫ କରି ଉଭୟଙ୍କୁ ଡାକ୍ତରୀଖାଇନା କରିଥିଲା। ପରେ ବାଦଲଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଏହି ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୨ଜଣ ସାକ୍ଷୀ ଓ ପୋଲିସର ଦସ୍ତାବିଜ୍‌କୁ ଆଧାର କରି ଯାଜପୁର ଆଡହକ ତଥା ପୋକସୋ କୋର୍ଟ ବିଚାରପତି ଶରତ କୁମାର ବେହେରା ବାଦଲଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଦୋଷୀ ୨ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଆଇନ ସେବା ପ୍ରାଧିକରଣଙ୍କୁ ୭ଲକ୍ଷ ଟଙ୍କା ପୀଡ଼ିତାଙ୍କୁ ସହାୟତା ଦେବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାଟିକୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ପାର୍ଥ ରାୟ ପରିଚାଳନା କରୁଥିଲେ।


## ଦ.ପୂ. ରେଳପଥ – ଇ-ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ନଂ. ପିଏଚ୍ଏସ୍/ଜିଏସ୍ଏଲ୍/ସି/୨୦୨୫/୩୦, ତାରିଖ: ୦୮।୦୮।୨୦୨୫। "ଇ" ସଂଗ୍ରହଣ ପ୍ରଣାଳୀ ପାଇଁ ଏବଂ ତତ୍ପରବର୍ତ୍ତୀ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ରେଳପଥ, ମୁଖ୍ୟ କାର୍ଯ୍ୟାଳୟ ... ନିମ୍ନଲିଖିତ ... www.ireps.gov.in ରେ ଅପଲୋଡ୍ ହୋଇଛି। ସମସ୍ତ ଟେଣ୍ଡର ୧୪.୦୦ ଘଣ୍ଟିକାରେ ବନ୍ଦ ହେବ।

| କ୍ର. ନଂ. | ଟେଣ୍ଡର ନଂ. | ଧାର୍ଯ୍ୟ ତାରିଖ | ସଂକ୍ଷିପ୍ତ ବର୍ଣ୍ଣନା | ପରିମାଣ | ଇଏମଡି ପରିମାଣ (₹) |
|---|---|---|---|---|---|
| [illegible] | [illegible] | [illegible] | [illegible] | [illegible] | [illegible] |

ଟେଣ୍ଡର ପୂର୍ଣ୍ଣ ବିବରଣୀ/ଏଲିଜିବିଲିଟି ... www.ireps.gov.in ପରିଦର୍ଶନ କରିପାରିବେ। ... www.ireps.gov.in ପରିଦର୍ଶନ କରିପାରିବେ।

(PR-500)



## HDFC BANK — AUCTION SALE NOTICE

We understand your world

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 18-August-2025 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 50200095455807 | RANJAN KUMAR PATRA | 1025288.78 | HDFC BANK LTD, 7&8, CUTTACK-PURI ROAD, JHARPARA, BHUBANESWAR-751006 |
| 2 | 74355554 | KISHORE KUMAR MAHARANI | 341700 | |
| 3 | 75957448 | BIJAY KUMAR SAHOO | 264300 | |
| 4 | 75179695 | ABHAYA KUMAR PRADHAN | 371900 | HDFC BANK LTD, AT-KANDASARA, PO-NALCO NAGAR, ANGUL-759145 |
| 5 | 75185603 | MDQUMAR RAZA KHAN | 101400 | |
| 6 | 75251615 | SATYANANDA BEHERA | 284000 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 7 | 75275594 | MIRA MALLICK | 108200 | |
| 8 | 74314739 | SUJIT SWAIN | 326200 | HDFC BANK LTD, BAJRAKABATI ROAD, CUTTACK-753001 |
| 9 | 75164079 | AMINA BANO | 259000 | |
| 10 | 75183155 | AMINA BANO | 255500 | |
| 11 | 74328821 | PRASANT KUMAR PRATIHARI | 220000 | |
| 12 | 74705251 | GANGADHAR ROUT | 155500 | |
| 13 | 75278403 | BIJAYA KUMAR DASH | 39800 | |
| 14 | 75577446 | RATNESH PANDAY | 88800 | HDFC BANK LTD, BARBIL JODA HIGHWAY, KEONJHAR, BARBIL-758035 |
| 15 | 75854468 | SANTOSI MISHRA | 617800 | HDFC BANK LTD, BIBISARAM MARKET CHAK, JAJPUR TOWN, JAJPUR-755001 |
| 16 | 75479663 | KULAMANI MALIK | 40500 | |
| 17 | 74893868 | MANOJ KUMAR PATRA | 179000 | HDFC BANK LTD, BUSINESS PARK, FIRST FLOOR, C111-SAHEEDNAGAR, BHUBANESWAR-751007 |
| 18 | 74179687 | PUJARINI BISWAL | 137000 | |
| 19 | 74650170 | LIPSARANI MAHAPATRA | 127600 | |
| 20 | 75975879 | SIMAN KUMAR DIGAL | 112000 | |
| 21 | 74828269 | BIJAY KUMAR SAHOO | 109700 | |
| 22 | 75937896 | SIMAN KUMAR DIGAL | 88400 | |
| 23 | 75385929 | TUSHARKANT DAS | 108300 | HDFC BANK LTD, C/O-PRITI AUTO COMBINE, GOL BAZAR, SAMBALPUR-768001 |
| 24 | 75719392 | RAKESH JENA | 161900 | HDFC BANK LTD, CHANDVALI CHOWK, ATHGARH-754029 |
| 25 | 74468659 | TAPAN KUMAR SWAIN | 65000 | |
| 26 | 75979440 | MITHUN NAYAK | 607000 | HDFC BANK LTD, DHIPASAHI, STATION ROAD, BARIPADA-757001 |
| 27 | 75414355 | SIBA SAHOO | 308200 | HDFC BANK LTD, DURGA BAZAR, JAGATSINGHAPUR, ORISSA-754103 |
| 28 | 75366852 | ARAKSHITA SWAIN | 266300 | |
| 29 | 75670443 | CHANDAN KUMAR SAHOO | 170100 | |
| 30 | 75265052 | ARAKSHITA SWAIN | 169700 | |
| 31 | 75423633 | ARAKSHITA SWAIN | 169300 | |
| 32 | 75723936 | CHANDAN KUMAR SAHOO | 153400 | |
| 33 | 75202988 | MANORANJAN MOHARANA | 152500 | |
| 34 | 75556142 | ARAKSHITA SWAIN | 109900 | |
| 35 | 75769659 | TASLIM KHAN | 94600 | |
| 36 | 75747973 | TASLIM KHAN | 74400 | |
| 37 | 75584269 | DEBENDRANATH BEHERA | 52900 | |
| 38 | 75235520 | LINGARAJ RANA | 35200 | |
| 39 | 75366946 | ISWAR CHANDRA SWAIN | 160100 | HDFC BANK LTD, DURGA COMPLEX, JHARSUGUDA-768201 |
| 40 | 75437613 | DEEPAK KUMAR NATH | 143100 | |
| 41 | 75645275 | JITU KUMAR NAIK | 175600 | HDFC BANK LTD, DWIBEDI BHAWAN, BISRA ROAD, ROURKELA-769001 |
| 42 | 75478564 | JITU KUMAR NAIK | 104300 | |
| 43 | 75781238 | RANJIT KAUR | 17000 | |
| 44 | 75634513 | PIYUSH RANJAN NAYAK | 110000 | HDFC BANK LTD, F M CIRCLE, BALASORE-756001 |
| 45 | 75137490 | JYOTIPRAKASH DASH | 104000 | |
| 46 | 73680708 | PIYUSH RANJAN NAYAK | 28500 | |
| 47 | 75111985 | LITU MUDULI | 29000 | HDFC BANK LTD, GAJANAN TOWERS, UPPER GROUND FLOOR, PLOT NO-60, BUDHA NAGAR, PALASUNI, BHUBANESWAR-751006 |
| 48 | 74534348 | ANIL KUMAR MALLICK | 61200 | HDFC BANK LTD, GANESH TALKIES SQUARE, NIMAPARA, PURI-752106 |
| 49 | 74553081 | MANOJ NAYAK | 19500 | |
| 50 | 74464271 | ANIL KUMAR MALLICK | 14200 | |
| 51 | 75880948 | SUGYANI KUMARI PRADHAN | 163000 | HDFC BANK LTD, GROUND FLOOR, BRAJA NAGAR, FIRST LANE, LUCHAPADA ROAD, BRAHMAPUR, GANJAM-760001 |
| 52 | 75217476 | ANJANI DAMODAR MAHARANA | 125500 | |
| 53 | 75236670 | KARI JANAKI RAO | 260000 | HDFC BANK LTD, GROUND FLOOR, MAIN ROAD CHIKITI PENTHA, GANJAM-761010 |
| 54 | 75385425 | RASHMITA PRADHAN | 191000 | |
| 55 | 75711503 | SANJAY KUMAR MOHANTY | 112900 | |
| 56 | 75712937 | SHARAT SETHI | 109000 | |
| 57 | 75825381 | RATANAKARA SAHU | 105000 | |
| 58 | 75373611 | BALARAM BADETYA | 95500 | |
| 59 | 75800146 | BISHNU PRADHAN | 60000 | |
| 60 | 75902034 | RATANAKARA SAHU | 59000 | |
| 61 | 75661846 | ARUN KUMAR BUDUBADE | 189900 | HDFC BANK LTD, GROUND FLOOR, NUAGUDA, OPP. FCI-I,ARTS COLLEGE ROAD, MALKANAGIRI-764048 |
| 62 | 75421867 | PREMCHAND PATLA | 105900 | |
| 63 | 75755461 | KABITA BALA | 93200 | |
| 64 | 75672573 | KABITA BALA | 85100 | |
| 65 | 75383977 | SUSIL KUMAR DAS | 232800 | HDFC BANK LTD, GROUND FLOOR, OPP. BLOCK OFFICE, DHARAMGARH, KALAHANDI-766015 |
| 66 | 75515537 | BHARATI BEHERA | 503200 | HDFC BANK LTD, GROUND FLOOR, RANIPADA SQUARE, POLASARA MAIN ROAD, GANJAM-761105 |
| 67 | 75208442 | KAMAKSHYA PRASAD SAHU | 470000 | |
| 68 | 75828169 | JITENDRA KUMAR SAHU | 657000 | HDFC BANK LTD, GROUND FLOOR, SHANKAR CINEMA ROAD, ANGUL, ODISHA-759122 |
| 69 | 75720187 | MANAS RANJAN PRADHAN | 220500 | |
| 70 | 75782529 | RAJESH KUMAR DAS | 99700 | |
| 71 | 75793951 | SAMARESH NATH | 470000 | HDFC BANK LTD, GROUND FLOOR, TAROL, JAGATPUR, ODISHA-754021 |
| 72 | 75131967 | TULSI MANOJ KAR | 81000 | HDFC BANK LTD, GROUND FLOOR, OPP. BHARAT PETROL PUMP, DHANUPALI, SAMBALPUR-768005 |
| 73 | 75030494 | PABITRA NATH | 33000 | |
| 74 | 74851830 | PAPU BEHERA | 47100 | HDFC BANK LTD, HATATOTA, TALCHER, ANGUL-759100 |
| 75 | 75238195 | SK ABDUL SAHID | 143300 | HDFC BANK LTD, JABARA, JENAPUR, KUAKHIA, RASULPUR, JAJPUR-755023 |
| 76 | 75969472 | SK SOHEL | 106200 | |
| 77 | 75871523 | SK SOHEL | 97300 | |
| 78 | 75867307 | SARASWETA PATRA | 378400 | HDFC BANK LTD, JAGAMARA, BHUBANESWAR, KHURDA-751030 |
| 79 | 75278081 | SARASWETA PATRA | 350100 | |
| 80 | 75746252 | SUJIT KUMAR SWAIN | 220000 | |
| 81 | 75270011 | BIKASH CHANDRA BEHERA | 186700 | |
| 82 | 75747315 | PRAMOD SAHOO | 150800 | HDFC BANK LTD, JAGANNATH ROAD, NEAR HOTEL SURYA, DHENKANAL-759001 |
| 83 | 74677143 | SUDHIR KUMAR NAYAK | 12000 | |
| 84 | 75981241 | RAJESH KUMAR NAYAK | 936000 | HDFC BANK LTD, JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 85 | 75212040 | GOURAB BHATRA | 167623.28 | |
| 86 | 75841612 | TULESWARI SUCHEN | 164000 | |
| 87 | 73963637 | RAGHUNATH BHUYAN | 150000 | |
| 88 | 76002362 | MUKUNDA MURARI MISHRA | 120000 | |
| 89 | 75914719 | GOPINATH PATRA | 114000 | |
| 90 | 465587401 | ANILKUMAR NAIDU | 111000 | |
| 91 | 75879324 | RAJANI TANDIL | 62000 | |
| 92 | 74890615 | GAYATRI BEHERA | 48000 | |
| 93 | 73527736 | RAJ KUMAR DAS | 37200 | |
| 94 | 75327845 | SANJUKTA SAHU | 540000 | |
| 95 | 75615080 | ANIL KUMAR PARIDA | 406000 | HDFC BANK LTD, KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 96 | 75433823 | GAYATRI PRUSTY | 295000 | |
| 97 | 75406229 | SIBARAM SETHI | 101200 | |
| 98 | 75469378 | MAMATA BEHERA | 16000 | |
| 99 | 75202562 | PINKU SAHOO | 45300 | HDFC BANK LTD, KIIT CAMPUS 5, NEAR KIMS,ADMINISTRATIVE BLOCK, PATIA, BHUBANESWAR-751024 |
| 100 | 75438451 | TANMADHYAYA MOHAPATRA | 128600 | HDFC BANK LTD, MAHIPAL, KENDRAPARA-754211 |
| 101 | 75404763 | BIRANCHI NARAYAN NAYAK | 102000 | |
| 102 | 75474126 | BIJAY KUMAR SWAIN | 49700 | |
| 103 | 75827882 | RIPUCHANDRA DASH | 124000 | HDFC BANK LTD, MAIN ROAD, BALISIRA, GUNTHA PADA, BHANJANAGAR, GANJAM-761115 |
| 104 | 75282097 | P ANITA PATRA | 23400 | |
| 105 | 75154237 | ASHOK SETHI | 121000 | HDFC BANK LTD, MAIN ROAD, BHANJANAGAR, GANJAM-761126 |
| 106 | 75584343 | KANTALA RINA REDDY | 701000 | HDFC BANK LTD, MAIN ROAD, GOSANINUAGAON, BERHAMPUR-760003 |
| 107 | 76015647 | SARAT PRAVA PANIGRAHI | 630000 | |
| 108 | 75293259 | S RENUKA | 436900 | |
| 109 | 75289199 | D RAJAMANI | 275700 | |
| 110 | 75377699 | D BALAJI | 162500 | |
| 111 | 75297676 | SIBARAM MUDULI | 124877 | |
| 112 | 75366846 | AJIT KUMAR MAHAPATRA | 185000 | HDFC BANK LTD, MAIN ROAD, NEAR RELIANCE TRENDS, BALUGAON-752030 |
| 113 | 75596784 | SUSANT KUMAR BEHERA | 153000 | |
| 114 | 4000150406 | PRASANT KUMAR MALIK | 122000 | |
| 115 | 75582024 | GOLEKHA GOUDA | 110000 | |
| 116 | 75509524 | PRUTHIRAJ MAHAPATRA | 96000 | |
| 117 | 75418086 | SUSANT KUMAR BEHERA | 82000 | |
| 118 | 75847632 | CHANDAN KUMAR MALLIK | 503000 | HDFC BANK LTD, MANIKESWARI CHOWK, BHAWANIPATNA, KALAHANDI-766001 |
| 119 | 74843516 | SNIGDHA RANI PRADHAN | 107000 | |
| 120 | 74313379 | GITANJALI MANGARAJ | 27300 | |
| 121 | 74818902 | ROUTA SANHYARANI PRADHAN | 60000 | HDFC BANK LTD, MARKET SQUARE, PARLAKHEMUNDI, GAJAPATI-761200 |
| 122 | 73945960 | BISHNUPRIYA DAKSHINARAY | 118200 | HDFC BANK LTD, MERIDIEN TOWER, C-8, FIRST FLOOR, UDIT NAGAR, ROURKELA-769012 |
| 123 | 75460242 | MADHU SUDAN MALI | 275900 | HDFC BANK LTD, NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 124 | 75460571 | MADHU SUDAN MALI | 223100 | |
| 125 | 75346397 | SANJAY KHORA | 111500 | |
| 126 | 75786615 | JAKOB KANDHAPAN | 102200 | |
| 127 | 75343049 | SUNAM BAGH | 101600 | |
| 128 | 75190842 | GUPTA ADAKATIA | 89600 | |
| 129 | 74431251 | PADU BARIKA | 69700 | |
| 130 | 75331498 | SANJAY KHORA | 27800 | |
| 131 | 75314229 | MAHENDRA MAJHI | 56000 | |
| 132 | 75877231 | LAXMAN GULEL | 124500 | HDFC BANK LTD, NEAR R.T.O OFFICE, NH-26, KORAPUT-764020 |
| 133 | 75376598 | ANUPAMA SAHOO | 320700 | HDFC BANK LTD, NUAPADA CHHAK, CUTTACK, ODISHA-753010 |
| 134 | 73978125 | ASWINI KUMAR LENKA | 201000 | HDFC BANK LTD, OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 135 | 75242433 | SANTOSH NAYAK | 54000 | |
| 136 | 75079251 | SANTOSH BISOYI | 19600 | HDFC BANK LTD, OPPOSITE TOWN POLICE STATION, PURI-752001 |
| 137 | 75247424 | SUBRAT KUMAR PADHY | 117300 | HDFC BANK LTD, PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 138 | 4000235022 | SANGRAM PRADHAN | 96000 | |
| 139 | 75961503 | ANANTA KUMAR NAYAK | 284000 | HDFC BANK LTD, PATRAPADA, BHUBANESWAR, KHURDA-751019 |
| 140 | 75822562 | BISWABANDITA SAHOO | 277000 | |
| 141 | 75799665 | SWATISHREE NAYAK | 200600 | |
| 142 | 75951986 | RAJALAXMI JENA | 182500 | |
| 143 | 75139953 | SALIM AKHTAR KHAN | 152200 | |
| 144 | 75423760 | RAJ KISHOR SAHOO | 138800 | |
| 145 | 75178335 | SWATISHREE NAYAK | 101400 | |
| 146 | 75950059 | RAJALAXMI JENA | 95000 | |
| 147 | 75878113 | MANOJ KUMAR ROUTRAY | 86500 | |
| 148 | 75038852 | RAKESH KUMAR PATI | 85700 | |
| 149 | 75940012 | JITENDRA PATRA | 579000 | HDFC BANK LTD, PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 150 | 4000289905 | BADAL KUMAR ROUT | 192800 | |
| 151 | 75742792 | GOURI SAHU | 152000 | |
| 152 | 4000079703 | SANJAY PRADHAN | 110000 | |
| 153 | 75178821 | MUKUNDA PRASAD JENA | 108000 | |
| 154 | 75586730 | SUBODH KUMAR GIRI | 94500 | |
| 155 | 75431651 | SANDEEP MOHAPATRA | 60500 | |
| 156 | 75345795 | SAUMYA RANJAN MISHRA | 53200 | |
| 157 | 75592921 | SANDEEP MOHAPATRA | 19800 | |
| 158 | 74726069 | SK MANSOOR | 62800 | HDFC BANK LTD, PLOT NO 344, CHANDI CHHAK, CUTTACK-753001 |
| 159 | 75321703 | ANAMIKA DAS | 1558000 | HDFC BANK LTD, PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 160 | 75333902 | SANJAY MOHANTY | 791100 | |
| 161 | 75978255 | SIBARAM PANDA | 640100 | |
| 162 | 74384392 | DHANESWAR GHADEI | 60000 | |
| 163 | 75290433 | DEEPAK BISWAL | 949700 | HDFC BANK LTD, PLOT NO 516/1676, SAMPARK VIHAR, PATIA SQUARE, BHUBANESWAR-751024 |
| 164 | 75671771 | SUDHANSHU KUMAR | 765300 | |
| 165 | 75230272 | KRUSHNA CHANDRA RAY | 347000 | |
| 166 | 75708896 | PRALINA MUDULI | 112500 | |
| 167 | 75996420 | PRIYANKA MOHANTY | 90500 | |
| 168 | 75636778 | DEEPAK KUMAR SWAIN | 48200 | |
| 169 | 75702550 | PRALINA MUDULI | 47900 | |
| 170 | 75363384 | KAMAKSHYA PRASAD MOHANTY | 773300 | HDFC BANK LTD, PLOT NO-1078/1110, SHAMPUR, NUAGAON, BHUBANESWAR-751003 |
| 171 | 75666144 | RANJITA PRADHAN | 55000 | HDFC BANK LTD, PLOT NO-2187, S.N. COLONY ROAD, CHANDABALI, BHADRAK, ODISHA-756133 |
| 172 | 75835729 | SUJATA KUMARI MOHANTY | 535500 | HDFC BANK LTD, PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 173 | 75550922 | RAJKISHORA BHUYAN | 369700 | |
| 174 | 75586292 | NILESH KUMAR SAHOO | 212000 | |
| 175 | 75862813 | SUSIL KUMAR PRADHAN | 131000 | |
| 176 | 75541347 | MAHALAXMI PRADHAN | 130000 | |
| 177 | 75193091 | NINA CHAMPATI | 121800 | |
| 178 | 74325569 | REENA PRADHAN | 195900 | HDFC BANK LTD, PLOT NO-3565, PALASUNI, RASULGARH, BHUBANESWAR-751010 |
| 179 | 75602558 | SANTOSH KUMAR PALAI | 1837000 | HDFC BANK LTD, PLOT NO-676/1249, JAYASREE CINEMA HALL ROAD, CHATRAPUR, GANJAM, ODISHA-761020 |
| 180 | 75536574 | SHREEMANTA BEHERA | 209000 | HDFC BANK LTD, PLOT NO-758/3631/4648, GANDHI CHOWK, ATHMALLIK, ANGUL, ODISHA-759125 |
| 181 | 75716114 | RASHMI BEHERA | 33000 | |
| 182 | 75727592 | GANESHWAR DASH | 77900 | HDFC BANK LTD, PLOT NO-N5/537, IRC VILLAGE, NAYAPALLI, BHUBANESWAR-751015 |
| 183 | 75837149 | GANESHWAR DASH | 26600 | |
| 184 | 75779940 | CHINMAYA KUMAR BARIK | 129900 | HDFC BANK LTD, PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 185 | 75810256 | MANASI MOHANTY | 92000 | |
| 186 | 75716308 | MANASI MOHANTY | 64400 | |
| 187 | 75667250 | DURGASHANKAR PATTANAYAK | 54300 | HDFC BANK LTD, R K TOWERS, DAILY MARKET, BOLANGIR-767001 |
| 188 | 75658538 | SUNIL MANHIRA | 50400 | |
| 189 | 75446751 | RAJA BARIK | 20800 | |
| 190 | 73574786 | RAKESH KAR | 90500 | HDFC BANK LTD, S. N. PLAZA, NH - 5, NEULPUR, CHANDIKHOL-755024 |
| 191 | 75461307 | SANATAN PRUSTY | 87300 | |
| 192 | 75616722 | TANWEER ALAM KHAN | 72000 | |
| 193 | 75921294 | SOMYA RANJAN DWIBEDI | 1003000 | HDFC BANK LTD, SAHU NIWAS, JAGANNATHPUR, KASHIPUR ROAD, KEONJHAR-758001 |
| 194 | 75722658 | PRATIMA MOHAPATRA | 276300 | |
| 195 | 75445027 | PADMANAV SAHOO | 261716 | |
| 196 | 75719530 | NIRANJAN SHANTI | 130600 | |
| 197 | 75666949 | UTTAM KUMAR SETHI | 40000 | |
| 198 | 75607109 | SULTAN SAIFULLAH KHAN | 79500 | HDFC BANK LTD, SALEPUR MAIN ROAD, SALEPUR, CUTTACK-754202 |
| 199 | 74507301 | SEKH RAHIM | 73000 | |
| 200 | 75562719 | ABHAYA KUMAR KUANAR | 62000 | |
| 201 | 74021036 | SEKH RAHIM | 20400 | |
| 202 | 75433851 | TILOTTAMA GOUDA | 1130000 | HDFC BANK LTD, SARGUNA STREET, ASKA ROAD, BRAHMAPUR-760006 |
| 203 | 75760832 | SNIGDHA DAS | 679700 | |
| 204 | 74831104 | K ASHISH | 500000 | |
| 205 | 75444803 | DHOBA GOUDA | 240000 | |
| 206 | 75938533 | JYOTIMAYEE DEO | 113000 | |
| 207 | 75127977 | KAPILI JYOTIRAJ DAS | 101000 | |
| 208 | 74099422 | SURESH PRADHAN | 95000 | HDFC BANK LTD, VIP PLAZA, VIP ROAD, PURI-752001 |
| 209 | 75460167 | NARESH MAJHI | 69000 | HDFC BANK LTD, WARD NO 10, JONK, KHARIAR ROAD, NUAPADA-766104 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

Date : 09/08/2025,
Place : ODISHA

Sd/- Authorized Officer,
HDFC BANK LTD.

# ହସ୍ପିଟାଲ ସମ୍ମୁଖରେ ଉତ୍ତେଜନା, ଥାନାରେ ଅଭିଯୋଗ

କଟକ,୮।୮ (ଶିଳ୍ପା ପ୍ରିୟଦର୍ଶିନୀ)

କଟକ ମଙ୍ଗଳାବାଗ କାଠଗୋଲା ସାହିରେ ଥିବା ଟି-କେୟାର ହସ୍ପିଟାଲରେ ଅସ୍ତ୍ରୋପଚାର ପରେ ଶୁକ୍ରବାର ଜଣେ ରୋଗୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଜଗତ୍‌ସିଂହପୁର ଜିଲା ଶାଳଗାଁର ପ୍ରଭାତ କୁମାର ଭୋଇ(୪୫)। ସାମାନ୍ୟ ଆବୁ ଅସ୍ତ୍ରୋପଚାର କରିବା ପାଇଁ ଆସିଥିବା ରୋଗୀଙ୍କ ମୃତ୍ୟୁ ଘଟଣାକୁ ନେଇ ହସ୍ପିଟାଲ ପରିସରରେ ଉତ୍ତେଜନା ସୃଷ୍ଟି ହୋଇଛି। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର ଓ ମୃତ୍ୟୁ ନେଇ ମୃତକଙ୍କ ପରିବାର ଲୋକେ ମଙ୍ଗଳାବାଗ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

# ପିପିଏଲ୍ ଛକରେ ଦୁର୍ଘଟଣା: ହୋଟେଲ କର୍ମଚାରୀ ମୃତ

ପାରାଦୀପ,୮।୮ (ଶରତ ରାଉତ)

**Mere participation in the document verification does not reserve any right to appear at the Interview**. The candidates shall be allowed to the Interview on the scheduled date & time mentioned below subject to fulfillment of their eligibility in all respect as per verification of original 'certificate / documents'. The decision of the Commission thereon shall be final.
**THE CANDIDATE IS REQUIRED TO SUBMIT FOLLOWING ORIGINAL CERTIFICATES ALONG WITH SELF ATTESTED PHOTO COPIES AT THE TIME OF VERIFICATION**
1. Hard copy of online application form **mentioning Roll No. at the Top Right Hand Corner**. Application forms are available in the website of the Commission. The candidates are required to down load the same using their respective USERNAME and PASSWORD/OTP etc through OPSC e-Chayan portal via www.opscechayan.in.
2. **Three (03) passport size photographs tagged with the application form and one (01) pasted at space provided in the CIF (Bio-data form/Candidate Information Form).**
3. **H.S.C. or equivalent certificate** in support of declaration of age issued by the concerned Board/Council.
4. **Required Odia Test Pass Certificate issued within 26.02.2024.**
5. Diploma in Engineering (Mechanical) pass certificate wherever applicable.
6. Degree in Mechanical Engineering pass certificate issued by the recognized University / Institution recognized by the Government.
7. Mark lists of all semesters in support of Degree/ Diploma in Mechanical Engineering passed including fail marks, if any, issued by the concerned Council/University;
8. **Certificate showing valid GATE score in Mechanical Engineering.**
9. "No Objection Certificate" from the Head of Office/Head of the Department in case of Government servant wherever applicable.
10. Service certificate in case of candidates claiming age relaxation as Jr. Engineers wherever applicable.
11. **Caste Certificate by birth in support of claim as SC/ST, wherever applicable (Please see and refer NOTE-2 of Para-9 of the advertisement) issued within 26.02.2024.**
12. **SEBC certificate issued within 27.02.2021 to 26.02.2024 wherever applicable.**
13. Permanent Disability Certificate (indicating percentage of permanent disability) issued by the concerned Medical Board within 26.02.2024, wherever applicable;
14. **Release certificate of Ex-servicemen issued within 26.02.2024** as per Orissa Ex-servicemen (Recruitment to State Civil Services and Posts) Rules, 1985 vide G.A. Department notification No.22856-Gen., dt.16.10.1985 wherever applicable.
15. **Any Proof of Identity**
16. **Attestation form** duly filled-in by the candidate and signed by a Gazetted Officer with seal (to be downloaded from the website of the Commission).
17. **Bio-data Form (CIF)** (to be downloaded and pasted /affixed with passport size photograph) duly filled in.
18. **Any other relevant documents as per Para-09 of the Advertisement.**

The candidates are required to mention **"Submitted by me and certified as genuine and has not been cancelled"** and put their **full signature and date on the same**.
**OIPR-12002/11/0289/2526** **Sd./- Secretary**

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ ସିକ୍କିମ ବିଶ୍ୱବିଦ୍ୟାଳୟ କୁଳପତି



ଭୁବନେଶ୍ୱର,୮।୮ (ସୁଚିସ୍ମିତା ସାହୁ)

ପ୍ରଫେସର ଶାନ୍ତନୁ କୁମାର ସ୍ୱାଇଁ ସିକ୍କିମ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ନିଯୁକ୍ତି ପାଇଛନ୍ତି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଫେସର ସ୍ୱାଇଁଙ୍କୁ ଏହି ନିଯୁକ୍ତି ଦେଇଛନ୍ତି। ସେ ୫ ବର୍ଷ ପର୍ଯ୍ୟନ୍ତ ଏହି ଦାୟିତ୍ୱ ସମ୍ଭାଳିବେ। ପ୍ରଫେସର ସ୍ୱାଇଁଙ୍କ ଘର ପୁରୀ ଜିଲ୍ଲା ଋଷିପଡ଼ା ଗ୍ରାମରେ। ଶିକ୍ଷା କ୍ଷେତ୍ରରେ ତାଙ୍କର ୪୩ ବର୍ଷର ଅଭିଜ୍ଞତା ରହିଛି। ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ) ଶିକ୍ଷା ବିଭାଗର ଡିନ୍ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନେତୃତ୍ୱରେ ୬୭ରୁ ଅଧିକ ଗବେଷକ ପିଏଚ୍.ଡି ଡିଗ୍ରୀ ଲାଭ କରିଛନ୍ତି। ଏଥିସହ ପ୍ରଫେସର ସ୍ୱାଇଁ ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ କୋରାପୁଟର ଶିକ୍ଷା ପରିଷଦର ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ।


## ମନେ ପଡ଼ନ୍ତି

ଷଷ୍ଠ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଁଶାନ୍ତିଲତା ପ୍ରଧାନ
ଖାସମହଲ କଲୋନୀ, ଜଟଣୀ, ଖୋର୍ଦ୍ଧା

ବୋଉ! ତତେ ବି ହିକାଟିଏ କ'ଣ ଆସେ ଯେତେବେଳେ ଆମେ ମନେପକଉଛୁ। ଆମ କଳାକାଠ ମୁହଁକୁ ଆମ ଥକ୍କାପଣକୁ ତୁ ପଣତରେ ପୋଛି ଦଉଥା। ପ୍ରତିଦିନ ତୁ ବରଗଛର ଛାଇ ହେଇଥା। ଆମେ ତୋ ଓହଳରେ ହସ ଖୁସିର ଦୋଳି ଖେଳୁଥାଉ। ଆଉଥରେ ଆମ ଅଳି ଅଝଟର ସାକ୍ଷୀ ହେବା ପାଇଁ ଆସନ୍ତୁନି। ହେ ମହାପ୍ରଭୁ ଏତିକି ଗୁହାରି ଶୁଣନ୍ତୁ।

:ଶୋକସନ୍ତପ୍ତ:
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣୀ ଓ ପରିବାରବର୍ଗ।

ଧ-୧୬୦୫


# ସମ୍ପର୍କର ଡୋର...



ଭଉଣୀ ଭାଇର ପବିତ୍ର ସମ୍ପର୍କର ଏକ ନିଆରା ନିଦର୍ଶନ ହେଉଛି ରକ୍ଷାବନ୍ଧନ। ଭଉଣୀଟିଏ ଅପେକ୍ଷା କରି ରହିଥାଏ ଏହି ପର୍ବକୁ। ଭାଇ ହାତରେ ଭଉଣୀ ସ୍ନେହ ମମତାର ରାଖୀ ବାନ୍ଧୁଥିବାବେଳେ ଭାଇ ମଧ୍ୟ ଭଉଣୀ ପ୍ରତି ଥିବା କର୍ତ୍ତବ୍ୟ, ସ୍ନେହ ଓ ସୁରକ୍ଷା ପାଇଁ ପ୍ରତିଶ୍ରୁତିବଦ୍ଧ ହୋଇଥାଏ। ଏହି ସୂତାଖିଅରେ ଭରିରହିଥାଏ ପରସ୍ପର ପ୍ରତି ଭଲ ପାଇବା ଏବଂ ସ୍ନେହଶ୍ରଦ୍ଧା। ଉଭୟଙ୍କ ମଧ୍ୟରେ ଯେତେ ମାନ ଅଭିମାନ, ରାଗରୁଷା ଥିଲେ ମଧ୍ୟ ଏହି ଦିନରେ ସବୁ କିଛି ଭୁଲି ରାକ୍ଷୀ ବାନ୍ଧିବାକୁ ଭାଇ ପାଖକୁ ଭଉଣୀ ଚାଲିଆସେ। ସେହିପରି ଭାଇ ଦୂରରେ ଥିଲେ ତା' ପାଖକୁ ରାକ୍ଷୀ ପଠାଇବା ସହ ଠାକୁରଙ୍କ ପାଖେ ଭାଇର ମଙ୍ଗଳ ମନାସିଥାଏ ଭଉଣୀ। ସେଥିପାଇଁ ତ ସମ୍ପର୍କର ଡୋର ସାଜି ରାକ୍ଷୀ ଭଉଣୀ ଭାଇଙ୍କ ମଧ୍ୟରେ ଥିବା ଭଲପାଇବାକୁ ଆହୁରି ଦୃଢ କରିଥାଏ।

– ରିପୋର୍ଟ: ସୌମ୍ୟରଞ୍ଜନ ରାଉତ, ଭୁବନେଶ୍ୱର

## କ'ଣ କୁହନ୍ତି ଏମାନେ...

### ଭଉଣୀ ଭାଇ ସମ୍ପର୍କକୁ ମଜଭୁତ କରେ ରାଖୀ



ରାଖୀ ପୂର୍ଣ୍ଣିମା ହେଉଛି ଭଉଣୀ ଭାଇ ମଧ୍ୟରେ ଥିବା ସ୍ନେହ ଓ ଭଲପାଇବାର ପବିତ୍ର ବନ୍ଧନ। ଯାହାକୁ ଆମେ ରକ୍ଷାବନ୍ଧନ ବୋଲି କହୁ। ଏହି ପବିତ୍ର ବନ୍ଧନରେ ଭାଇ ଓ ଭଉଣୀର ସମ୍ପର୍କ କିଛି ନିଆରା ହୋଇଥାଏ। ଭାଇ ଭଉଣୀଙ୍କ ଭିତରେ ଯେତେ ଝଗଡ଼ା ରାଗ ଅଭିମାନ ଥିଲେ ମଧ୍ୟ ଭଲପାଇବା ଦୁହେଁ ଦୁହିଁଙ୍କ ପ୍ରତି କମି ନ ଥାଏ। ଜଣେ ବଡ଼ ଭାଇ ପିତା ଭଳି ଭଉଣୀର ଯତ୍ନ ନେଇଥାଏ ଓ ତାହା ସହିତ ଭଲ ବନ୍ଧୁ ପରି ସଦା ସର୍ବଦା ରହିଥାଏ। ସେହିଭଳି ଭଉଣୀ ମଧ୍ୟ ମା' ଭଳି ସାନ ଭାଇର ଯତ୍ନ ନେଇଥାଏ। ଏହି ପବିତ୍ର ବନ୍ଧନ ଭଉଣୀ ଭାଇର ସମ୍ପର୍କକୁ ଖୁବ୍ ମଜଭୁତ କରିଥାଏ। ମୁଁ ଦୁଃଖିତ କି ମୋର କେହି ଭଉଣୀ ନାହାନ୍ତି। କିନ୍ତୁ ଏହି ପବିତ୍ରଦିନରେ ମୁଁ ଖୁବ୍ ଆନନ୍ଦିତ।

- ଜୟଦେବ ଜେନା, ଛାତ୍ର

### ମୋ ପାଇଁ ଜୀବନର ଏକ ଅଧୁରା ଦିନ



ମୋ ପାଇଁ ଜୀବନର ଏକ ଅଧୁରା ଦିନ ହେଉଛି ରକ୍ଷାବନ୍ଧନ କାରଣ ମୋ ହାତରେ ରାଖୀ ବାନ୍ଧିବା ପାଇଁ ମୋର ଭଉଣୀ ନାହିଁ। ଯେବେ ମୁଁ ଅନ୍ୟମାନଙ୍କର ରକ୍ଷାବନ୍ଧନର ଫଟୋ କିମ୍ବା ଭିଡିଓ ଦେଖେ ମୋତେ ଜୀବନରେ କିଛି ଅଧୁରା ମନେହୁଏ। କିନ୍ତୁ ମୋର ସମ୍ପର୍କୀୟ ଭଉଣୀମାନେ ପ୍ରତିବର୍ଷ ରାଖୀ ବାନ୍ଧୁଥିବାରୁ ମନରେ କଷ୍ଟ ଅନୁଭବ କରିବାକୁ ଦିଅନ୍ତି ନାହିଁ। ଏଥିସହ ଆମେ ମନ୍ଦିର ଯିବା ସହ ପିଠା ପଣାଖାଇ ଆଜି ଦିନକୁ ମୌଜମସ୍ତିରେ କାଟିବୁ।

- ନୀତୀଶ କୁମାର ପରିଡ଼ା, ଛାତ୍ର

### ରାଖୀ ଭଉଣୀ ଭାଇର ଅତୁଟ ସ୍ନେହ, ପ୍ରେମ ଓ ଭରସାର ପ୍ରତୀକ



ଆଜି ସାରା ଓଡ଼ିଶାରେ ରକ୍ଷାବନ୍ଧନ ଉତ୍ସବ ଉଲ୍ଲାସର ସହ ପାଳନ କରାଯାଉଛି। ଏହି ପବିତ୍ର ଦିନରେ ଭଉଣୀ ଭାଇର ଦୀର୍ଘାୟୁ ପାଇଁ ପ୍ରାର୍ଥନା କରନ୍ତି। ଏଥିସହ ଭାଇମାନେ ମଧ୍ୟ ଭଉଣୀଙ୍କୁ ଉପହାର ଦେଇ ସେମାନଙ୍କ ପ୍ରତି ସମ୍ମାନ ଓ ଅନୁରାଗ ପ୍ରକାଶ କରନ୍ତି। ରକ୍ଷାବନ୍ଧନ ମାନେ କେବଳ ଏକ ପରମ୍ପରା ବା ରୀତି ନୁହେଁ ଏହା ହେଉଛି ଭଉଣୀ ଭାଇର ଅତୁଟ ସ୍ନେହ, ପ୍ରେମ ଓ ଭରସାର ପ୍ରତୀକ। ଆମେ କେବଳ ଏହି ଦିନ ରାଖୀ ପର୍ବକୁ ଘରେ ସୀମିତ ରଖୁନାହୁଁ। ଏହି ଦିନ ଗୋମାତଙ୍କ ଜନ୍ମଦିନ ଥିବାରୁ ପ୍ରତିବର୍ଷ ଆମେ ଗୋମାତାଙ୍କୁ ରାଖୀ ବାନ୍ଧିଥାଉ।

- ଦେବେନ୍ଦ୍ର ରାଉତ, ଛାତ୍ର

### ଭଲ ପାଇବା ଓ ସୁରକ୍ଷାର ଅନନ୍ୟ ଉଦାହରଣ ରାଖୀ



ରାଖି ବାନ୍ଧିବା ରୀତି ମାନବ ଜୀବନରେ ଭଲ ପାଇବା ଓ ସୁରକ୍ଷାର ଅନନ୍ୟ ଉଦାହରଣ। ଭଉଣୀ ଓ ଭାଇ ଦୁହେଁ ପବିତ୍ର ମନରେ ବସି ସ୍ନେହ, ଶ୍ରଦ୍ଧାର ସହ ଏହି ଦିନକୁ ଉଜ୍ଜ୍ୱଳ କରନ୍ତି। ରାଖି ପୂର୍ଣ୍ଣିମା ହେଉଛି ଭଉଣୀ ଭାଇଙ୍କ ପ୍ରେମ ଓ ଆଶ୍ରୟର ପବିତ୍ର ପର୍ବ। ତେଣୁ ଏହି ପବିତ୍ର ଦିନଟିକୁ ଭାରତର ବିଭିନ୍ନ ଅଞ୍ଚଳରେ ଅନେକ ଉତ୍ସାହ ଓ ଶ୍ରଦ୍ଧାର ସହିତ ପାଳନ କରାଯାଏ।

- ପଦ୍ମିନୀ ଗେଡି, ଛାତ୍ରୀ

# ଶାନ୍ତି ପାଇଁ ପ୍ରାର୍ଥନା




ଇତିହାସର ଆଉ ଏକ କଳାଦିନକୁ ସ୍ମରଣ କରାଇଥାଏ ନାଗାସାକି ଦିବସ। ଜାପାନର ହିରୋଶିମା ଉପରେ ପରମାଣୁ ବୋମା ନିକ୍ଷେପର ତିନିଦିନ ପରେ, ଅର୍ଥାତ୍ ୧୯୪୫ ଅଗଷ୍ଟ ୯ ତାରିଖ ସକାଳ ୧୧ଟା ୨ମିନିଟ ସମୟରେ ଆମେରିକା ନାଗାସାକି ଉପରେ 'ଫ୍ୟାଟ ମ୍ୟାନ' କୋଡ୍‌ନାମଯୁକ୍ତ ପରମାଣୁ ବୋମା ପକାଇଥିଲା। ଏହି ବିସ୍ଫୋରଣରେ ୭୪ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ ଏବଂ ଅନେକ ଲକ୍ଷ ଲୋକ ଆହତ ହୋଇଥିଲେ। ଏଥିସହ ବିକିରଣର ସଂସ୍ପର୍ଶରେ ଆସିଥିବା ଅନେକ ବ୍ୟକ୍ତିଙ୍କର ଦୀର୍ଘକାଳୀନ ଯନ୍ତ୍ରଣା ଏହି ଘଟଣାକୁ ଆହୁରି ଗମ୍ଭୀର କରି ଦେଇଥିଲା। ତେବେ ଏହି ଦିବସ ପରମାଣୁ ଯୁଦ୍ଧ ଏବଂ ଏହାର ଭୟଙ୍କର ପ୍ରଭାବକୁ ଗଭୀର ଭାବରେ ସ୍ମରଣ କରିବାର ଏକ ଦିନ। ଯାହା ସେହିଭଳି ଦୁଃଖଦ ଘଟଣାର ପୁନରାବୃତ୍ତିକୁ ଏଡ଼ାଇବା ଏବଂ ପରମାଣୁ ନିରସ୍ତ୍ରୀକରଣକୁ ପ୍ରୋତ୍ସାହିତ କରିଥାଏ। ଏହି ଦିନ ଜାପାନରେ ନାଗାସାକି ଶାନ୍ତି ସ୍ମାରକୀ ସମାରୋହ ଅନୁଷ୍ଠିତ ହୁଏ, ଏଥିରେ ପରମାଣୁ ବୋମା ବିସ୍ଫୋରଣରେ ମୃତକଙ୍କ ଆତ୍ମାର ଶାନ୍ତି ପାଇଁ ପ୍ରାର୍ଥନା କରାଯାଏ।


# Classified Everyday
0674-2580101, 9692975378



## REAL ESTATE

### SALE

**Need IDCO Land at Mancheswar and Rasulgarh area within @5000sqft-@10,000sqft. 7008398175.** D-1592

ଭୁବନେଶ୍ୱର ମଞ୍ଚେଶ୍ୱର, ବାଲିଅନ୍ତା ନିକଟରେ ଘରବାରୀ ପ୍ଲଟ୍ ବିକ୍ରି କରାଯାଉଅଛି। ଯୋଗାଯୋଗ- **7735922768.** D-1572

**One bounded Commercial plot touching to NH (Nakhara to Niali) 10km from Nakhara, 6500sft@ 2500/ sft, 3 sides Road: 7809525452.** D-76479

BDA Approved Apartment Near SumHospital, Kalinganagar, Times Gurukul, Duplex near CVRaman, Tamando, Bhubaneswar-7854015157 D-76295

ନୟାଗଡ଼ ଜିଲ୍ଲା ରଣପୁର ଥାନା ଅଧୀନ ସୁନାଖଳା ବଜାରରୁ ମାତ୍ର 300 ମିଟର ଦୂର ବିନୋଦପଡ଼ା ମୌଜାରେ ପାଚେରିହୋଇଥିବା 12 ଡିସିମିଲ ଜଗା ବିକ୍ରୟ ହେବ। ମୂଲ୍ୟ ମାତ୍ର 30 ଲକ୍ଷ। ଯୋଗାଯୋଗ: ୯୮୬୧୦୯୪୩୭୦, ୯୫୫୬୧୮୬୬୩୩. D- 1601

**Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call- 9861642492.** D-1376

ସାକ୍ଷୀଗୋପାଳ ଶ୍ରୀରାମଚନ୍ଦ୍ରପୁର ସ୍କୁଲ ପାଖରେ ପିଚୁରୋଡ୍‌କୁ ଲାଗି ଘରବାଡ଼ି ଜାଗା ରେଜିଷ୍ଟ୍ରେସନ ସହିତ ସୁଲଭମୂଲ୍ୟରେ କିଣନ୍ତୁ। ଯୋଗାଯୋଗ: 9090367570. D-1603




All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301


## AFFIDAVIT

By virtue of an affidavit sworn before the Executive Magistrate, Dharmasala. dated- 24.06.2025. I, Dhaneswar Mallik, At- Gehlei, P.O.- Kadampal, P.S.- Dharmasala, Dist.- Jajpur, Odisha, PIN- 755008 declare that I have changed my son name from Debu Malik to Dev Prasad Mallik. Henceforth, he shall be known as Dev Prasad Mallik for all future purposes.
Dhaneswar Mallik. D-1607

By virtue of an affidavit sworn before Executive Magistrate, Bhubaneswar, dated- 7th August 2025, I, Reena Polai, resident of At: Maa Mangala Basti, Unit-9, Bhoi Nagar, Bhubaneswar, Dist.- Khordha, Odisha, PIN- 751022 declare that I have changed the my minor daughter name from Sita Sethi to Sita Polai. Henceforth she shall be known as Sita Polai for all purposes.
Reena Polai. D-1600


**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com


By virtue of an affidavit sworn before Executive Magistrate, Bhubaneswar, dated- 7th August 2025, I, Reena Polai, resident of at: Maa Mangala Basti, Unit-9, Bhoi Nagar, Bhubaneswar, Dist.- Khordha, Odisha, PIN- 751022 declare that I have changed the my minor daughter name from Shikha Sethi to Sikha Polai. Henceforth she shall be known as Sikha Polai for all purposes.
Reena Polai. D-1599

I, **Sudha Devi,** W/o- Dhiraj Kumar Daga, resident of Lalwani Mohalla, New Line, Gangashahar, Dist.- Bikaner, State- Rajasthan, PIN- 334401, declare by this affidavit. No.- 763 dtd.- 07.08.25 that now onwards, I shall be known as **Sudha Devi Daga** for all future purposes. D-1598

I Hrushikesh Behera S/o- Anadi Behera, At/ P.O.- Surala, Bustand Street, Via-Girisola, P.S.- Golanthara, Dist- Ganjam declare by this affidavit No. A- 3667/08.08.2025 changed my daughter's name from Anuchaya Behera to Anusaya Behera. Henceforth, she shall be known as Anusaya Behera for all future purposes.
Hrushikesh Behera. D-1608

By virtue of an Affidavit sworn before Executive Magistrate, Bhadrak dtd- 07.07.2025 Manawara Bibi, W/o- SK Lokman, Vill- Patanasahi, Baliorada, P.S.- Purunabazar, Dist- Bhadrak, PIN- 756100 declare that I have changed my minor daughters name from Zinaf Quadri to Jaynab Quadri. Henceforth She shall be known as JAYNAB QUADRI for all purposes. D-1602

## LEGAL NOTICE

I.R. No.- 1360
Date- 04.08.2025

ମାନ୍ୟବର ଅତିରିକ୍ତ କମିଶନର, (ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଭା.ପ୍ର.ସେ.) ଅତିରିକ୍ତଙ୍କ ଅଦାଲତ ନ୨ମ୍ବର, ୪ର୍ଥ ମହଲା, ହେଡ୍ ଅଫ୍ ଡିପାର୍ଟମେଣ୍ଟ, ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓଡ଼ିଶା ସର୍ଭେ ଓ ସେଟେଲ୍‌ମେଣ୍ଟ ୧୯୫୮ ଆଇନ ଧାରା ୧୫ (ଖ) ଅନୁଯାୟୀ
ଓ.ଏସ୍.ଏସ୍. କେସ୍ ନମ୍ବର- ୯୧୯/୨୦୧୯

୧. ରାଜଶ୍ରୀ ରାଉତ
...ବାଦୀ

ବନାମ

ପ୍ରାପ୍ତେଷୁ,
୧. ନାରଣ ପାଣି, ପିତା- ମଦନ ପାଣି, ଠିକଣା- ସା/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
....ପ୍ରତିବାଦୀ-୨
୨. ଅରକ୍ଷିତ ପାଣି, ପିତା- ଶ୍ରୀଧର ପାଣି, ସା/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା
....ପ୍ରତିବାଦୀ ନଂ.-୩
୩. ସଚ୍ଚିଦାନନ୍ଦ ଜଗଦେବ, ପିତା- କୁବେର ଚନ୍ଦ୍ର ଜଗଦେବ, ଠିକଣା: ପ୍ଲଟ୍ ନଂ.- ଏନ୍- ୩/୯୪.ଆଇ.ଆର୍.ସି. ଭିଲେଜ, ଥାନା- ନୟାପଲ୍ଲୀ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ୪.ପ୍ରଫୁଲ୍ଲ କୁମାର ରାୟବିଧାର, ଅଧକ୍ଷା, ବସୁନ୍ଧରା ଡେଭଲପର, ଠିକଣା: ଘର ନଂ. ୨, ଏମ୍.ଆଇ.ଜି., ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
...ପ୍ରତିବାଦୀ ନଂ.-୫
....ପ୍ରତିବାଦୀମାନେ

ନୋଟିସ ଅର୍ଡର-୫, ରୁଲ୍-୨୦ ମୁତାବକ

ଏତଦ୍ୱାରା ସମସ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇଦିଆଯାଉଛି ଯେ ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର କମିଶନର, ଅତିରିକ୍ତ ଅଦାଲତ ନଂ.-୨, ଇଜିଲାସ, ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୦୯।୦୯।୨୦୨୫ରିଖ ଦିବା ୧୧.୩୦ ମିନିଟ୍‌ରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ମୌଜା- ଭୁଆସୁଣୀ, ଥାନା- ଚନ୍ଦକା, ତହସିଲ- ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା। ସାବକ ଖାତା ନମ୍ବର- ୧୯୧, ପ୍ଲଟ୍ ନଂ.- ୪୩୬ (ପାର୍ଟ), ରକବା- ଏ୧.୧୦୮ଡିସିମିଲ ସ୍ୱଧରୁ ଏ.୦.୦୫୫ଡି., ସ୍ୱତ୍ୱ- ସ୍ଥିତିବାନ୍, ହାଲ୍ ଖାତା ନଂ.- ୧୧୨୨, ପ୍ଲଟ୍ ନଂ.- ୧୯୬୮, ରକବା- ଏ୦.୩୭୦ଡିସିମିଲରୁ ଏ୦.୦୫୫ଡିସିମିଲ ଓ.ଏସ୍.ଏସ୍. ନମ୍ବର- ୯୧୯/୨୦୧୯ ଘରଦାବି ରକବା, ସ୍ୱତ୍ୱ- ସ୍ଥିତିବାନ୍

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଓ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା:
ଭୁବନେଶ୍ୱର

ମାନ୍ୟବର ଅତିରିକ୍ତ ଆୟୁକ୍ତ, ରିଭିଜନ ଅଦାଲତ ନ୨ମ୍ବର, ଭୁବନେଶ୍ୱର
ଆଦେଶକ୍ରମେ
ସ୍ୱା./- କୋର୍ଟ ଅଧିକାରୀ
ଧ-୧୬୦୬

Letter No.- 1539, Date- 02.08.2025

ମାନ୍ୟବର ଆଡିସନାଲ କମିସନର ଶ୍ରୀ ପ୍ରଦୀପ କୁମାର ନାୟକ (ଭା.ପ୍ର.ସେ.) ଆଡିସନାଲ ରିଭିଜନ କୋର୍ଟ ନଂ.-୪ଙ୍କ ଅଦାଲତ, ଭୁବନେଶ୍ୱର ୪ର୍ଥ ମହଲା ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର
O.S.S. Case No.- 248/2024

ଶ୍ରୀ ସାଧୁଚରଣ ସାମନ୍ତରାୟ ....ବାଦୀ/ଦରଖାସ୍ତକାରୀ

ବନାମ

ଶ୍ରୀଧର ବିଶ୍ୱାଳ ଓ ଅନ୍ୟମାନେ ....ପ୍ରତିବାଦୀ/ଅପରପକ୍ଷ

ପ୍ରାପ୍ତେଷୁ,
୧. ସୁରଥ ଗଜେନ୍ଦ୍ର, ବ୫୦ର୍ଷ, ପିତା- ମନ୍ଦ୍ର ଗଜେନ୍ଦ୍ର .....ପ୍ରତିବାଦୀ ନଂ.୬
୨. ଧନି ଗଜେନ୍ଦ୍ର, ବ୫୦ର୍ଷ, ପିତା- ସୁଦର୍ଶନ ଗଜେନ୍ଦ୍ର ....ପ୍ରତିବାଦୀ ନଂ.-୮
୩. ଭଜନୀ ଗଜେନ୍ଦ୍ର ବ୬୫ର୍ଷ, ପିତା- ମହନି ଗଜେନ୍ଦ୍ର ...ପ୍ରତିବାଦୀ ନଂ.- ୧୨
ପ୍ରତିବାଦୀ ନଂ. ୧ ଠାରୁ ନ୩ମ୍ବର ଠିକଣା ଗ୍ରାମ/ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ନୋଟିସ

ସିପିସି ଅର୍ଡର-୫, ରୁଲ୍- ୨୦, ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ ୧୯୫୮, ଧାରା- ୧୫ (ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.-୪ ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ସାଧୁଚରଣ ସାମନ୍ତରାୟ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମୋକଦ୍ଦମା ଦାଏର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀମାନଙ୍କ ଠିକଣାରେ ନୋଟିସ ରେଜେଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା। କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରି ଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀମାନଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ ଉପରୋକ୍ତ ରିଭିଜନ କେସର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ.-୪ ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୨୦।୧୦।୨୦୨୫ରିଖ ଦିବା ୧୧.୩୦ ଘଟିକା ସମୟେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ବୃତ୍ତି

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ମୌଜା- ଭାଲୁଙ୍କା, ସାବିକ ଖାତା ନଂ.- ୪୨, ସାବିକ ପ୍ଲଟ୍ ନଂ.- ୨୧୧, ଏରିଆ ଏ୨.୨୭୫ଡି ଓ ସାବିକ ପ୍ଲଟ୍ ନଂ.- ୨୨୧, ଏରିଆ ଏ୨.୦୩୫ଡି

ଏହାର ହାଲ୍ ଖାତା ନଂ.-୧୪୪, ହାଲ୍ ପ୍ଲଟ୍ ନଂ.- ୩୮୫, ଏରିଆ ଏ୦.୦୩୨୦ଡି। କିସମ- ତଇଲା
ହାଲ୍ ପ୍ଲଟ୍ ନଂ.୩୮୬, ଏରିଆ ଏ୦.୦୦୬୦ଡି.। କିସମ- ତଇଲା, ହାଲ୍ ପ୍ଲଟ୍ ନଂ. ୩୯୨, ଏରିଆ ଏ୦.୦୬୮୦ଡି.। କିସମ-ତଇଲା, ହାଲ୍ ପ୍ଲଟ୍ ନଂ. ୩୯୪, ଏରିଆ ଏ୦.୧୧୦୦ଡି.।କିସମ-ତଇଲା, ହାଲ୍ ପ୍ଲଟ୍ ନଂ.୩୯୬, ଏରିଆ ଏ୦.୧୩୫୦ଡି.। କିସମ- ତଇଲା, ହାଲ୍ ପ୍ଲଟ୍ ନଂ. ୪୦୫, ଏରିଆ ଏ୦.୫୩୫୦ଡି.। କିସମ- ତଇଲା, ହାଲ୍ ପ୍ଲଟ୍ ନଂ. ୪୦୬, ଏରିଆ ଏ୦.୧୮୫୦ଡି.। କିସମ- ତଇଲା, ହାଲ୍ ପ୍ଲଟ୍ ନଂ. ୪୫୫, ଏରିଆ ଏ୦.୦୦୮୦ଡି.। କିସମ- ତଇଲା, ହାଲ୍ ପ୍ଲଟ୍ ନଂ. ୪୩୦, ଏରିଆ ଏ୦.୧୩୦୦ଡି.। କିସମ- ପତିତ

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀମାନେ ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

ସ୍ୱା./- ଆଡିସନାଲ ରିଭିଜନ କୋର୍ଟ ନଂ.-୪, ଭୁବନେଶ୍ୱରଙ୍କ ଆଦେଶକ୍ରମେ
କୋର୍ଟ ଅଫିସର
ଧ-୧୬୦୪


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition:
**dharitriepaper.in**

# ଅବ୍ୟକ୍ତ ଅନ୍ଧାର

**ଗଳ୍ପ**

**ଝରଣା ପଟ୍ଟନାୟକ**

ବୈଶାଖ ଆକାଶରୁ ଅଦିନିଆ ବର୍ଷା ବାଦଲ ଓହରିଗଲେଣି। ପାଣି ଲୁଡୁପୁଡୁ ଘାସ। ସନ୍ତୋଷ ବାବୁ ପୋର୍ଟିକୋ ତଳକୁ ଓହ୍ଲେଇ ଆସିଲେ। ବର୍ଷାଦିନ ଆଗରୁ ଫୁଲ, ଫଳ, ପନିପରିବା ମାଟିକୁ ସଜାଡ଼ିବାକୁ ପଡ଼ିବ। ନୂଆ ଘର ସାମ୍ନାରେ ହେବ ଲନ୍। ଫୁଲ ବଗିଚା। ଘର ପଛପାଖରେ ଥିବା ଗୋଟେ ଅଣଓସାରିଆ ଜାଗାରେ ହେବ ପନିପରିବା ଚାଷ। ସ୍ଥାୟୀ ଗଛପୋତିବା ପାଇଁ ବିଭିନ୍ନ କୋଣଗୁଡ଼ିକରେ ଜାଗା ଦେଖିବାକୁ ପଡ଼ିବ। ଆଜିକାଲି ପାଣିପାଗକୁ ଭରସା ନାହିଁ। ଦେହର ରୋଗ ନିରାକରଣ ଔଷଧକୁ ବି ବିଶ୍ୱାସ ନାହିଁ।

ସେଦିନ ସ୍ୱଦେଶ ହସ୍ପିଟାଲରେ କିଡ୍‌ନୀ ଡକ୍ଟର କହିଲେ- "ଶାରୀରିକ ପରିଶ୍ରମରୁ କ୍ଷାନ୍ତ ହୁଅନ୍ତୁ ସାର୍!" ସୁନୟନା ହସିଦେଲେ। କହିଲେ, ସେ ଶୁଣନ୍ତିନି କାହାକଥା। ଗଛରୁ ପତ୍ରଟେ ପଡ଼ିଲେ ତାକୁ ଉଠେଇଦିଅନ୍ତି। ପକାନ୍ତି ଡଷ୍ଟବିନ୍‌ରେ।

ମନ ମାନେନି ସନ୍ତୋଷ ବାବୁଙ୍କର। ବାରି ବଗିଚାକୁ ଶୂନ୍ ରଖିବା ପାଇଁ ସେ ଚାହାନ୍ତିନି। ଯଦି ବା ନଇଁ ଗଲାଣି କାନ୍ଧ। ବେକ ବ୍ୟଥା ବି ଅସମ୍ଭାଳ। ଚମ୍ପା, ମାଳତୀ, ସେବତୀ ଭଳି ଗଙ୍ଗଶିଉଳି ଗଛମାନ ଅଝାଡ଼ ବର୍ଷାରେ ବେକ ଭାଙ୍ଗି ଉଠିବା ପରି ସେ ବି ଠିଆହୋଇ ପଡ଼ନ୍ତି। ଖରା ଆଉ ଆହାର ପାଇ ଯେମିତି ଉଠିବସନ୍ତି ଗଛମାନେ। ବର୍ଷାମାଡ଼ରେ ଚଢ଼େଇବସା ଗଛ ଖୋଲରୁ ଝୁଲିଲେ ବି ଚଢ଼େଇମାନେ ପୁଣି କାଠିକୁଟା ଯୋଡ଼ି ନିଜପାଇଁ ସ୍ଥାନ ତିଆରି କରିଦେବେ। ସନ୍ତୋଷ ବାବୁଙ୍କ ମନ ସେଇଥିରେ।

ସନ୍ତୋଷ ବାବୁଙ୍କର କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ହେବ। ଆବଶ୍ୟକ ଅର୍ଥ ଯୋଗାଡ଼ ହୋଇ ପାରୁନାହିଁ। ସରକାରଙ୍କର ସ୍ୱାସ୍ଥ୍ୟ ଯୋଜନା ବିଜ୍ଞାପନରେ ଅଟକିଛି। ଲାଗୁ ହୋଇ ନାହିଁ ଏଯାଏଁ। ମନ ଭିତରେ ଏତେଗୁଡ଼ାଏ କଥା ତର୍ଜମା କରୁକରୁ ସନ୍ତୋଷ ବାବୁ ଆସି ବାରଣ୍ଡା ଚଉକିରେ ବସିସାରିଥିଲେ। ସୁନୟନା ଚା କେଟ୍‌ଲି ଟ୍ରେରେ ବିସ୍କୁଟ୍ ଆଉ ପାଣି ବୋତଲ ଧରି



ପହଞ୍ଚିଲେ। ଓଠ ବନ୍ଦ। ଆଖି ଛଳଛଳ। ସ୍ୱାମୀ ଦିନକୁ ଦିନ ରୁଗ୍‌ଣ ଜଣାପଡ଼ିଲେଣି।

ସନ୍ତୋଷ ବାବୁ ହସିଦେଲେ। ଭିତରର ବିଷଣ୍ଣତାକୁ ସୁନୟନାକୁ ଦେଖେଇଲେ ସେ ବିଚଳିତ ହେବେ। କହିଲେ, "ନୂଆ କପ୍ ସେଟ୍‌ଟାକୁ କାହିଁକି ସାଇତି ରଖିଛ ସୁନୟନା? ଦିନ ଦିନ ଧରି ଗରମ ମାଡ଼ରେ ଗାର ପଡୁଥିବା କପ୍‌ରେ ମୁଁ ଚା ପିଉଥିବି? ଯା' ନୂଆ କପ୍ ଆଣ।" ସତରେ ତ? ଗୋଟେ ଆପେକ୍ଷିକ ବିପଦକୁ ମନ ଭିତରେ ରଖି ସେ ଘାଣ୍ଟିଚକଟି ହେଉଛି। ଯାଇ ନୂଆ କପ୍ ପ୍ଲେଟ୍ ଆଣି ଟେବୁଲ୍ ଉପରେ ରଖିଲା ସୁନୟନା। କେଟ୍‌ଲିରୁ ଚା' ଢାଳିଲା।

ସନ୍ତୋଷ ବାବୁଙ୍କର ପିଇବା ଖାଇବାର ଅଭ୍ୟାସ ପରିପାଟୀ ଅତ୍ୟନ୍ତ ସ୍ୱତନ୍ତ୍ର। କ୍ଷୀର ଚା' ଦେହ ପାଇଁ ଖରାପ ଜାଣି ବି ସନ୍ତୋଷ ବାବୁ ବରାଦ କରନ୍ତି ସ୍ପେଶାଲ ଚା'। ଯୁଟନ୍ତି ସ୍କୁଲ ବେଳର ସାଙ୍ଗ ଅଭିଜିତ୍ ବାବୁ। ସାଙ୍ଗ ସନ୍ତୋଷର ଖାଇବା, ବସିବା, କଥା କହିବାରେ ବିଦେଶୀ ଢଙ୍ଗକୁ ଟାପରା କରନ୍ତି ସେ। ସାମାନ୍ୟ ହେଡ୍‌କ୍ଲର୍କଟିଏ ହୋଇ ଅବସର ନେଲା ପରେ ବି ବୁନିଆଦି ଢଙ୍ଗଟାକୁ ଜାକିଛନ୍ତି ସନ୍ତୋଷ ବାବୁ। ପିନ୍ଧାପିନ୍ଧି, ବସାଉଠା ସବୁଥିରେ ସଫାସୁତୁରା ଉପରେ ନଜର।

ଅଭିଜିତ୍ ବାବୁ ପହଞ୍ଚିଥିଲେ। ଚା' ପିଆ ସରିଥିଲା। ଅଭିଜିତ୍ ବାବୁ କହିଲେ, "ତତେ ଗୋଟେ ନୂଆ ଖବର ଦେବି ସନ୍ତୋଷ। ଆଜିର ତାଜା ଖବର। ଆୟୁଷ୍ମାନ୍ ଯୋଜନା ଏଇ ଦଶ ତାରିଖରୁ ଲାଗୁହେବ। ସତୁରି ବର୍ଷରୁ ଉର୍ଦ୍ଧ୍ୱମାନଙ୍କୁ ମାଗଣା ଚିକିତ୍ସା। ବ୍ୟସ୍ତହନା। ଭାଉଜ ତ ଗୋଟେ କିଡ୍‌ନୀ ଦେବେ। ଆସନ୍ତା ସପ୍ତାହରେ କାମଟା ତୁଟେଇ ଦେବା।"

ପହିଲି ବୈଶାଖରେ ଖରାର ଧାସକୁ ଭ୍ରୂକ୍ଷେପ ନ କରି ଓହ୍ଲେଇ ପଡ଼ିଲେ ପିଣ୍ଡାତଳକୁ ସନ୍ତୋଷ ବାବୁ। ପାଣିଭିଜା ଘାସରେ ହାତ ମାରି ଚାଲିଲେ। ଖୁସିରେ ଫାଟି ପଡୁଥିଲେ। ତାଙ୍କ ପାଚେରି ଆରପାଖେ ଥିବା କଷ ଆମ୍ବଗଛରେ କଷିଆମ୍ବ ପେଣ୍ଡାର ଦୋଳି ଖେଳ, ଉଡ଼ା ଚଢ଼େଇଙ୍କର ଚେଁ ଚାଁ ଶବ୍ଦରେ ପରିବେଶ ମୁଖରିତ। ଚାରିଆଡ଼େ ଫୁଲ ଫଳର ବାସ୍ନା। ହସ୍ପିଟାଲ୍‌ରୁ ଫେରିଲେ ଯାଇ ଗଛ ଲଗେଇବାରେ ମନ ଦେବେ ସନ୍ତୋଷ ବାବୁ।

ଆଜି ହସ୍ପିଟାଲକୁ ଯିବେ ସେ। ସାଙ୍ଗ ଅଭିଜିତ୍ ଯୋଗାଯୋଗ କରି କିଡ୍‌ନୀ ନେଲାବାଲା କିଡ୍‌ନୀ ଦେଲାବାଲାଙ୍କ ପାଇଁ ବେଡ୍, ଆଇସିୟୁର ବନ୍ଦୋବସ୍ତ କରିସାରିଛି। ଆୟୁଷ୍ମାନ୍ ଯୋଜନାର ଅନ୍ତର୍ଭୁକ୍ତ ହେଲେ ବି ଅର୍ଥ ଅକୁଳାଣ ହେବ। ବହୁ କଷ୍ଟରେ ଯୋଗାଡ଼ ହୋଇଛି ଟଙ୍କା। ହସ୍ପିଟାଲ ଖର୍ଚ୍ଚ କେତେ ଅଧିକା ହେବ କୋଉଠୁ ଭରଣା ହେବ ପଛରେ ବୁଝାବୁଝି ହେବ।

ଏବେ ସେମାନେ ହସ୍ପିଟାଲ ଭିତରେ। ଦୁଇଜଣଯାକ ପ୍ରସ୍ତୁତ। ଦେବାପାଇଁ, ନେବାପାଇଁ। ଯେତେ ଟେଷ୍ଟ ହେବା କଥା ହୋଇସାରିଛି। ଅଭିଜିତ୍‌ବାବୁ ଆସି ହସିହସି କହିଲେ, ଅଦ୍ଭୁତ ନିୟମ ସବୁ କରିଛନ୍ତି ସରକାର। ସିରିୟସ୍ ରୋଗୀ ଆଇସିୟୁରୁ ବାହାରିଲା ପରେ ରହିବ ଜେନେରାଲ ୱାର୍ଡ଼ରେ। କ୍ୟାବିନ ମିଳିବ ନାହିଁ ତାକୁ।

ସନ୍ତୋଷ ବାବୁ ଓ ସୁନୟନା କେବଳ ଶୁଣୁଥିଲେ ସମସ୍ତଙ୍କ କଥାକୁ। ଚାହାଣିରେ ଥିଲା ଦୁଇଜଣଙ୍କର ବିକଳଚିତ୍ର। ଛାତି ଧଡ଼ପଡ଼। ମନ ଛଟପଟ। ଦେହ ନିଶ୍ଚଳ। ଅପେକ୍ଷା କରିଥିଲେ ଡାକରାକୁ। କିଛି ସମୟ ପରେ ଅଭିଜିତ୍ ବାବୁ ପହଞ୍ଚିଲେ। ଗମ୍ଭୀର ମୁହଁ। ଓଠ ଶବ୍ଦ ବାହାର କରିବାକୁ ଅନିଚ୍ଛୁକ। ଠିଆ ହୋଇଥିଲେ ଦାରୁଭୂତ ପରି। ତାଙ୍କୁ ହଲେଇ ଦେଇ ସନ୍ତୋଷ ବାବୁ କହିଲେ, "କ'ଣ ହୋଇଛି କହୁନୁ ଅଭିଜିତ୍।"

ଯୋଜନା ଲାଗୁ ହେବାପାଇଁ ଏ ହସ୍ପିଟାଲକୁ ଚିଠି ଆସିନାହିଁ।

ଅବାକ୍ ସେମାନେ। ସୁନୟନା କହିଲେ, ତେବେ ସବୁଗୁଡ଼ା ଟେଷ୍ଟ କରି ଆମକୁ ପଚାଶ ହଜାର ଟଙ୍କା ଖର୍ଚ୍ଚ କରେଇଲା ଏ ଡାକ୍ତରଖାନା କାହିଁକି?

ଝାଳରେ ଜୁଡୁବୁଡୁ ସନ୍ତୋଷ ବାବୁ। ଆଖି ଡିମାଡିମା। ଆଲୁଅ ଯେମିତି ସରିସରି ଆସୁଥିଲା ଡୋଳାରୁ। ସୁନୟନା ଚାପି ପକେଇଲେ ସ୍ୱାମୀଙ୍କର ପାପୁଲି। ଥଣ୍ଡା। ଦେହ ବି ଥଣ୍ଡା। ପାଦ ବି ଥଣ୍ଡା। ଅବ୍ୟକ୍ତ ଅନ୍ଧାର ଛାଇଗଲା ଚାରିଆଡ଼େ। ହତାଶା ମୃତ୍ୟୁ ହୋଇ ଜାବୁଡ଼ି ଧରିଲା ସନ୍ତୋଷ ବାବୁଙ୍କୁ।

ମୋ: ୯୪୩୭୫୪୪୦୪୫

## ପୁସ୍ତକ ପରିଚୟ

### ଜାତୀୟ ଶିକ୍ଷାନୀତି ୨୦୨୦: ଏକ ଅନୁଶୀଳନ




**ଲେଖକ:** ଡ. ମନୋରଞ୍ଜନ ପ୍ରଧାନ
**ପ୍ରକାଶକ:** ଏଥେନା ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୦୦/-

ଆଲୋଚ୍ୟ ପ୍ରବନ୍ଧ ସଂକଳନଟି ଲେଖକଙ୍କର ପ୍ରଥମ ପ୍ରବନ୍ଧ ପୁସ୍ତକ, ଯାହା ଭାରତ ସରକାରଙ୍କ ନୂତନ ଶିକ୍ଷାନୀତିର ଏକ ପୁଙ୍ଖାନୁପୁଙ୍ଖ ବିଶ୍ଳେଷଣ। 'ଉପକ୍ରମଣିକା'ରେ ଲେଖକ ଲେଖିଛନ୍ତି: "ଦୀର୍ଘ ୩୪ ବର୍ଷ ପରେ ଭାରତୀୟମାନେ ପାଇଛନ୍ତି ସ୍ୱାଧୀନ ଭାରତର ତୃତୀୟ ଶିକ୍ଷାନୀତି, ଯାହା ଜାତୀୟ ଶିକ୍ଷାନୀତି ୨୦୨୦ ନାମରେ ନାମିତ। ଏହା ମଧ୍ୟ ଏକବିଂଶ ଶତାବ୍ଦୀର ପ୍ରଥମ ଜାତୀୟ ଶିକ୍ଷାନୀତି, ଯାହାକି ସ୍ୱାଧୀନତାର ଅମୃତକାଳରେ କାର୍ଯ୍ୟକାରୀ ହୋଇଛି ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ପାଇଁ। ଅର୍ଥାତ୍ ଏହି ଶିକ୍ଷାନୀତି ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଦିଗବାରେଣି ଭାବେ କାର୍ଯ୍ୟ କରିବ ବୋଲି ଆଶା କରାଯାଏ।" ଲେଖକ ଉଲ୍ଲେଖ କରିଛନ୍ତି ଯେ, ଏହି ଶିକ୍ଷାନୀତି ୧୯୬୮ରୁ ପ୍ରଣୀତ ସମସ୍ତ ଶିକ୍ଷାନୀତି ଓ ଜଷ୍ଟିସ୍ ବର୍ମା କମିଶନ ରିପୋର୍ଟ ୨୦୧୨ର ପଦକ୍ଷେପ ଏବଂ ପରାମର୍ଶକୁ ସମ୍ମାନ ଦେଇ ପ୍ରଣିଧାନଯୋଗ୍ୟ ବିଷୟକୁ ଗ୍ରହଣ କରିଛି। ଆଲୋଚ୍ୟ ସଂକଳନରେ ୨୦୨୦ ଜାତୀୟ ଶିକ୍ଷାନୀତି ଅନୁମୋଦିତ ବିଭିନ୍ନ ପ୍ରସ୍ତାବ ଓ ପ୍ରସଙ୍ଗଗୁଡ଼ିକ ଆଲୋଚନା କରାଯାଇଛି ମୋଟ ୩୦ଟି ପ୍ରବନ୍ଧରେ। ପ୍ରବନ୍ଧଗୁଡ଼ିକ ସାପ୍ତାହିକ 'ରାଷ୍ଟ୍ରଦୀପ'ରେ ଧାରାବାହିକ ଭାବେ ପ୍ରକାଶିତ ହେବା ପରେ ଗ୍ରନ୍ଥରୂପ ପରିଗ୍ରହଣ କରିଛି। ବିଶ୍ଳେଷିତ ଶିକ୍ଷାନୀତିରେ ବିଦ୍ୟାଳୟ ଶିକ୍ଷା, ଉଚ୍ଚଶିକ୍ଷା, ଶିକ୍ଷଣ ଓ ମୂଲ୍ୟବୋଧ ନୀତି, ମାତୃଭାଷା, ପ୍ରଯୁକ୍ତିବିଦ୍ୟା, ଭାରତୀୟ ଜ୍ଞାନ ପରମ୍ପରା ଓ ବୃତ୍ତିଗତ ଶିକ୍ଷା ଆଦି କିପରି ଗୁରୁତ୍ୱ ପାଇଛି, ତା'ର ତର୍ଜମା ଲେଖକ ସଂକଳନସ୍ଥ ପ୍ରବନ୍ଧଗୁଡ଼ିକରେ ଆଶାନୁରୂପ ଭାବେ କରିଛନ୍ତି। ଜାତୀୟ ଶିକ୍ଷାନୀତି-୨୦୨୦ ସମ୍ବନ୍ଧରେ ଏହା ଶିକ୍ଷକ, ଶିକ୍ଷାର୍ଥୀ ଓ ଶିକ୍ଷାନୀତି ପ୍ରଣେତାମାନଙ୍କୁ ଦିଗ୍‌ଦର୍ଶନ ଯୋଗାଇଦେବ ବୋଲି ଆଶା।

### ସୂର୍ଯ୍ୟ ଉଇଁବାର ବେଳ




**କବି:** ଅରୁଣ କୁମାର ସାହୁ
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ମୋଟ ୨୪ଟି ସାନବଡ଼ କବିତାକୁ ନେଇ ଆଲୋଚ୍ୟ ସଂକଳନର ପରିକଳ୍ପନା କରାଯାଇଛି। ମୁଖବନ୍ଧରେ କବି ଲେଖିଛନ୍ତି: "ଯାହା ସଚରାଚର ଦେଖାଯାଏ ବା ଲେଖାଯାଏ, ମୋ ଲେଖାରେ ମୁଁ ସେମିତି ଭାବିପାରି ନ ଥାଏ। x x ମୋର ଏ 'ବିପ୍ଳବର କବିତା'ର କଳେବର ମଧ୍ୟରେ ପ୍ରେମର କବିତାଗୁଡ଼ିକୁ ମୁଁ ଅନ୍ତର୍ଭୁକ୍ତ କରିନାହିଁ। ବିପ୍ଳବର କବିତା ନିରୁତା ବିପ୍ଳବର କଥା ନେଇ ବର୍ଣ୍ଣିତ। x x କବିତା ମାଧ୍ୟମରେ ସାଧାରଣ ଜନତାର କଥା କହିଛି x x। ମୋର ଏ ସବୁ ଭାବନାର ଉଦ୍‌ଗିରଣକୁ କିଏ ବାମପନ୍ଥୀ କୁହେ ତ କିଏ ଦକ୍ଷିଣପନ୍ଥୀ ବା ରାଷ୍ଟ୍ରବାଦୀ କହିପକାଏ। ମୋ ଚାରିପାଖରେ ଘଟୁଥିବା ଶହଶହ ଘଟଣା ମୋତେ ବିଚଳିତ କରିଦିଏ ବାରବାର। x x ବିପ୍ଳବର କିଛି କବିତା ଲେଖିହୋଇଯାଏ ଛାଏଁଛାଏଁ।" ପୁସ୍ତକର କବିତାଗୁଡ଼ିକରୁ କିଛି ପଙ୍‌କ୍ତି ଆମେ ନେବା କବିଙ୍କ ମନୋଜଗତକୁ ବୁଝିବା ପାଇଁ- ୧. "ଆସ ଆସ ଦୁଆରୁ କାଳି କାଢ଼ିଦେବା/ ଜାଳିଦେଇ କବିତାର ଖାତା ଖତିୟାନ/ ବନ୍ଧୁକରେ ଗୁଳି ଭର ବନ୍ଧୁ/ ସଜହୁଅ କ୍ରାନ୍ତିର କିଛି ହଳ ଚଳେଇବା।" (କ୍ରାନ୍ତିର କିଛି ହଳ ଚଳେଇବା, ପୃ:୧୫), ୨. "ସବୁ ଗଳିରେ ଏବେ ମଦର ପସରା/ ଛକଛକରେ ବସିଛି ସାହିତ୍ୟ ଆସର/ ମଦ ଆଉ କବିତାର ଯୁଗଳବନ୍ଦୀରେ/ ଅସ୍ମିତା କାଠଗଡ଼ାରେ ଚାଲିଛି ବିଚାର।" (ବିପ୍ଳବର କବି, ପୃ:୬୩), ୩. "ଆସ ଆମେ ନକ୍ସଲଙ୍କୁ ବଳଦେବା/ ସରକାରୀ ପୁଲିସଙ୍କୁ ବଳି/ କାଶ୍ମୀର ଘାଟିରେ ଆମେ/ ପାକିସ୍ତାନୀ ଗଣିତ କଷିବା।" (ଚାଲ ସବୁ ରାସ୍ତା ଭାଙ୍ଗିଦେବା, ପୃ:୧୪୩)। ଏ ସବୁରୁ ମନେହୁଏ, ଅରୁଣ ପ୍ରତିବାଦୀ କବି, କିନ୍ତୁ ତାଙ୍କ ପ୍ରତିବାଦର ସ୍ୱର ପରିପକ୍ୱତାର ସହ ସଂଗଠିତ ହେବାକୁ ତାଙ୍କଠାରୁ ଅଧିକ ନିଷ୍ଠା ଆବଶ୍ୟକ କରୁଛି।

## କବିତା

### ହାଟରୁ ଫେରିବା ବେଳେ

**ଅଶ୍ୱିନୀ କୁମାର ରାୟ**

କାହିଁ କେହି ତ କିଛି କହି ନ ଥିଲେ ମୋତେ
ହାଟରୁ ନେବା ପାଇଁ।
ଏତେ ତରବରରେ କିଆଁ ମୁଁ ପାଦ ଭିଡୁଚି
ଅତଡ଼ା ଖାଉଥିବା ନଈକୂଳେ
କେବେ କୁମ୍ଭୀର ମୁହଁରେ ତ
ଆଉ କେବେ ବାଘର ମୁହଁରେ।

ନୂଆ ନୁଗା, କେଇପଟ ଚୁଡ଼ି
ଅଳତା, ସିନ୍ଦୂର ପାଇଁ
ଏତେ ଗହକିଙ୍କ ଭିଡ଼, ଟଣା ଘୋଷରା।
ଦିନ ଗଡ଼ିଯିବ କି ଆଉ
କଣ୍ଟାବୁଦା ଦୋଛକି ରାସ୍ତାରେ
ଏମିତି ବାଟ ଭାଙ୍ଗି ଏକମୁହାଁ ହୋଇ
ଧାଇଁବାକୁ ପଡ଼ିବ!

ବାଟ ଜଗି ବସିଥିବ ବୋଉ
ଦାଣ୍ଡ ପିଣ୍ଡାରେ।
ରାତି ଭାତ ନ ଖାଇ
ହମା ଦେଉଥିବ ଗୋଠ ଗାଈ।
ପାଣି ଦେବାକୁ ପଡ଼ିବ ଗଲେ
ମଲ୍ଲୀ କି ଶଜନା ଗଛରେ
କୂଅମୂଳ ବାରି ଶାଗ ପଟାଳିରେ।
କୁଆଁତାରା ମିଟିମିଟି କରୁଥିବ ଆଖି
ଯେ' ଯୁଆଡ଼େ ଶୋଇବାକୁ ହେବେଣି ତୟାର।

ସଅଳ ସଅଳ ମୁଁ ପାଦ ପକେଇ
ଯାଉଛି ଗୋଟେ ପରେ ଗୋଟେ
ଉତ୍ତାଳ ଲହରେ। ଏ ଉଜାଣି ସମୁଦ୍ରେ।

ଏତେ ଭିଡ଼, ଏତେ ମାଗୁଣି
ଏତେ ଯାଚନା, ଏତେ ବାହୁନା
ପୁଣି କାହିଁକି ଗହଳି ଏତେ
ଦୋକାନ ସାମ୍ନାରେ?
କେଇପଟ ପାଣିକାଚ,
ମାଟି କଳସୀ, ଭଙ୍ଗା ଆରିଶି
କସ୍ତା ନୁଗା, ଖଇ-କଉଡ଼ି, ଲୁଣ ମାଣେ
ମୁଠେ ସୋରିଷ କି ଫୁଲ ମାଳଟିଏ ନେଇ
କେତେ ତୁଚ୍ଛା ଗୋଳ ଏ ହାଟକୁ ନେଇ
ମିଛେ ଜୀବନଯାକରେ।

ଏମ୍‌ଆଇଜି-୨/୨୨୧, ତୃତୀୟ ସୋପାନ,
କଳିଙ୍ଗ ବିହାର, ରାଉରକେଲା
ମୋ: ୯୪୩୭୫୦୧୨୫୯

**ମିନି କବିତା**

### ଏକା କଥା ନୁହେଁ

**ଶିବ ମିଶ୍ର**

ଭଲ ପାଇବା ଆଉ
ଭଲ କଥା କହିବା,
ଏକା କଥା ନୁହେଁ।
ଭଲ ପାଇବା ତ
ଭାବନାରେ ଛନ୍ଦି ହୋଇ
ବନ୍ଦୀ ପରି ରହିଥାଏ
ବିଶ୍ୱାସର ପଥର ଘରେ,
ଆଉ କଥା ତ ପବନରେ ଗଢ଼ା
କେବେ ଉତ୍ତରକୁ କେବେ ପୁଣି
ଦକ୍ଷିଣକୁ ଉଡ଼ିଯାଏ, ବେଳ ଅବେଳରେ ॥

ମୋ: ୯୮୫୩୦୭୦୦୧୮

### ତନ୍ମୟ ପ୍ରଣତି

**ସନ୍ନ୍ୟାସୀ ନାୟକ**

ଗୋଟେ ରାତି ଭିତରେ
ଏ କାହାଣୀକୁ ସାରିବାକୁ ହେବ,
ରାତି ପାହିଲେ ଫୁଲ ଫୁଟିଯିବ,
ପବନ ଉଡ଼ି ଉଡ଼ି ମହକ ବାଣ୍ଟିବ।

ଭୁଲି ହେବନି
ଏ ମହୁ ମୁହାଣ ରାତି,
ଥରଥର ଆଲିଙ୍ଗନ
ଭୟମିଶା, ତନ୍ମୟ ପ୍ରଣତି,
କାକୁତିମିନତି ଭିତରେ
ଶିହରିତ ରତି।

ଫେରାଇ ହେବନି
ତୁମର ନିବିଡ଼ ହସ୍ତାକ୍ଷର
ପ୍ରେମଭିଜା ରକ୍ତ,
କସ୍ତୁରୀରେ ମହମହ ବାସୁଥାଉ
ଯେତେସବୁ ଅଙ୍ଗର ସଂଘାତ।

ଏ ଗନ୍ଧ ଏମିତି ଆବଦ୍ଧ ଥାଉ,
ବାକି କାଳ ତୁମ ସତ୍ତା
ମୋ' ଭିତରେ ରହୁ,
ସାରାଜୀବନ ଏ ପ୍ରେମ
ସ୍ମୃତି ହୋଇଯାଉ,
ଏହି ରାତି ପାହୁ ପାହୁ।

ଚକ୍ଷୁ ଚିକିତ୍ସା ଅଧିକାରୀ
ଜିଲା ମୁଖ୍ୟ ଚିକିତ୍ସାଳୟ, ପୁରୀ
ମୋ: ୯୪୩୭୩୫୨୫୬୦

**ଗୀତି-କବିତା**

### ମାଟିଗୀତ

**ଧନଞ୍ଜୟ ସ୍ୱାଇଁ**

ନିଦ ମଳମଳ ସୂରୁଯଙ୍କୁ ଡାକେ
ପଦୁଅଁ-ପାପୁଲି ତା'ର
ମେଘ ଶୋଷି ସିଏ
ଗଢ଼ିପାରେ କେତେ
କାଦୁଅରେ କଇଁଫୁଲ।

ଛାଇ ଆଲୁଅର ଓଢ଼ଣାରେ ତା'ର
ନୂଆ ଭୁଆସୁଣୀ ବେଶ
ଜହ୍ନ ଓ ମେଘର ମଝିରେ ତା'ଲାଗି
କୋଟି ତାରାଫୁଲ ହସ
ଆକାଶ ହିଁ ଏକା ବୁଝିପାରେ ତଳେ
ମାଟିର ଗୁମାନ, ଗେଲ
ପଦୁଅଁ-ପାପୁଲି ତା'ର...।

ତା' ଲାଗି ସକାଳ ସାତକୁଞ୍ଚ କରି
ପିନ୍ଧଇ ନାରଙ୍ଗୀ ଖରା
ତା' ଲାଗି ଗୋଧୂଳି
ହାତଠାରି ଡାକେ
ଅଝଟ ସଞ୍ଜୁଆ ତାରା
ମାଟି ଲାଗି ସିନା ପାଦଅଳତାରେ
ସୁନ୍ଦର ତୁଠପଥର
ପଦୁଅଁ-ପାପୁଲି ତା'ର...।

'ମଙ୍ଗଳାଳୟ'
ରାଜେନ୍ଦ୍ରନଗର, କଟକ
ମୋ: ୯୪୩୭୦୦୦୬୩୬

## କାଳକାଳକୁ



**"ଜୀବନର ବାଧାବନ୍ଧନକୁ ଅତିକ୍ରମ କରିଯିବାର ସବୁଠୁଁ ଭଲ ତରିକା ହେଲା ଏଗୁଡ଼ିକୁ ନିଜ ଚଲାପଥର ପାହାଚ କରିନେବା।"**
**- ଏନିଡ୍ ବ୍ଲାଇଟନ୍**

**ଏନିଡ୍ ବ୍ଲାଇଟନ୍‌ଙ୍କ** ଜନ୍ମ ୧୧ ଅଗଷ୍ଟ ୧୮୯୭ରେ ଓ ପରଲୋକ ୨୮ ନଭେମ୍ବର ୧୯୬୮ରେ, ଲଣ୍ଡନରେ। ୧୯୩୦ରେ ତାଙ୍କ ରଚିତ ପୁସ୍ତକ ବିଶ୍ୱରେ ସବୁଠୁଁ ଅଧିକ ବିକ୍ରି ହେବାର ଗୌରବ ଲାଭ କରିଛି। ୨୦୧୯ ସୁଦ୍ଧା ପୃଥିବୀର ସର୍ବୋଚ୍ଚ ଅନୂଦିତ ଲେଖିକାଙ୍କ ମଧ୍ୟରେ ଏଇ ଲେଖିକାଙ୍କ ସ୍ଥାନ ଚତୁର୍ଥ। ସେ ଏକାଧାରରେ କବି, କଥାଶିଳ୍ପୀ ଓ ଔପନ୍ୟାସିକା। 'ନୋଡ୍‌ଡୀ', 'ଦ ଫେମସ୍ ଫାଇଭ୍', 'ଦ ସିକ୍ରେଟ୍ ସେଭେନ୍' ଓ 'ମେଲୋରୀ ଟାୱାର୍ସ' ହେଉଛି ତାଙ୍କର ପ୍ରଖ୍ୟାତ ଗ୍ରନ୍ଥମାନଙ୍କ ମଧ୍ୟରୁ କତିପୟ। 'ଚାଇଲ୍‌ଡ ହୁଇସ୍‌ପର୍ସ' ହେଉଛି ଏନିଡ୍‌ଙ୍କର ପ୍ରଥମ ବହି, ଯାହାର କଳେବର ମାତ୍ର ୨୪ ପୃଷ୍ଠା ଓ ପ୍ରକାଶକାଳ ୧୯୨୨।

# ମମତା

**ଅନୁବାଦ ଗଳ୍ପ**

ମୂଳହିନ୍ଦୀ-ବିଜୟା କଠାଲେ
ଅନୁବାଦ-ମନୋଜ କୁମାର ବେହେରା

ମାତୃତ୍ୱ ଗୋଟିଏ ଛୋଟିଆ ଶବ୍ଦ, ଯିଏ ନିଜ ଭିତରେ ପୂରା ସଂସାରକୁ ବାନ୍ଧି ରଖିଥାଏ। ଏହା ଗୋଟିଏ ଯାଦୁର ଶବ୍ଦ, ଗୋଟିଏ ଯାଦୁର ଅନୁଭବ, ଯାହା କେତେ ଲୋକଙ୍କର ଜୀବନକୁ ବଦଳେଇ ଦେଇଥାଏ। ସ୍ତ୍ରୀ ଶ୍ରେଷ୍ଠ ଅଟେ, କାହିଁକି ନା ପ୍ରକୃତି ନିଜର ବରଦାନ ତାକୁ ଦେଇଛନ୍ତି। ସୃଷ୍ଟି ଗୋଟିଏ ବିଚାରଶୀଳ ସ୍ତ୍ରୀ ଥିଲା। ତା' ଜୀବନରେ ଗୋଟିଏ ହିଁ ସ୍ୱପ୍ନ ଥିଲା, ଗୋଟିଏ ହସୁଥିବା ଖେଳୁଥିବା ପରିବାରର। ତାକୁ ଛୁଆ ବହୁତ ପସନ୍ଦ ଥିଲେ। ବାହାଘରର ବର୍ଷେ ପରେ ହିଁ ସୃଷ୍ଟିର ଗର୍ଭରେ ପିଲାଟିଏ ବଢୁଥିଲା। ଆଉ ସୃଷ୍ଟିର ଖୁସି ବହୁତ ଉଚ୍ଚରେ ଉଡୁଥିଲା। ଏବେ ସେ ନିଜ ଗର୍ଭରେ ବଢୁଥିବା ବୀଜ ପାଇଁ ମାତୃତ୍ୱକୁ ଅନୁଭବ କରିବାକୁ ଲାଗିଥିଲା।

କିନ୍ତୁ ନିୟତିର ଇଚ୍ଛା ସୃଷ୍ଟି ପାଇଁ ଅଲଗା ଥିଲା। କିଛି ଅସାମାନ୍ୟତା କାରଣ ଯୋଗୁଁ ତା'ର ଗର୍ଭପାତ ହୋଇଗଲା। ସୃଷ୍ଟି ବହୁତ ଭାଙ୍ଗିପଡ଼ିଲା ଏହି ଘଟଣାରେ। ତା'ର ସବୁ ସ୍ୱପ୍ନ ଭାଙ୍ଗି ଚୂରମାର୍ ହୋଇଗଲା। ଯେତେବେଳେ ସେ ହସ୍ପିଟାଲ୍‌ରୁ ଘରକୁ ଫେରିଲା, ତାକୁ ଅନୁଭବ ହେଲା କି କେବଳ ତା'ର ଜୀବନ ନୁହେଁ, ଆଉ ପରିବାର ଲୋକମାନେ ମଧ୍ୟ ବଦଳି ଯାଇଥିଲେ। ଏବେ ସେ ନିଜର ଛୁଆ ହରେଇବାର ଦୁଃଖରୁ, ନିଜର ଶାରୀରିକ ପୀଡ଼ାରୁ ବାହାରି ପାରି ନ ଥିଲା, ଆଉ ସେପଟେ ତା'ର ଶାଶୁ ତାକୁ ପ୍ରତି କ୍ଷଣରେ କଟାକ୍ଷ କରିବା ଆରମ୍ଭ କରିଦେଲେ। ଏବେ ସେ ଖାଲି ପ୍ରଶ୍ନର ବୁଢ଼ିଆଣୀ ଜାଲରେ ଛନ୍ଦିହୋଇ ଯାଉଥିଲା। ଧୀରେ ଧୀରେ ସମାଜରେ ଗୋଟିଏ ଘୃଣା ରୂପ ତା' ସାମ୍ନାକୁ ଆସିବାକୁ ଲାଗିଲା। ଗୋଟିଏ ଏମିତି ସମାଜ, ଯେଉଁଠି କେବଳ ମହିଳାମାନେ ତାକୁ ପ୍ରଶ୍ନ କରିବା ପାଇଁ ଥିଲେ। ତାକୁ ସାହାଯ୍ୟ କରିବା ପାଇଁ କୌଣସି ପୁରୁଷ ନ ଥିଲେ।

ଦିନେ ସୃଷ୍ଟିର ମା' ବାପା ଦେଖା କରିବାକୁ ଆସିଥିଲେ ତା' ଘରକୁ। ସେହି ସମୟରେ ତା'ର ଶାଶୁ ଆସି ସେମାନଙ୍କୁ ଅଭଦ୍ର କଥା କହି ଅପମାନିତ କରିଚାଲିଲେ। ଆଉ ତା'ର ମା' ବାପା କିଛି ନ କହି ସେଠାରୁ ଚାଲିଗଲେ।

ସେହିଦିନ ରାତିରେ ସୃଷ୍ଟି ଭଗବାନ୍‌ଙ୍କ ଆଗରେ ହାତ ଯୋଡ଼ି କହିଲା, 'ହେ ପ୍ରଭୁ! ଗୋଟିଏ ସ୍ତ୍ରୀ ଏତେ ବିଦ୍ରୂପ, ଏତେ ନିର୍ଦ୍ଦୟ କେମିତି ହେଇଯାଉଛି'? ଗୋଟିଏ ସ୍ତ୍ରୀ, ଗୋଟିଏ ମା' ହେବା ସତ୍ତ୍ୱେ କିଛି ନ ହେଲେ ତ ମୋର ଦୁଃଖକୁ ବୁଝିପାରିବ? କିନ୍ତୁ ସେ ମୋତେ ମା' ହୋଇ ନ ପାରିବାର ଦଣ୍ଡ ଦେଇ ଚାଲିଛନ୍ତି।

ଛୁଆର ଆଶାରେ ସୃଷ୍ଟି କେତେ ହସ୍ପିଟାଲ୍ ଆଉ କେତେ ଡାକ୍ତରଙ୍କୁ ଯା' ଭିତରେ ନ ଦେଖେଇଛି! ଆଉ ତା' ଶରୀରରେ ଏମିତି କୌଣସି ଜାଗା ବଞ୍ଚି ନଥିବ ଯେଉଁଠି ଛୁଞ୍ଚିର ବେଦନା ନ ଥିବ। କିନ୍ତୁ ପ୍ରକୃତ ବେଦନା ତା' ମନ-ମସ୍ତିଷ୍କରେ ରହିଥିଲା। ସମାଜରେ ଡର, ମାତା-ପିତାଙ୍କର ଅପମାନର ବୋଝ, ବାଞ୍ଝ କହିବାର ଭୟ... ଏ ସବୁର ଭିତରେ ସେ ନିଜ ମାତୃତ୍ୱର ପୀଡ଼ାକୁ ଭୁଲି ଯାଇଥିଲା। ଏମିତିରେ ସାତ ବର୍ଷ ବିତିଗଲା। ସିମେଣ୍ଟରେ ବନ୍ଧା ହୋଇଥିବା ବନ୍ଧ ତ ବହୁତ ଥର ପାଣିରେ ଆସିଥିବା ତୋଫାନକୁ ଅଟକେଇବାରେ ଅସମର୍ଥ ହୋଇଥାଏ। ଆଉ ସୃଷ୍ଟି ତ ହାଡ଼-ମାଂସରେ ତିଆରି। ବିଚାରକଙ୍କର ତୋଫାନକୁ ସେ ଅଟକେଇ ପାରିଲା ନାହିଁ। ସେ ଆତ୍ମହତ୍ୟା କରିବାକୁ ଚେଷ୍ଟାକଲା। ତା' ସ୍ୱାମୀ ଆସି ତାକୁ ସମ୍ଭାଳିଲେ ଆଉ କହିଲେ, ଯେଉଁ ଛୁଆ ଏହି ଦୁନିଆରେ ନାହିଁ, ତୁମେ ତା' ପାଇଁ ତୁମର ଜୀବନ ହାରିବାକୁ ଯାଉଥିଲ।

ମୋତେ ଛୁଆ ଦରକାର ନାହିଁ। ତୁମେ ମୋ ପାଇଁ ବହୁତ ମୂଲ୍ୟବାନ୍। ସେହିଦିନ ସୃଷ୍ଟି ଆଉ ତା'ର ସ୍ୱାମୀ ଗୋଟିଏ ନିର୍ଣ୍ଣୟ ନେଲେ କି ସେମାନେ ଗୋଟିଏ ଛୁଆକୁ ଅନାଥାଶ୍ରମରୁ ଆଣିକରି ପାଳିବେ। ଘରେ ସେମାନେ କାହାକୁ କିଛି କହିଲେ ନାହିଁ ଏ ବିଷୟରେ। ତା' ପରଦିନ ସୃଷ୍ଟି ଅନାଥାଶ୍ରମକୁ ଯାଇ ସବୁ କାଗଜପତ୍ର ରେଡି କରୁଥିଲା, ସେହି ସମୟରେ ଅନାଥାଶ୍ରମର କର୍ମଚାରୀ କହିଲେ, ମ୍ୟାଡାମ୍ ଆପଣ ତ ଇ-ଫର୍ଟିଲିଟିର ସାର୍ଟିଫିକେଟ ଦେଇନାହାନ୍ତି। ସୃଷ୍ଟି ତୁରନ୍ତ ହସ୍ପିଟାଲ୍‌କୁ ଗଲା ଆଉ ଡାକ୍ତରଙ୍କୁ ତା'ର ରିପୋର୍ଟ ମାଗିଲା। ଆଉ ସେଠାରେ ତା'ର ପାଟି ଟିକେ ଖନି ମାରୁଥିଲା। ଯେତେବେଳେ ସେ ସାର୍ଟିଫିକେଟ୍ ନେଇ ବାହାରକୁ ଆସିଲା ତାହା ପୂରା ଖାଲି ଥିଲା। ସେ ବହୁତ କାନ୍ଦିଥିଲା। ଆଉ କାନ୍ଦ କାନ୍ଦ ଭିତରେ ଥିବା ମଇଳା ଆଉ ଦୁଃଖ ସବୁ ଧୋଇ ହୋଇଗଲା। ଆଉ ନିଜର କଳଙ୍କିତ ମାତୃତ୍ୱ ମଧ୍ୟ।



ତା' ପରଦିନ ଯେତେବେଳେ ଘର ଲୋକମାନଙ୍କୁ ଏହି କଥା ଜଣାପଡ଼ିଲା, ତା'ପରେ ତା' ଶାଶୁ ଆଉ ସାହି-ପଡ଼ିଶାରେ ଥିବା ମହିଳାମାନେ ଆସି ତାଙ୍କ ଘରେ ଡେରା ପକେଇ ଦେଲେ। ସେମାନେ କହିଲେ, ନିଜଠାରୁ ତ କିଛି ହେଲାନି, ଏବେ ଜଣାନାହିଁ କାହାର ପାପକୁ ଉଠେଇକି ଘରକୁ ଆଣିବ। ସବୁବେଳେ ଚୁପ୍ ରହୁଥିବା ସୃଷ୍ଟି ଆଜି କିନ୍ତୁ କହିବା ଆରମ୍ଭ କରିଦେଲା। ଆପଣମାନେ ମୋତେ କାହିଁକି ଏଭଳି ଭାବରେ ପ୍ରତାରିତ କରୁଛନ୍ତି? ସମାଜ ତ ସେହି ସ୍ତ୍ରୀ'ମାନଙ୍କୁ କିଛି କହୁନି, ଯିଏ ନିଜର ଭୁଲ୍‌କୁ ଲୁଚେଇ ଗର୍ଭପାତ କରାଉଛନ୍ତି। ଆଉ ଜନ୍ମ ଦେଇ ନିଜର ଛୁଆକୁ କୌଣସି ଅନାଥାଶ୍ରମ ନହେଲେ କୌଣସି ଅଳିଆଗଦା ଉପରେ ଛାଡ଼ି ପକେଇ ଯାଉଛନ୍ତି। ଆପଣମାନେ କାହିଁକି ବୁଝି ପାରୁନାହାନ୍ତି, ମୁଁ ନିଜ ଇଚ୍ଛାରେ ଏହି ବାଞ୍ଝପଣକୁ ଆପଣେଇନି! ମାତୃତ୍ୱ ପାଇଁ ଗର୍ଭର କୋଳ ଦରକାର ନାହିଁ, କେବଳ ମମତାର ଆବଶ୍ୟକତା ହୋଇଥାଏ। ଆଜି ମୁଁ ମୋର ପୀଡ଼ାକୁ ଚିହ୍ନିଛି। ମୁଁ ଆଉ କାହାର ନୁହେଁ, ନିଜ ମାତୃତ୍ୱର କ୍ଷୁଧାପୂର୍ତ୍ତି କରିବାକୁ ଚାହୁଁଛି। ଏତିକି କହି ସେ ଆତ୍ମବିଶ୍ୱାସର ସହିତ ସମାଜର ନକାରାତ୍ମକତାକୁ ପଛରେ ଛାଡ଼ି, ନିଜର ସକାରାତ୍ମକତା ପାଇଁ ଆଗକୁ ବଢ଼ିଲା।

ମୋ: ୭୯୭୮୮୩୦୬୧୧

# ସବୁ ଇଭେଣ୍ଟରେ କଡ଼ା ଟକ୍କର

**ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)**



ୱାର୍ଲ୍ଡ ଆଥଲେଟିକ୍ସ ଟୁର୍‌ରେ ଭାଗ ନେବାକୁ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିଥିବା ଭାରତୀୟ ଆଥଲେଟ୍।

ମାତ୍ର ଗୋଟିଏ ଦିନ ପରେ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ରବିବାର ଅନୁଷ୍ଠିତ ହେବ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ (ବ୍ରୋଞ୍ଜ୍ ଲେଭଲ) ପ୍ରତିଯୋଗିତା। ଦେଶ ବିଦେଶର ଆଥ୍‌ଲେଟଙ୍କ ସମାଗମରେ କଳିଙ୍ଗ ଚଳଚଞ୍ଚଳ। ସାରା ବିଶ୍ୱର ନଜର ଏବେ ଭୁବନେଶ୍ୱର ଉପରେ ରହିଛି। ପ୍ରତିଯୋଗିତା ଯେତିକି ପାଖେଇ ଆସୁଛି ଉତ୍ସାହ ସେତେ ବଢ଼ିବାରେ ଲାଗିଛି। ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସହଯୋଗରେ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଏହି ମେଗା ଇଭେଣ୍ଟକୁ ସଫଳତାର ସହ ସମ୍ପନ୍ନ କରିବାକୁ ବଦ୍ଧପରିକର। କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କଠାରୁ ଆରମ୍ଭ କରି କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବଙ୍କ ପର୍ଯ୍ୟନ୍ତ ସମସ୍ତେ ଏ ସମ୍ପର୍କରେ ସ୍ପଷ୍ଟ କରି ସାରିଛନ୍ତି। ଦେଶ ବିଦେଶର ଆଥଲେଟ୍‌ଙ୍କ ଲାଇନ୍‌ଅପ୍ ଅନୁସାରେ ସବୁ ଇଭେଣ୍ଟରେ କଡ଼ା ଟକ୍କର ହେବାର ସୂଚନା ମିଳୁଛି। ତେବେ ଗ୍ଲାମର ଇଭେଣ୍ଟ ୧୦୦ ମିଟର ରେସ୍‌କୁ ନେଇ ବିଶେଷ ଉତ୍ସାହ ଦେଖାଦେଇଛି। କାରଣ ଉଭୟ ମହିଳା ଓ ପୁରୁଷ ୧୦୦ ମିଟର ଇଭେଣ୍ଟରେ ଦେଶ ଓ ବିଦେଶର ଆଥ୍‌ଲେଟ୍‌ଙ୍କ ସହ ଓଡ଼ିଶା ପ୍ରତିଯୋଗୀ ଭାଗ୍ୟ ପରୀକ୍ଷା କରିବେ। ତେଣୁ ଏହା ଉପରେ ରାଜ୍ୟ କ୍ରୀଡ଼ାପ୍ରେମୀଙ୍କ ସ୍ୱତନ୍ତ୍ର ନଜର ରହିଛି।

ପୁରୁଷ ୧୦୦ ମିଟରରେ ଓଡ଼ିଶାର ଲାଲୁ ପ୍ରସାଦ ଭୋଇ ଏବଂ ଓଡ଼ିଶା ଏଚ୍‌ପିସିର ଅନିମେଶ କୁଜୁରଙ୍କ

WORLD ATHLETICS Continental Tour Bronze

ସହ ଗ୍ରେଟ ବ୍ରିଟେନର ଡାନିଏଲ ଓଫିଆ, ଇରାକର ସୈଫ ରାଦ ଅବଦେଲ ୱାହେଦ, ମାଲେସିଆର ମହମ୍ମଦ ଅଜିମ ଫାହମି, ଡାନିସ ଇଫତିକାର, ମହମ୍ମଦ ରୋସଲେ, ନେପାଳର ଆଦେଶ କୁମାର ଯାଦବ, ପାପୁଆ ନ୍ୟୁ ଗିନିର ଟୁନା ଟୋଭେଟିନା ଟିମୋଥି, ଫିଲିପାଇନ୍ସର ଲୋପେନା ଆନ୍‌ଫେରନି, ଦକ୍ଷିଣ ଆଫ୍ରିକାର ଖୁମୋ ମୋଥେଓ କୋଟସେଡି, ଶ୍ରୀଲଙ୍କାର ଚାମୋଡ ଏମ୍. ଯୋଦ୍ଧାସିଂହେ ଏବଂ ଭାରତର ହର୍ଷ ସନ୍ତୋଷ ରାଉତ, ତାମିଲାରାସୁ ଏସ୍., ଅମ୍ଲାନ ବୋରଗୋହେନ ଓ ରଗୁଲ କୁମାର ଜି. ଅଂଶଗ୍ରହଣ କରୁଛନ୍ତି। ଉଭୟ ଲାଲୁ ଓ ଅନିମେଶ ୨୦୦ ମିଟର ଇଭେଣ୍ଟରେ ମଧ୍ୟ ଅଂଶଗ୍ରହଣ କରିବେ। ସେହିପରି ମହିଳା ୧୦୦ ମିଟରରେ ଓଡ଼ିଶାର ଶ୍ରାବଣୀ ନନ୍ଦ ମାଲେସିଆର ନୁର ଐସା ରୋଫିନା ଆଲିଙ୍ଗ୍, ଜୈଦାତୁଲ ହୁସେନ ଜୁଲକିଫି, ନେପାଳର ରେଶମା ସୁବେଦି, ଫିଲିପାଇନ୍ସର ପାମା ଲିଆନି ଡିଆନା, ତୁର୍କମେନିସ୍ତାନର ଭାଲେଣ୍ଟିନା ମେରେଡୋଭାଙ୍କ ସହ ଅନ୍ୟତମ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀ ଟି. ଧନେଶ୍ୱରୀ, ସ୍ନେହା ଏସ୍.ଏସ., ବିଜୟା କୁମାରୀ, ସୁଦୀକ୍ଷା ଭି., ଆଞ୍ଜେଲ ସିଲଭିଆ ଏମ୍., ସୁଦେଷ୍ଣା ଶିବଙ୍କର, ଅଭିନୟା ରାଜାରାଜନ, ସାକ୍ଷୀ ଚଭନଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ।

### ଭାଗ ନେବେନି କିଶୋର

ଏଥର ଘରୋଇ ପରିବେଶରେ କ୍ରୀଡ଼ାପ୍ରେମୀମାନେ ଓଡ଼ିଶାର ତାରକା ଆଥ୍‌ଲେଟ୍ କିଶୋର କୁମାର ଜେନାଙ୍କ ଆକ୍ସନ ଦେଖିବାରୁ ବଞ୍ଚିତ ହେବେ। ଫିଟ୍‌ନେସ ସମସ୍ୟା ଯୋଗୁ ପୁରୁଷ ଜାଭେଲିନ୍ ଥ୍ରୋ ଇଭେଣ୍ଟରେ ସେ ଭାଗ ନେଉ ନ ଥିବା କିଶୋର ସ୍ପଷ୍ଟ କରିଛନ୍ତି। ଡବଲ ଅଲିମ୍ପିକ୍ସ ମେଡାଲିଷ୍ଟ ନୀରଜ ଚୋପ୍ରା ମଧ୍ୟ କଳିଙ୍ଗ ଆସୁ ନାହାନ୍ତି। ଏମାନଙ୍କ ଅନୁପସ୍ଥିତିରେ ଭାରତର ବିକ୍ରାନ୍ତ ମଲିକ, ଶଶାଙ୍କ ପାଟିଲ, ଶିବମ୍ ଲୋକାହାରେ, ସଚିନ ଯାଦବ, ଯଶବୀର ସିଂ, ରୋହିତ ଯାଦବ, ବିକାଶ ଶର୍ମା ଏବଂ ଆୟର୍ଲାଣ୍ଡର ଅଲୀ ଫାଥି ଗନ୍‌ଜି, ନେପାଳର ରୋହିତ ଚୌଧାରୀ, ଶ୍ରୀଲଙ୍କାର ରୁମେଶ ଥରଙ୍ଗା ପଥିରାଗେ, ସୁମେଧା ରଣସିଂହେଙ୍କ ମଧ୍ୟରେ ମୁକାବିଲା ହେବ।

ଏହା ବ୍ୟତୀତ ପୁରୁଷ ୪୦୦, ୮୦୦, ୫୦୦୦ ମିଟର, ଲଙ୍ଗଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ୍ ଥ୍ରୋ ଓ ୪x୪୦୦ ମିଟର ରିଲେ, ମହିଳାରେ ୨୦୦, ୪୦୦, ୮୦୦, ୧୫୦୦ ମିଟର, ୧୦୦ ମିଟର ହର୍ଡଲ୍ସ, ଲଙ୍ଗଜମ୍ପ, ଜାଭେଲିନ୍ ଥ୍ରୋ ଓ ୪x୪୦୦ ମିଟର ରିଲେ ଏବଂ ମିକ୍ସଡ ୪x୪୦୦ ମିଟର ରିଲେରେ ଦେଶ ବିଦେଶର ପ୍ରତିଯୋଗୀମାନେ ଆକ୍ସନରେ ଦେଖିବାକୁ ମିଳିବେ। ୱାର୍ଲ୍ଡ କଣ୍ଟିନେଣ୍ଟାଲ ଟୁର୍ ଇଭେଣ୍ଟରେ ୧୭ ଦେଶର ୧୬୦ ଆଥଲେଟ୍ ୧୯ଟି ଇଭେଣ୍ଟରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ୧୬୦ ଆଥଲେଟ୍‌ଙ୍କ ମଧ୍ୟରେ ୯୭ ଭାରତୀୟ ଓ ୬୩ ବିଦେଶୀ ସାମିଲ। ବିଦେଶୀଙ୍କ ମଧ୍ୟରୁ ନେପାଳରୁ ସର୍ବାଧିକ ୧୩, ଶ୍ରୀଲଙ୍କାରୁ ୧୦, ମାଲେସିଆରୁ ୯ ଏବଂ ଦକ୍ଷିଣ ଆଫ୍ରିକା ଓ ଗ୍ରେଟ୍ ବ୍ରିଟେନରୁ ୪ ଜଣ ଲେଖାଏ ଆଥଲେଟ୍ ଭାଗ ନେବାକୁ ଯାଉଛନ୍ତି।

# ଏମ୍‌ବୋକୋଙ୍କୁ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ

**ମଣ୍ଟ୍ରିଲ, ୮।୮ (ଏପି):** କାନାଡାର ସ୍ୱଳ୍ପ ବୟସ୍କା ଭିକ୍ଟୋରିଆ ଏମ୍‌ବୋକୋଙ୍କ ସ୍ୱପ୍ନ ସାକାର ହୋଇଛି। ଜାପାନିଜ ଷ୍ଟାର ନାଓମି ଓସାକାଙ୍କୁ ୨-୬, ୬-୪, ୬-୧ରେ ପରାସ୍ତ କରି ସେ ନ୍ୟାଶନାଲ ବ୍ୟାଙ୍କ୍ ଓପନ ଟେନିସ ଚାମ୍ପିୟନ ହୋଇଛନ୍ତି। ଆସନ୍ତା ର୍‌ୟାଙ୍କିଙ୍ଗ ତାଲିକାରେ ସେ ୮୫ତମ ସ୍ଥାନରୁ ଉପରକୁ ଉଠି ୨୫ତମ ସ୍ଥାନ ଅଧିକାର କରିବେ। ଏହାଛଡ଼ା ଏମ୍‌ବୋକୋ ତାଙ୍କ ପ୍ରଥମ ଡବ୍ଲ୍ୟୁଟିଏ ଟାଇଟଲ ହାସଲ କରି ଫାୟେ ଅର୍ବାନ (୧୯୬୯) ଓ ବାଏଙ୍କା ଆଣ୍ଡ୍ରେସ୍କୁ(୨୦୧୯)ଙ୍କ ସହ ଓପନ୍ ଯୁଗରେ ନିଜ ଦେଶ ଇଭେଣ୍ଟରେ ଟାଇଟଲ ଜିତିବାରେ କାନାଡାର ପ୍ରଥମ ଖେଳାଳି ହେବାର ଗୌରବ ଅର୍ଜନ କରିଛନ୍ତି। ନର୍ଥ କାରୋଲିନାର ଚାର୍ଲୋଟରେ ଜନ୍ମଗ୍ରହଣ କରିଥିବା ୧୮ ବର୍ଷୀୟା ଏମ୍‌ବୋକୋଙ୍କ ପିତା ହେଉଛନ୍ତି କଙ୍ଗୋଲିଆନ। ଏହି ହାର୍ଡକୋର୍ଟ ଟୁର୍ନାମେଣ୍ଟରେ ସେ ୪ଜଣ ଗ୍ରାଣ୍ଡସ୍ଲାମ ବିଜେତାଙ୍କୁ ହରାଇବାରେ ସକ୍ଷମ ହୋଇଛନ୍ତି। ସେ ଟପ୍ ସିଡ୍ କୋକୋ ଗଫ୍‌ଙ୍କୁ ହରାଇବା ସହ ଓସାକା, ସୋଫିଆ କେନିନ ଓ ଏଲିନା ରିବାକିନାଙ୍କୁ ପରାସ୍ତ କରିଛନ୍ତି।

# ଅବିନାଶଙ୍କୁ ସୁଯୋଗ

**ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ):** ଘାନା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ଆନୁକୂଲ୍ୟରେ ଜେ.ଇ. ୱିଲସନ ଘାନା ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଏଥିରେ ଭାଗ ନେବାପାଇଁ ଭାରତୀୟ ଦଳରେ କିଟ୍ ବିଶ୍ୱବିଦ୍ୟାଳୟର ଅବିନାଶ ମହାନ୍ତି ମନୋନୀତ ହୋଇଛନ୍ତି। ସେ ନିକଟରେ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ।

# ହାଇଦର ଅଲୀଙ୍କୁ ସସ୍‌ପେଣ୍ଡ କଲା ପିସିବି

**ମାଞ୍ଚେଷ୍ଟର, ୮।୮ (ଏପି)**

ପାକିସ୍ତାନ ବ୍ୟାଟର ହାଇଦର ଅଲୀଙ୍କ ବିରୋଧରେ ଇଂଲଣ୍ଡରେ ଏକ ଆପରାଧିକ ମାମଲା ଦାଏର ହୋଇଛି। ଏକ ଯୌନ ନିର୍ଯାତନା ମାମଲାରେ ତାଙ୍କୁ ଗିରଫ କରାଯିବା ପରେ ଜାମିନରେ ଛାଡ଼ି ଦିଆଯାଇଛି। କିନ୍ତୁ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବାରୁ ତାଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ ସାମୟିକ ବାସନ୍ଦ କରାଯାଇଛି।

ପାକିସ୍ତାନ ପାଇଁ ଦୁଇ ଦିନିକିଆ ଓ ୩୫ ଟି୨୦ ମ୍ୟାଚ୍ ଖେଳିଥିବା ୨୪ ବର୍ଷୀୟ ହାଇଦରଙ୍କୁ ଗତ ୩ ତାରିଖରେ ଗ୍ରେଟର ମାଞ୍ଚେଷ୍ଟର ପୋଲିସ ଦ୍ୱାରା ହୋବଠାରେ ଗିରଫ କରାଯାଇଥିଲା। ସେହି ସମୟରେ ଡାହାଣହାତୀ ବ୍ୟାଟର

**ଇଂଲଣ୍ଡରେ ବଳାତ୍କାର ମାମଲା**

ପାକିସ୍ତାନ ଶାହିନ୍ସ ପକ୍ଷରୁ ବେକେନହେମଠାରେ ଏକ ଦିନିକିଆ ମ୍ୟାଚ୍ ଖେଳୁଥିଲେ। ଗ୍ରେଟର ମାଞ୍ଚେଷ୍ଟର ପୋଲିସ ପକ୍ଷରୁ କୁହାଯାଇଛି ଯେ, ଏକ ବଳାତ୍କାର ଅଭିଯୋଗ ମିଳିବା ପରେ ଆମେ ଜଣେ ୨୪ ବର୍ଷୀୟ ଯୁବକଙ୍କୁ ଗିରଫ କରିଥିଲୁ। ଅଭିଯୋଗ ମୁତାବକ, ଘଟଣାଟି ଗତ ଜୁଲାଇ ୨୩ ତାରିଖରେ ମାଞ୍ଚେଷ୍ଟରରେ ଘଟିଥିଲା। ପରବର୍ତ୍ତୀ ତଦନ୍ତ ପ୍ରକ୍ରିୟା ପର୍ଯ୍ୟନ୍ତ ଉକ୍ତ ଯୁବକଙ୍କୁ ଜାମିନରେ ଛାଡ଼ି ଦିଆଯାଇଛି। ବ୍ରିଟେନର ପୋଲିସ ସାଧାରଣତଃ ତଦନ୍ତ ପ୍ରକ୍ରିୟା ଚାଲିଥିବା ବେଳେ ସନ୍ଦିଗ୍ଧଙ୍କ ନାମ ପ୍ରକାଶ କରେ ନାହିଁ। ଶାହିନ୍ସ ଦଳ ଦ୍ୱିତୀୟ ସ୍ତରର ଅନ୍ତର୍ଜାତୀୟ କ୍ରିକେଟରେ ପାକିସ୍ତାନର ପ୍ରତିନିଧିତ୍ୱ କରେ। ଏହି ଦଳର ୧୫ ଦିନିଆ ଟୁର ଜୁଲାଇ ୨୨ ତାରିଖରେ ଆରମ୍ଭ ହୋଇଥିଲା। ଘଟଣା ସମ୍ପର୍କରେ ପିସିବି ପକ୍ଷରୁ କୁହାଯାଇଛି ଯେ, ୟୁକେର ତଦନ୍ତ ପ୍ରକ୍ରିୟାକୁ ପିସିବି ସମ୍ମାନ କରେ ଏବଂ ତଦନ୍ତ ପ୍ରକ୍ରିୟାର ଗୁରୁତ୍ୱକୁ ବୁଝେ। ଏଥିଯୋଗୁ ପିସିବି ହାଇଦରଙ୍କୁ ସାମୟିକ ଭାବେ ବାସନ୍ଦ କରିବାକୁ ନିଷ୍ପତ୍ତି ନେଇଛି। କିନ୍ତୁ ଖେଳାଳିଙ୍କ ଆଇନଗତ ଅଧିକାରକୁ ସୁନିଶ୍ଚିତ କରିବା ପିସିବିର ଦାୟିତ୍ୱ। ଏଣୁ ବୋର୍ଡ ପକ୍ଷରୁ ହାଇଦରଙ୍କୁ ତଦନ୍ତ ପ୍ରକ୍ରିୟାରେ ଉଚିତ ଆଇନଗତ ସମର୍ଥନ ଯୋଗାଇ ଦିଆଯାଇଛି।

# ଭାରତୀୟ ଦଳରେ କିସ୍‌ର ୪ ରଗ୍‌ବୀ ଖେଳାଳି

**ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)**



ଭାରତୀୟ ଦଳରେ ମନୋନୀତ କିସ୍‌ର ୪ ଖେଳାଳି।

ବିହାରର ରାଜଗିରଠାରେ ୨୦ ବର୍ଷରୁ କମ୍ ୭ଏସ୍ ଏସିଆ ରଗ୍‌ବୀ ଏମିରେଟ୍ସ ରଗ୍‌ବୀ ଚାମ୍ପିୟନଶିପ୍ ଶନିବାର ଆରମ୍ଭ ହେବାକୁ ଯାଉଛି। ଉଭୟ ମହିଳା ଓ ପୁରୁଷ ବିଭାଗରେ ଏହି ପ୍ରତିଯୋଗିତା ହେବ। ଏଥିପାଇଁ କୋଲକାତାର ସାଇ ନେତାଜୀ ସୁଭାଷ ଇଷ୍ଟର୍ନ ସେଣ୍ଟରରେ ଜାତୀୟ ଟ୍ରେନିଂ କ୍ୟାମ୍ପ ପରେ ମନୋନୀତ ଭାରତୀୟ ଦଳରେ କିସ୍‌ର ୪ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଭରତ କିସାନ, ଚରଣ ହେମ୍ବ୍ରମ, ରୀତୁ ମାଝି ଓ ମାମାଲି ସିଂ। ମହିଳା ବର୍ଗରେ ଆୟୋଜକ ଭାରତ ସହ ଚାଇନା, ହଂକଂ, ୟୁଏଇ, ଉଜବେକିସ୍ତାନ, କାଜାଖସ୍ତାନ, ଶ୍ରୀଲଙ୍କା ଓ ନେପାଳ ଏବଂ ପୁରୁଷରେ ଚାଇନା, ହଂକଂ, ୟୁଏଇ, ଉଜବେକିସ୍ତାନ, କାଜାଖସ୍ତାନ, ଶ୍ରୀଲଙ୍କା, ମାଲେସିଆ ଓ ଭାରତ ଅଂଶଗ୍ରହଣ କରିବେ।



କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ସିବିଏସ୍‌ଇ ବାସ୍କେଟବଲ କ୍ଲଷ୍ଟର-୨ର ଉଦ୍‌ଯାପନୀ ଉତ୍ସବରେ ଅତିଥିଙ୍କ ସହ ଚାମ୍ପିୟନ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ଦଳର ଖେଳାଳି। (ଫଟୋ: ରାଜକିଶୋର ମହାନ୍ତି)

# ସେଭିଲା ଷ୍ଟାଡିୟମ ଭଙ୍ଗାରୁଜା ଘଟଣାରେ ୪ ଗିରଫ

**ସେଭିଲା, ୮।୮ (ପି.ଟି.):** ମେ' ମାସରେ ସେଲ୍ଟା ଭିଗୋଠାରୁ ପରାଜୟ ପରେ ସେଭିଲା କ୍ଲବର ଟ୍ରେନିଂ ଗ୍ରାଉଣ୍ଡରେ ହୋଇଥିବା ଭଙ୍ଗାରୁଜା ଘଟଣା ଲାଗି ଶୁକ୍ରବାର ୪ ଗିରଫ ହୋଇଛନ୍ତି। ମ୍ୟାଚ୍‌ରେ ପରାଜୟ ଯୋଗୁ ଖେଳାଳିମାନେ ସୁରକ୍ଷାଜନିତ କାରଣରୁ ପୂରା ରାତି କମ୍ପ୍ଲେକ୍ସରେ ରହିଥିଲେ। ପ୍ରଶଂସକଙ୍କ ଏକ ବଡ଼ ଗୋଷ୍ଠୀ ଜୋସ ରାମନ ସିସ୍‌ନେରସ ପାଲାସିଓସ ଟ୍ରେନିଂ ଗ୍ରାଉଣ୍ଡ ମଧ୍ୟକୁ ଧସେଇ ପଶିଥିଲେ। ମୁହଁ ଘୋଡ଼ାଇ ରଖିଥିବା ଅନେକ ପ୍ରଶଂସକ କାର୍ ପ୍ରବେଶ ପଥରେ ଥିବା ଗେଟ୍‌କୁ ଭାଙ୍ଗିବା ପରେ ଗ୍ରାଉଣ୍ଡ ଭିତରେ ଭଙ୍ଗାରୁଜା କରିଥିଲେ। କ୍ଲବ ପକ୍ଷରୁ ଏହାକୁ ସଂଗଠିତ ଭଙ୍ଗାରୁଜା କୁହାଯାଇଥିଲା। ଗତ ସିଜନରେ ଅଳ୍ପକେ ରିଲେଗଶନରୁ ବର୍ତ୍ତିଥିବା ସେଭିଲା ୨-୩ ଗୋଲରେ ଭିଗୋଠାରୁ ହାରିବା ପରେ ହିଂସା ତେଜି ଥିଲା। ସ୍ଥାନିଶ ଖବରକାଗଜ ମାର୍କାର ରିପୋର୍ଟ ମୁତାବକ, ଷ୍ଟାଡିୟମ ଭଙ୍ଗାରୁଜା ଘଟଣାର ତଦନ୍ତ ଚାଲିଛି ଏବଂ ୪ ଜଣଙ୍କୁ ଗିରଫ କରାଯାଇଛି। ହେଲେ ରିପୋର୍ଟରେ ଗିରଫ ହୋଇଥିବା ବ୍ୟକ୍ତିଙ୍କ ପରିଚୟ କିମ୍ବା ଶୁଣାଣି ତାରିଖ ସମ୍ପର୍କରେ କୌଣସି ସୂଚନା ଦିଆଯାଇ ନାହିଁ।

# ଅଶ୍ୱିନ ସିଏସ୍‌କେ ଛାଡ଼ିବେ

**ଚେନ୍ନାଇ, ୮।୮ (ପି.ଟି.):** ସିନିୟର ଭାରତୀୟ ଅଫ୍-ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଆଗାମୀ ଆଇପିଏଲ୍ ପୂର୍ବରୁ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଛାଡ଼ିବାକୁ ଯାଉଛନ୍ତି। ସେ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ପାଞ୍ଚ ଥରର ଆଇପିଏଲ୍ ଚାମ୍ପିୟନ ଫ୍ରାଞ୍ଚାଇଜକୁ ଜଣାଇ ଦେଇଥିବା ନେଇ ଏକ ରିପୋର୍ଟରେ ଦାବି କରାଯାଇଛି। ତେବେ ଏହି ବିଚ୍ଛେଦ ପଛର କାରଣ ଏପର୍ଯ୍ୟନ୍ତ ଜଣାପଡ଼ି ନାହିଁ। କିନ୍ତୁ ଭେଟେରାନ ଅଫ୍ ସ୍ପିନର ଦଳ ପରିବର୍ତ୍ତନ ଲାଗି ମନ ସ୍ଥିର କରିଛନ୍ତି ଏବଂ ତାଙ୍କ ନିଷ୍ପତ୍ତି ସମ୍ପର୍କରେ ଫ୍ରାଞ୍ଚାଇଜ ମ୍ୟାନେଜମେଣ୍ଟକୁ ଜଣାଇଛନ୍ତି। ଗତ ବର୍ଷ ମେଗା ଅକ୍ସନରେ ସିଏସ୍‌କେ ତାଙ୍କ ସହିତ ୯.୭୫ କୋଟିରେ ଚୁକ୍ତି କରିଥିଲା।

# ଅଷ୍ଟ୍ରେଲିଆ ଦଳରେ ଦୁଇ ଭାରତ ବଂଶୋଦ୍ଭବ

**ମେଲବୋର୍ନ, ୮।୮ (ପି.ଟି.)**

ଆସନ୍ତା ମାସରେ ଭାରତର ୧୯ ବର୍ଷରୁ କମ୍ କ୍ରିକେଟ ଦଳ ବିପକ୍ଷରେ ଖେଳାଯିବାକୁ ଥିବା ମଲ୍‌ଟି-ଫର୍ମାଟ ସିରିଜ ପାଇଁ ଶୁକ୍ରବାର ୧୫ ଜଣିଆ ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯାଇଛି। ଏଥିରେ ଦୁଇ ଭାରତୀୟ ବଂଶୋଦ୍ଭବ ଆର୍ଯ୍ୟନ ଶର୍ମା ଓ ଯଶ ଦେଶମୁଖଙ୍କୁ ସ୍ଥାନ ମିଳିଛି। ଶର୍ମା ଭିକେଟୋରିଆର ଜଣେ ବ୍ୟାଟର ହୋଇଥିବାବେଳେ ଦଳରେ ନ୍ୟୁ ସାଉଥ ୱେଲ୍ସରୁ ସ୍ଥାନ ପାଇଥିବା ୫ ଖେଳାଳିଙ୍କ ମଧ୍ୟରେ ଅଲରାଉଣ୍ଡର ଦେଶମୁଖ ହେଉଛନ୍ତି ଅନ୍ୟତମ। ପୂର୍ବତନ ଅଷ୍ଟ୍ରେଲୀୟ ମୁଖ୍ୟ କୋଚ୍ ଟିମ୍ ନେଲସନଙ୍କୁ ଅଷ୍ଟ୍ରେଲିଆ ୧୯ ବର୍ଷରୁ କମ୍ ଦଳର କୋଚ୍ ଭାବେ ମନୋନୀତ କରାଯାଇଛି। ୩ଟି ୫୦ ଓଭର ବିଶିଷ୍ଟ ମ୍ୟାଚ ସହ ମଲ୍‌ଟି ଫର୍ମାଟ ସିରିଜ ଆରମ୍ଭ ହେବ। ଏହା ବ୍ରିସ୍‌ବେନ୍‌ର ଇଆନ ହିଲି ଓଭାଲଠାରେ ସେପ୍ଟେମ୍ବର ୨୧, ୨୪ ଓ ୨୬ରେ ଖେଳାଯିବ। ପରେ ଦୁଇଟି ୪ ଦିନିଆ ମ୍ୟାଚ ଯଥାକ୍ରମେ ବ୍ରିସ୍‌ବେନ୍ (ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୩ ପର୍ଯ୍ୟନ୍ତ) ଏବଂ ମ୍ୟାକ୍‌କେ (ଅକ୍ଟୋବର ୭ରୁ ୧୦)। ନେଲ୍‌ସନ ପ୍ରଥମଥର ପାଇଁ ୧୯ ବର୍ଷରୁ କମ୍ ଦଳର ଦାୟିତ୍ୱରେ ରହିବେ। ପୂର୍ବରୁ ସେ ୨୦୦୭ରୁ ୨୦୧୧ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ସିନିୟର ପୁରୁଷ ଦଳର କୋଚ୍ ଦାୟିତ୍ୱ ତୁଲାଇଥିଲେ।

# ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟ୍‌ବଲ ଉଦ୍‌ଘାଟିତ

**ଭୁବନେଶ୍ୱର, ୮।୮ (ତପନ ସ୍ୱାଇଁ)**

ୟୁନିଟ-୬ ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟ ଶୁକ୍ରବାର ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ (ବିଏଏ) ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା ଓ ୟୁନିଟ-୬ ଆସୋସିଏଶନ ସଭାପତି ତପନ ମହାନ୍ତି ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଶୋକ ମହାନ୍ତି, ଭାଗ୍ୟଧର ଜଗଦେବ, ରାଧା ମହାପାତ୍ର, ଆର.କେ. ମଣ୍ଡଳ, ଜୀତେନ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୟୁନିଟ-୬ ସମ୍ପାଦକ ଦିଲୀପ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରଥମ ଦିବସରେ ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚରେ ମଦର୍ସ ପବ୍ଲିକ୍ ସ୍କୁଲ ୩-୧ରେ ସାଇ ଇଣ୍ଟରନ୍ୟାଶନାଲକୁ ପରାସ୍ତ କରିଛି। ମଦର୍ସ ପକ୍ଷରୁ ଆରାଶିଷ ବେହେରା ୨ଟି ଓ ବେଦ ପଟ୍ଟନାୟକ ଗୋଟିଏ ଗୋଲ ଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ ପକ୍ଷରୁ ଆଦିତ୍ୟ ଗୋଟିଏ ଗୋଲ ପରିଶୋଧ କରିଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଆରାଶିଷଙ୍କୁ ବିଏଏ କୋଷାଧ୍ୟକ୍ଷ ରଘୁନାଥ ପଣ୍ଡା ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚରେ ଓଡିଏମ୍ ସ୍କୁଲକୁ ୮-୦ ଗୋଲରେ ବିକାଶ ରେସିଡେନ୍ସିଆଲ ସ୍କୁଲ ହରାଇ ଦେଇଛି। ବିଜୟୀ ଦଳ ପକ୍ଷରୁ ଆର୍ଯ୍ୟନ ୫ଟି ଏବଂ ପ୍ରିୟାଂଶୁ, ରିଷି ଓ ରଶ୍ମୀ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ରିୟନାଥ ମିଶ୍ର ଅତିଥିଭାବେ ଯୋଗଦେଇ ଆର୍ଯ୍ୟନଙ୍କୁ ପୁରସ୍କୃତ କରିଥିଲେ।



ଜୟନ୍ତ ସ୍ମାରକୀ ଆନ୍ତଃସ୍କୁଲ ଫୁଟ୍‌ବଲ ଟୁର୍ନାମେଣ୍ଟର ଉଦ୍‌ଘାଟନୀରେ ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଖେଳାଳିମାନେ।






4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ